NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
13 MAY 2025
ମଙ୍ଗଳବାର
୧୩ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 352 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୩୫୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

Admission Going on for +2 1st Yr. Sc.(CBSE & CHSE), JEE & NEET -2026

TETRAHEDRON
ACADEMY PRIVATE LIMITED
Tangi, Cuttack-754022,Mob. : 8093064522, 8093064525, 9040363480, 7008222977

71 MBBS IN 2024 | www.tetrahdroncoaching.com | 54 MBBS IN 2023

We are expecting 140 to 180 Govt. MBBS Admissions in 2025

Above 580 : 4 | Above 570 : 12 | Above 560 : 23 | Above 550 : 39 | Above 540 : 51
Above 530 : 70 | Above 520 :94 | Above 510 : 114 | Above 500 : 140 | Above 490 : 150

(After NTA Results, Marks of students may increase/decrease by 10 marks)



OUR ACHIEVERS FOR AIIMS




71 MBBS IN 2024
- 5 Students admitted in AIIMS
- 8 Students admitted in SCB MCH, Cuttack
- 9 Students admitted in MKCG, Berhampur
- 6 Students admitted in VIMSAR, Burla

54 MBBS IN 2023
- 2 Students admitted in AIIMS
- 9 Students admitted in SCB MCH, Cuttack
- 5 Students admitted in VIMSAR, Burla
- 13 Students admitted in MKCG, Berhampur

ଆମେ ଏଥି ପାଇଁ ସତନ୍ତ ଯେ....
- ଆମେ concept level ରୁ ଆରମ୍ଭ କରି Higher level ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷାଦାନ ଦେଇଥାଉ ।
- କ୍ଲାସ୍ ରୁମ୍ ପାଠ୍ୟକ୍ରମରେ ପ୍ରତ୍ୟେକ ବିଷୟର Maximum Problem ଆମେ ସେହି କ୍ଲାସ୍ ରୁମରେ ହିଁ ସମାଧାନ କରିବାକୁ ଚେଷ୍ଟା କରିଥାଉ ।
- ପ୍ରତ୍ୟେକ ଦିନ ୩ଟାରୁ ଆରମ୍ଭ କରି ରାତ୍ର ୯ଘଟିକା ପର୍ଯ୍ୟନ୍ତ ପିଲାମାନଙ୍କର doubt clear କରିବା ପାଇଁ ସେହି ବିଭାଗର ପ୍ରମୁଖ ଶିକ୍ଷକଙ୍କ ଦ୍ୱାରା ବ୍ୟବସ୍ଥା କରିଥାଉ ।
- 100% watchfullness on Self Study from 8am to 12am or 8am to 2am(Optional)
- Class distribution (Weekly) Phyiscs : 18hr Class (3 Expert's), Chemistry -15hr Class (3 Expert's)

OUR FACULTIES

DEPT. OF PHYSICS :
- Mr. Maheswar Parida(MP Sir) Contact No. : 9437026135
- Mr. Milan Kumar Samal (Milan Sir) Contact No. : 9437041629
- Mr. Manas Mishra (MM Sir) Contact No. : 9937162149
- Mr. Suman Kr. Sharma (SK Sir) Contact No. : 7903636986
- Mr. Satyasai Biswal (SB Sir) Contact No. : 9437026135
- Mr. Ratnakar Das(RD Sir) Contact No. :7978424480
- Mr. Anil Kumar Biswal Contact No. : 8328952061
- Er. Ananga Udaya Bal Contact No. : 7381666688

DEPT. OF CHEMISTRY :
- Dr. Kailash Chandra Rout(KR Sir)
- Dr. Baikuntha Narayan Dash(BN Sir)
- Mr. Tridib Behera Contact No. : 7008222977
- Mr. Bhagirathi Mallick (BM Sir) Contact No. : 9937404997
- Dr. Ashok Kumar Roul (AKR Sir) Contact No. : 9438076306
- Mr. Narayan Sahu (NS Sir) Contact No. : 7008611836
- Mr. Keshab Chandra Nath(KN Sir) Contact No. : 7381815427
- Dr Ranjit Kumar Kesh (RK Sir) Contact No. : 7978170981

DEPT. OF BOTANY :
- Mr. Amitav Behera (AB Sir) Contact No. : 9348694181
- Mr. Manas Kumar (MK Sir)

DEPT. OF ZOOLOGY :
- Dr. Kamalakanta Sahoo (KK Sir)
- Mr. Akshya Kumar Mohanty (AS Sir)
- Mrs. Manorama Sahoo (MS Mam)

DEPT. OF MATHEMATICS :
- Mr. Binod Kumar (BK Sir) Contact No. : 8298064154
- Mr. Manas Khuntia(MK Sir) Contact No. : 9853827515

Qualifying & Scholarship Test for NEET : 18th May, 25th May, 1st June and 9th June 2025 (any one) Exam from 11am. to 2.00pm. (Reporting at 10.00am.)

FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

Name of the Exam Centre :

| TETRAHDRON | TETRAHDRON | OASIS | SRIRAM HIGHER | ARYAVAT | SANDILYA |
|---|---|---|---|---|---|
| Group of Institutions | Coaching | Gopabandhu Square | Secondary School | Higher Secondary School | College of Science |
| Tangi, Cuttack | Arunodaya Nagar, Cuttack | Bhubaneswar | Soro, Near NH-16,Balasore | Soubhagya Nagar, Angul | Dehuripali, Budharaja,Sambalpur |
| M. : 9040363480 | M. : 8093064572 | M. : 8093064525 | M. : 8093664112 | M. :9348300700 | M. : 9040363480 |

One Year NEET Coaching Starts from 20th May, 29th May, 4th June & 22nd June 2025






# ନବନୀତ୍‌ଙ୍କୁ ପାକିସ୍ତାନରୁ ଆସିଲା ହତ୍ୟା ଧମକ



**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ବିଜେପି ନେତ୍ରୀ ନବନୀତ୍ ରାଣା ଏବଂ ତାଙ୍କ ସ୍ୱାମୀ ବିଧାୟକ ରବି ରାଣାଙ୍କୁ ପାକିସ୍ତାନରୁ ହତ୍ୟା ଧମକ ମିଳିଛି। ସେ ଏନେଇ ଖାର୍ ଥାନାରେ ଅଭିଯୋଗ କରିଛନ୍ତି। ଆସିଥିବା ଏକ ଧମକପୂର୍ଣ୍ଣ ଫୋନ୍ କଲ୍‌ରେ ତାଙ୍କୁ ହିନ୍ଦୁ ସିଂହୀ ବୋଲି ସମ୍ବୋଧନ କରାଯାଇଥିଲା ଏବଂ ହତ୍ୟା କରିବାକୁ ଧମକ ଦିଆଯାଇଥିଲା। ତେବେ ଅଭିଯୋଗ ପରେ ପୁଲିସ୍ ଏନେଇ ତଦନ୍ତ ଆରମ୍ଭ କରିଛି ଏବଂ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମଧ୍ୟ ସହାୟତା ନେଉଛି। ରାଣାଙ୍କ ବ୍ୟକ୍ତିଗତ ସଚିବ ନିଶ୍ଚିତ କରିଛନ୍ତି ଯେ, ଉଭୟ ନବନୀତ୍ ଏବଂ ରବିଙ୍କୁ ହତ୍ୟା ଧମକ ଦିଆଯାଇଛି ଏବଂ ସେମାନେ ପୋଲିସରେ ଅଭିଯୋଗ କରିଛନ୍ତି। ପାକିସ୍ତାନ ନମ୍ବରରୁ ଫୋନ କରିଥିବା ସନ୍ଦିଗ୍ଧଜଣକ ନବନୀତଙ୍କୁ କହିଥିଲା ଯେ, 'ଆମ ପାଖରେ ତୁମର ସମସ୍ତ ସୂଚନା ଅଛି। ତୁମେ ନିଜକୁ ଜଣେ ହିନ୍ଦୁ ସିଂହୀ ଦେଖାଉଛ। ତେବେ ତୁମେ ଏବଂ ତୁମ ସ୍ୱାମୀ ଆଉ କେବଳ କିଛି ଦିନର ଅତିଥି। ଆମେ ତୁମଙ୍କୁ ହତ୍ୟା କରିବୁ। ସିନ୍ଦୁର ରହିବନି କି ତୁମେ ବି ରହିବନି।' ତେବେ ଏପ୍ରକାର ଧମକ ରାଣାଙ୍କ ସୁରକ୍ଷା ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ତାଙ୍କ ସ୍ୱାମୀ ବିଧାୟକ ରବି ରାଣାଙ୍କ ମୋବାଇଲକୁ ମଧ୍ୟ ସମାନ ଧମକ ଆସିଥିଲା। ପାକିସ୍ତାନରୁ ବିଭିନ୍ନ ନମ୍ବରରୁ କଲ ଆସିଛି। ପ୍ରକାଶ, ଗତବର୍ଷ ମଧ୍ୟ ନବନୀତ ରାଣାଙ୍କୁ ପାକିସ୍ତାନରୁ ଧମକ ମିଳିଥିଲା। ତାଙ୍କୁ ହତ୍ୟା ଧମକ ଦେଇ ତାଙ୍କ ହ୍ୱାଟ୍ସଆପ ନମ୍ବରକୁ ଏକ କ୍ଲିପ୍ ପଠାଯାଇଥିଲା।

ପ୍ରକାଶ, ଦୁଇ ଦିନ ପୂର୍ବେ ନବନୀତ ରାଣା ଅପରେଶନ ସିନ୍ଦୁର ପରେ ପାକିସ୍ତାନ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା କରିଥିଲେ। ତାଙ୍କ ବିବୃତିରେ ସେ କହିଥିଲେ, ସେମାନେ (ଭାରତୀୟ ସୈନିକମାନେ) ଘରେ ପ୍ରବେଶ କରି ତୁମକୁ ହତ୍ୟା କରିଛନ୍ତି, ସେମାନେ ତୁମର କବର ଖୋଳିଛନ୍ତି।' ତୁମର ବାପା ଦିଲ୍ଲୀରେ ଦେଶର ସିଂହାସନରେ ମୋଦୀ... ତୁମେ କ'ଣ କହିବ, ଛୋଟ ପାକିସ୍ତାନ, ଛେଳିର ମାଆ କେତେଦିନ ଖୁସି ରହିବ। ଆମେ ତୁମମାନଙ୍କୁ ଜଣ ଜଣ କରି ହତ୍ୟା କରିବୁ। ମୁଁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଏବଂ ଅଭିନନ୍ଦନ ଜଣାଉଛି। ଶତ୍ରୁ ଘରେ ପଶି ହତ୍ୟା କରିବାର ଅର୍ଥ କ'ଣ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଦେଖାଇଛନ୍ତି।

# ଜରୁରୀ ପ୍ରଭାବରେ ଖୋଲିଲା ୩୨ ବିମାନବନ୍ଦର

## ଆଜି ଖୋଲିବ ଶ୍ରୀନଗର ଏୟାରପୋର୍ଟ





**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ପାକିସ୍ତାନ ବିରୋଧରେ ଭାରତୀୟ ସେନାର 'ଅପରେଶନ ସିନ୍ଦୁର' ସମୟରେ ବନ୍ଦ ହୋଇଥିବା ୩୨ଟି ବିମାନବନ୍ଦରକୁ ପୁଣି ଖୋଲାଯାଇଛି। ସୋମବାର (୧୨ ମେ, ୨୦୨୫) ଏକ ପ୍ରେସ ବିଜ୍ଞପ୍ତି ଜାରି କରି ବିମାନବନ୍ଦର କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ଦେଶର ଉତ୍ତର ଏବଂ ପଶ୍ଚିମ ଭାଗରେ ୩୨ଟି ବିମାନବନ୍ଦର ଖୋଲିବା ପାଇଁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ବିମାନ କର୍ମଚାରୀମାନଙ୍କୁ ଏକ ନୋଟିସ (ନୋଟାମ୍) ଜାରି କରି ତୁରନ୍ତ ପ୍ରଭାବରେ ଏସବୁ ବିମାନବନ୍ଦରଗୁଡ଼ିକୁ ଖୋଲିବାକୁ କହିଛି। ଏହି ବିମାନବନ୍ଦରଗୁଡ଼ିକ ମଧ୍ୟରେ ଉଦ୍ଧମପୁର, ଅମ୍ବାଲା, ଅମୃତସର, ଅବନ୍ତୀପୁର, ଭଠିଣ୍ଡା, ଭୁଜ୍, ବିକାନେର, ଚଣ୍ଡିଗଡ଼, ହଲଓ୍ୱାରା, ହିଣ୍ଡନ, ଜୈସଲମେର, ଜମ୍ମୁ, ଜାମନଗର, ଯୋଧପୁର, କାଣ୍ଡଲା, କାଙ୍ଗଡା, କେଶୋଡ, କିଶନଗଡ଼, କୁଲ୍ଲୁମନାଲି, ଲେହ, ଲୁଧିଆନା, ମୁନ୍ଦ୍ରା, ନାଲିଆ, ପଠାନକୋଟ, ପଟିଆଲା, ପୋରବନ୍ଦର, ରାଜକୋଟ (ହିରାଜସର), ସରସୱା, ଶିମଲା, ଶ୍ରୀନଗର, ଥୋଏସ ଏବଂ ଉତ୍ତରଲାଇ। ଏହି ବିମାନବନ୍ଦରଗୁଡ଼ିକ ଏବେ ତୁରନ୍ତ ପ୍ରଭାବରୁ ବେସାମରିକ ବିମାନ ପରିଚାଳନା ପାଇଁ ଉପଲବ୍ଧ। ଯାତ୍ରୀମାନଙ୍କୁ ଏୟାରଲାଇନ୍ସ ସହିତ ସିଧାସଳଖ ବିମାନ ସ୍ଥିତି ଯାଞ୍ଚ କରିବାକୁ ଏବଂ ନିୟମିତ ଅପଡେଟ୍ ପାଇଁ ଏୟାରଲାଇନ୍ସ ୱେବସାଇଟ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଭାରତ-ପାକିସ୍ତାନ ଯୁଦ୍ଧ ମଧ୍ୟରେ ୨୦୦ରୁ ଅଧିକ ବିମାନ ବାତିଲ ଏବଂ ପ୍ରଭାବିତ ହୋଇଥିଲା। ଏଏଆଇ ଭାରତର ବିଭିନ୍ନ ପ୍ରମୁଖ ଏୟାରଲାଇନ୍ସଗୁଡ଼ିକୁ ବିମାନର ଯାଞ୍ଚ କରିବା ଏବଂ ତଦନୁସାରେ ଯାତ୍ରା ଆରମ୍ଭ କରିବା ପାଇଁ ଯାତ୍ରା ପରାମର୍ଶ ଜାରି କରିଛନ୍ତି। ତେବେ ବର୍ତ୍ତମାନ ସମୟରେ ମଧ୍ୟ ଶ୍ରୀନଗର ଏୟାରପୋର୍ଟକୁ ସୋମବାର ଖୋଲିବା ପାଇଁ ଅନୁମତି ଦିଆଯାଇନଥିବା ବେଳେ ମଙ୍ଗଳବାର ଠାରୁ ଖୋଲିବ ବୋଲି କୁହାଯାଇଛି। ପ୍ରକାଶ, ପାକିସ୍ତାନ ଏହି ବିମାନବନ୍ଦର ଉପରେ ଡ୍ରୋନ୍ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଯଦିଓ ପାକିସ୍ତାନର ଆକ୍ରମଣ ଉଦ୍ୟମକୁ ବିଫଳ କରିଦିଆଯାଇଥିଲା ତଥାପି ଏଠାରୁ ବିମାନ ଉଡାଣ ପ୍ରକ୍ରିୟାକୁ ବନ୍ଦ କରିଦିଆଯାଇଥିଲା।

## ପୁଣି ତିନି ସେନା ମହାନିର୍ଦ୍ଦେଶକଙ୍କ ପ୍ରେସ୍ ବ୍ରିଫିଂ

# ପାକ୍ କ୍ଷୟକ୍ଷତିର ପ୍ରମାଣ ଦେଲେ

**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ସୋମବାର ଭାରତ ନିଶ୍ଚିତ କରିଛି ଯେ ଅପରେସନ୍ ସିନ୍ଦୁର ସମୟରେ ଏକ ପାକିସ୍ତାନୀ ମିରାଜ ଯୁଦ୍ଧ ବିମାନ ଖସାଯାଇଛି। ଭାରତୀୟ ସେନା ଦ୍ୱାରା ଶେୟାର କରାଯାଇଥିବା ଏକ ଭିଡିଓରେ ପାକିସ୍ତାନୀ ମିରାଜର ଭଗ୍ନାବଶେଷ ଦେଖାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ପ୍ରେସ ବ୍ରିଫିଂରେ, ଭାରତୀୟ ସେନା, ବାୟୁସେନା ଏବଂ ନୌସେନାର ତିନି ସେନା ମହାନିର୍ଦ୍ଦେଶକ ଅପରେସନ୍ ସିନ୍ଦୁରର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ସୋମବାର ଆୟୋଜିତ ଏହି ପ୍ରେସ୍‌ମିଟରେ ଡିରେକ୍ଟର ଜେନେରାଲ୍ ଅଫ୍ ମିଲିଟାରୀ ଅପରେସନ୍ସ (ଡିଜିଏମ୍‌ଓ) ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ, ଡିରେକ୍ଟର ଜେନେରାଲ ଏୟାର ଅପରେସନ୍ସ (ଡିଜିଏଓ) ଏୟାର ଭାଇସ ମାର୍ଶାଲ ଏକେ ଭାରତୀ ଏବଂ ଡିରେକ୍ଟର ଜେନେରାଲ ଅଫ ନାଭାଲ ଅପରେସନ୍ସ (ଡିଜିଏନ୍‌ଓ) ଭାଇସ ଆଡମିରାଲ ଏଏନ୍ ପ୍ରମୋଦ ମିଳିତ ଭାବେ ସୂଚନା ଦେଇଥିଲେ। ଏୟାର ଭାଇସ ମାର୍ଶାଲ ଏକେ ଭାରତୀ ବ୍ରିଫିଂରେ କହିଛନ୍ତି ଯେ, ଆମର ଯୁଦ୍ଧ-ପରୀକ୍ଷିତ ସିଷ୍ଟମଗୁଡ଼ିକ ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି ଏବଂ ସେମାନଙ୍କୁ ସିଧାସଳଖ ମୁକାବିଲା କରିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ



ହେଉଛି ସ୍ୱଦେଶୀ ଏୟାର ଡିଫେନ୍ସ ସିଷ୍ଟମ, ଆକାଶ ସିଷ୍ଟମର ଉଲ୍ଲେଖନୀୟ ପ୍ରଦର୍ଶନ। ଗତ ଦଶନ୍ଧି ମଧ୍ୟରେ ଭାରତ ସରକାରଙ୍କ ବଜେଟ ଏବଂ ନୀତି ସମର୍ଥନ ହେତୁ ଏକ ଶକ୍ତିଶାଳୀ ଏୟାର ଡିଫେନ୍ସ ପରିବେଶ ଗଢ଼ି ଉଠିବା ସମ୍ଭବ ହୋଇଛି। ଅପରେସନ୍ ସିନ୍ଦୁର ପ୍ରାୟ ୨୫ ମିନିଟ୍ ହୋଇଥିଲା ଏବଂ ମେ ୭ ତାରିଖ ଭୋରରେ କାର୍ଯ୍ୟକାରୀ ହୋଇଥିଲା। ଏହା ୯ଟି ନିଶ୍ଚିତ ଆତଙ୍କବାଦୀ ସ୍ଥାନ ଉପରେ ଆକ୍ରମଣ କରିଥିଲା ଯେଉଁଥିରୁ ଚାରୋଟି ମୂଳ ପାକିସ୍ତାନରେ ଏବଂ ୫ଟି ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିଲା। ଏହି ଅପରେସନରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିଷ୍କ୍ରିୟ କରାଯାଇଛି ଏବଂ ଲସ୍କର-ଏ-ତୋଇବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦୀନ ସହିତ ଜଡ଼ିତ ଏକାଧିକ ସୁବିଧା ନଷ୍ଟ ହୋଇଛି। ଏହି ଅବସରରେ ଏୟାର ମାର୍ଶଲ୍ ଏକେ ଭାରତୀ ତୁଳସୀ ଦାସଙ୍କ ରଚିତ ମହାକାବ୍ୟ ରାମଚରିତମାନସ'ର ଏକ ଫକ୍ତି "ବିନୟ ନା ମାନତ ଜଲଧ ଜଡ ଗଏ ତିନ ଦିନ ବିତି। ବୋଲେ ରାମ ସ୍କୋପ ତବ ଭୟ ବିନୁ ହେୟ ନା ପ୍ରୀତି"କୁ ଦୋହରାଇଥିଲେ। ସେହିପରି ଡିଜିଏମ୍‌ଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ମଧ୍ୟ କବି ରାମଧାରୀ ସିଂ ଦିନକରଙ୍କ ଫକ୍ତି "ଯାଚନା ନେହିଁ, ଅବ ରଣ ହୋଗା, ଜୀବନ-ଜୟ ୟା କି ମରଣ ହୋଗା"କୁ ଦୋହରାଇଥିଲେ। ତିନି ସେନାବାହିନୀର ତିନି ମହାନିର୍ଦ୍ଦେଶକ ପ୍ରେସ୍ ବ୍ରିଫିଂକୁ ଆସିବା ଏବଂ ପାକିସ୍ତାନ ସହ ଭାରତର ଡିଜିଏମ୍‌ଓସ୍ତରୀୟ ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ଚିଫ୍ ଅଫଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ, ତିନି ସେନାର ମୁଖ୍ୟ ଏବଂ ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

## 'ପରାଜୟ'କୁ ସହିପାରୁନି ପାକିସ୍ତାନ, ସାଇବର ଆଟାକ୍ ଲାଗି ଚଳାଇଛି ପ୍ଲାନ୍

# ପାକିସ୍ତାନୀ ହ୍ୟାକର୍‌ସଙ୍କ ଟାର୍ଗେଟ୍‌ରେ ଭାରତୀୟ



**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ଭାରତୀୟ ସେନାର 'ଅପରେସନ ସିନ୍ଦୁର'ର ଉଗ୍ର ପ୍ରହାରରେ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିବା ପାକିସ୍ତାନ ଏପ୍ରକାର ପରାଜୟକୁ ବରଦାସ୍ତ କରିପାରୁନାହିଁ। ଏଥିପାଇଁ ପାକିସ୍ତାନ ଏବେ ଭାରତ ବିରୋଧରେ ସାଇବର ଆଟାକ୍'କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଯୋଜନା କରୁଛି। ସାଇବର ଆଟାକ୍ କରି ଭାରତୀୟଙ୍କୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଛି ପାକିସ୍ତାନ। ଏଥିପାଇଁ ପାକିସ୍ତାନୀ ସେନା ଅନେକ ହ୍ୟାକରସ୍‌ଙ୍କୁ ମଧ୍ୟ କାମରେ ନିୟୋଜିତ କରାଇଥିବା ସୂଚନା ମିଳିଛି। ସାମ୍ନାସାମ୍ନି ଯୁଦ୍ଧରେ ଭାରତୀୟ ସେନାକୁ ପରାସ୍ତ କରିବା ତା' ପାଇଁ କଷ୍ଟକର ବ୍ୟାପାର ବୋଲି ବୁଝିସାରିଥିବା ପାକିସ୍ତାନୀ ସେନା ଏବେ ଏପ୍ରକାର କୁତ୍ସିତ କାର୍ଯ୍ୟ କରିବାକୁ ଯୋଜନା କରୁଛି। ମିଳିଥିବା ଗୁଇନ୍ଦା ରିପୋର୍ଟ ଅନୁସାରେ ପାକିସ୍ତାନ ହ୍ୟାକର୍‌ସଙ୍କ ଟାର୍ଗେଟ୍‌ରେ ଏବେ କୋଟିକୋଟି ଭାରତୀୟ ସୋସିଆଲ ମିଡିଆ ୟୁଜର୍ସ ରହିଛନ୍ତି। 'ଡ୍ୟାନ୍ସ ଅଫ ଦ ହିଲାରୀ' ନାଁରେ ଭାଇରସ୍ ପଠାଇ ଭାରତୀୟ ୟୁଜର୍ସମାନଙ୍କୁ ନିଜ ଜାଲରେ ଫସାଉଛନ୍ତି ଏମାନେ। ସୋସିଆଲ ମିଡିଆ ନେଟୱାର୍କ, ଇମେଲ ଜରିଆରେ ଏହି ଭାଇରସ୍ ପଠାଯାଉଛି। ଏହି ଭାଇରସ୍ ଦ୍ୱାରା ଥରେ ଯଦି କୌଣସି ମୋବାଇଲ, କମ୍ପ୍ୟୁଟର ଭଳି କୌଣସି ଇଲେକ୍ଟ୍ରୋନିକ୍ସ ଡିଭାଇସ ଇନ୍‌ଫେକଟେଡ ହେଉଛି ତେବେ ବ୍ୟକ୍ତିବିଶେଷଙ୍କ ବ୍ୟାଙ୍କ କାରବାର ସମ୍ପର୍କିତ କିମ୍ବା ବ୍ୟକ୍ତିଗତ ଡାଟା ସେମାନଙ୍କ ପାଖକୁ ଚାଲିଯାଉଛି। ତେଣୁ କୌଣସି ଅଜଣା ଲିଙ୍କରେ କ୍ଲିକ୍ ନକରିବାକୁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ। ଏମିତିକି taskche.exe ଭଳି ଫାଇଲ୍ ଯଦି କମ୍ପ୍ୟୁଟରରେ ଦେଖିବାକୁ ମିଳେ ତେବେ ତୁରନ୍ତ ତାକୁ ଡିଲିଟ କରିବା ଲାଗି ଆଲର୍ଟ କରାଯାଇଛି। ଏଥିରୁ ବର୍ତ୍ତିବା ଲାଗି ମିଡିଆ ଅଟୋ ଡାଉନଲୋଡ ଫିଚର ବନ୍ଦ ରଖିବାକୁ କୁହାଯାଇଛି।

# ୧୩ରୁ ବିଜେପିର ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା

**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ଆସନ୍ତା କାଲି ଅର୍ଥାତ ମେ ୧୩ ତାରିଖରୁ ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଆୟୋଜନ କରିବ ଭାରତୀୟ ଜନତା ପାର୍ଟି (ବିଜେପି)। ଏହା ଆଗାମୀ ୨୩ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ଆସନ୍ତା କାଲି ଠାରୁ ୧୦ ଦିନ ଧରି ଜାରି ରହିବ। ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ଅପରେସନ 'ସିନ୍ଦୂର'ର ସଫଳତା ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଯିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଅପରେସନ ସିନ୍ଦୂରରେ ଭାରତ କିପରି ନିଜ ନାଗରିକମାନଙ୍କୁ ସଙ୍କଟରୁ ସୁରକ୍ଷିତ ରଖିଲା ଏବଂ ଜାତୀୟ ସ୍ୱାଭିମାନକୁ ମଜଭୁତ କଲା ସେ ବିଷୟରେ ବିଜେପି ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କୁ ବୁଝାଇବ। ଦଳର ବରିଷ୍ଠ ନେତା ସମ୍ବିତ ପାତ୍ର, ବିନୋଦ ତାବଡେ ଏବଂ ତରୁଣ ଚୁଗଙ୍କୁ ତ୍ରିରଙ୍ଗା ଯାତ୍ରା ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ନେତା ନିଜେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଯାତ୍ରାର ନେତୃତ୍ୱ ନେବେ। ଦଳର ମୁଖପାତ୍ର ସାଂସଦ ସମ୍ବିତ ପାତ୍ର ସୋମବାର ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେବା ସହିତ ଭାରତ ଆତଙ୍କବାଦ ବିରୋଧରେ ଲଢ଼େଇ ଲଢ଼ିଛି ଏବଂ ସେନାର ସାହସ ଏହି ଅପରେସନକୁ ସଫଳ କରିଛି ବୋଲି କହିଛନ୍ତି।

# ବର୍ତ୍ତିପାରିବେନି ଶତ୍ରୁ, ଅନ୍ତରୀକ୍ଷରୁ ନଜର ରଖିଛି ଇସ୍ରୋ

## ଅହରହ କାମ କରୁଛନ୍ତି ୧୦ ସାଟେଲାଇଟ୍: ଇସ୍ରୋ ଅଧ୍ୟକ୍ଷ

**ଇମ୍ଫାଲ,୧୨।୫/ଏଜେନ୍ସି:** ମହାକାଶ ଗବେଷଣା ଦିଗରେ ମୁଖ୍ୟତଃ କାମ କରୁଥିବା ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ), ଭାରତକୁ ସୁରକ୍ଷିତ ରଖିବା ଦିଗରେ ମଧ୍ୟ ଦେଉଥିବା ଅବଦାନ ସମ୍ପର୍କରେ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ୍ ସୂଚନା ଦେଇ କହିଛନ୍ତି, ଭାରତର କୌଣସି ଶତ୍ରୁ ବର୍ତ୍ତିପାରିବେନାହିଁ। ଅନ୍ତରୀକ୍ଷରୁ ଇସ୍ରୋ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ଭାରତର ସ୍ଥଳ ଓ ଜଳ ସୀମାରେଖାରେ (୭୦୦୦ କିଲୋମିଟର ପରିବ୍ୟାପ୍ତ) ୨୪ ଘଣ୍ଟିଆ ନଜର ରଖିଛନ୍ତି ଇସ୍ରୋର ୧୦ ସାଟେଲାଇଟ୍। ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ତଥ୍ୟ ଏବଂ କୌଣସି ସଙ୍ଗଠନର ସନ୍ଦେହମୂଳକ କାର୍ଯ୍ୟକଳାପ ବିଷୟରେ ଏହି ସାଟେଲାଇଟ୍‌ଗୁଡ଼ିକ ନିରବଚ୍ଛିନ୍ନ ଭାବେ ତଥ୍ୟ ପ୍ରଦାନ କରୁଛନ୍ତି।



ମଣିପୁରର ଇମ୍ଫାଲରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ଭାରତର ସୁରକ୍ଷା ସମ୍ପର୍କରେ କହିବାକୁ ଯାଇ ଡ. ଭି ନାରାୟଣନ୍ ଏପରି ସୂଚନା ଦେଇଛନ୍ତି। ନାରାୟଣନ୍ କହିଛନ୍ତି, "ଯଦି ଆମେ ଆମ ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଚାହିଁବା, ତାହାଲେ ଆମକୁ ନିରନ୍ତର ଭାବେ ଉତ୍ତର ଅଞ୍ଚଳ ଏବଂ ସାମୁଦ୍ରିକ ଅଞ୍ଚଳ ଉପରେ ନଜର ରଖିବାକୁ ପଡିବ। ଆମେ ସାଟେଲାଇଟ ଏବଂ ଡ୍ରୋନ ଟେକ୍ନୋଲୋଜି ବିନା ଦେଶକୁ ପୂର୍ଣ୍ଣ ସୁରକ୍ଷା ଦେଇପାରିବା ନାହିଁ। ବିଶେଷ କରି ବର୍ତ୍ତମାନର ପରିସ୍ଥିତି ସମୟରେ ସାଟେଲାଇଟ ଦ୍ୱାରା ଶତ୍ରୁ ପକ୍ଷର ଗତିବିଧି ଉପରେ ନଜର ରଖାଯାଉଛି। ପାକିସ୍ତାନ ସହ ଅନ୍ୟ ଶତ୍ରୁଙ୍କ ଉପରେ ମଧ୍ୟ ନଜର ରଖିଛି ଇସ୍ରୋ। ଦେଶର ସୁରକ୍ଷା ପାଇଁ ଅନବରତ କାମ କରୁଛନ୍ତି ଏହି ସାଟେଲାଇଟଗୁଡ଼ିକ।" ଏହି ଅବସରରେ ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ୍ ଯୁବପିଢିଙ୍କୁ ମହାକାଶ ବିଜ୍ଞାନ ଓ ଟେକ୍ନୋଲୋଜି ରେ ଭାଗ ନେଇ ଦେଶର ପ୍ରଗତିରେ ସାମିଲ ହେବାକୁ ଅହ୍ୱାନ କରିଛନ୍ତି। ସୂଚନାଯୋଗ୍ୟ, ଭାରତ ଓ ପାକିସ୍ଥାନ ମଧ୍ୟରେ ଉତ୍ତେଜନା ସମୟରେ ଭାରତ ତାର ଆଡଭାନ୍ସଡ ଟେକ୍ନୋଲୋଜି ଓ ପ୍ରତିରକ୍ଷା ପ୍ରସ୍ତୁତି ଦ୍ୱାରା ଶତ୍ରୁ ପାକିସ୍ତାନକୁ ମାତ୍ ଦେଇଛି। ଅପରେସନ ସିନ୍ଦୂରରେ ଭାରତ ବ୍ୟବହାର କରିଥିବା ଡ୍ରୋନ ମିସାଇଲ ଓ ଏୟାର ଡିଫେନ୍ସ ସିଷ୍ଟମ କେତେ ଆଡଭାନ୍ସଡ ସେସବୁର ପ୍ରମାଣ ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରତିଫଳିତ ହୋଇଛି।

# ଟ୍ରମ୍ପଙ୍କ ଆଉ ଏକ ବିବାଦୀୟ ଦୃଢ଼ୋକ୍ତି

**ୱାଶିଂଟନ, ୧୨।୫/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଆଉ ଏକ ବିବାଦୀୟ ଦୃଢ଼ୋକ୍ତି କରିଛନ୍ତି। ସେ କହିଛନ୍ତି ଯେ, ଭାରତ-ପାକିସ୍ତାନ ମଧ୍ୟରେ ନିଶ୍ଚିତ ହେବାକୁ ଥିବା ପରମାଣୁ ଯୁଦ୍ଧକୁ ସେ ହିଁ ରୋକିଛନ୍ତି। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ହେବା ପରେ ତାହାର ଶ୍ରେୟ ନେବାକୁ ବାରମ୍ବାର ଚେଷ୍ଟା କରୁଥିବା ଟ୍ରମ୍ପ ବର୍ତ୍ତମାନ ଏବେ ଏପ୍ରକାର ମନ୍ତବ୍ୟ ଦେଇ ବିଶ୍ୱସ୍ତରରେ ବାଃବାଃ ନେବାର ଲାଳସାକୁ ସର୍ବସମ୍ମୁଖରେ ପ୍ରଦର୍ଶନ କରିଛନ୍ତି। ଭାରତ ଏବଂ ପାକିସ୍ତାନକୁ ପରମାଣୁ ଯୁଦ୍ଧରୁ ଆମେରିକା ରକ୍ଷା କରିଛି ବୋଲି ଟ୍ରମ୍ପ ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଯେଉଁଭଳି ଭାବେ ଆକ୍ରମଣ ପ୍ରତିଆକ୍ରମଣ ଚାଲିଥିଲା, ତାହା ପରମାଣୁ ଯୁଦ୍ଧ ଆଡ଼କୁ ଅଗ୍ରସର ହୋଇଥାଆନ୍ତା। ଆମେରିକା ଅସ୍ତ୍ରବିରତି ଦିଗରେ ପଦକ୍ଷେପ ନେଇ ଦୁଇ ଦେଶକୁ ପରମାଣୁ ଯୁଦ୍ଧରୁ ରକ୍ଷା କରିଛି। ଶନିବାର ତାଙ୍କ ପ୍ରଶାସନ ତୁରନ୍ତ ଅସ୍ତ୍ରବିରତି ଦିଗରେ ଉଭୟ ପାକିସ୍ତାନ ଏବଂ ଭାରତକୁ ସହାୟତା କରିଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଏହି ବିବାଦ ପରମାଣୁ ଯୁଦ୍ଧରେ ଶେଷ ହୋଇଥାଆନ୍ତା। ଆମେ ଏହାକୁ ରୋକିବାରେ ବହୁତ ବଡ଼ ପଦକ୍ଷେପ ନେଇଛୁ। ଟ୍ରମ୍ପଙ୍କ ଏପରି ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ପାକିସ୍ତାନ ଡିଜିଏମଓ ଭାରତକୁ ଫୋନ କରି ଅସ୍ତ୍ରବିରତି ପାଇଁ ଅନୁରୋଧ କରିବାରୁ ଭାରତ ବିଭିନ୍ନ ଦିଗ ଉପରେ ଆଲୋଚନା କରି ଏଥିରେ ସହମତି ପ୍ରକାଶ କରିଥିଲା ବୋଲି ଭାରତୀୟ ସେନା ବାରମ୍ବାର କହି ଆସୁଥିବା ବେଳେ ଟ୍ରମ୍ପଙ୍କ ଏପ୍ରକାର ବୟାନ୍‌ବାଜି ଭାରତ ସରକାରଙ୍କ ପାଇଁ ଅଡୁଆ ବଢ଼ାଇବାରେ ଲାଗିଛି। ଭାରତୀୟ ସେନାର କଥାକୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦୋହରାଇଛନ୍ତି। ଯଦି ମୋଦୀ ଏବଂ ଭାରତୀୟ ସେନା ସତ କହୁଛନ୍ତି ତେବେ ପାକିସ୍ତାନ ସହ ଅସ୍ତ୍ରବିରତିରେ ଟ୍ରମ୍ପଙ୍କର କୌଣସି ଭୂମିକା ନଥିବା ସ୍ପଷ୍ଟ ହେଉଛି। ଏପରି ହେଲେ ଟ୍ରମ୍ପ ନିଜ ଆଡୁ ଏକ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ଯେଉଁଥିରେ ସେ ବିଶ୍ୱକୁ ଦେଖାଇପାରିବେ ଯେ ସେ ବିଶ୍ୱ ଶାନ୍ତି ଦିଗରେ କେତେ ବଡ଼ କାମ କରୁଛନ୍ତି।

**ଭାରତ-ପାକିସ୍ତାନ ପରମାଣୁ ଯୁଦ୍ଧ ରୋକିଦେଲୁ**

## ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିବିସି ପ୍ରତିନିଧିଙ୍କ ପ୍ରଶ୍ନ

# ପାକିସ୍ତାନରେ କ'ଣ ସତରେ ଆତଙ୍କବାଦୀ ରହୁଛନ୍ତି ?



**ଇସଲାମାବାଦ୍, ୧୨।୫/ଏଜେନ୍ସି:** ଅସ୍ତ୍ରବିରତି ଆଳରେ ଭାରତ-ପାକିସ୍ତାନ ଉତ୍ତେଜନା ଏବେ ସାମାନ୍ୟ ପ୍ରଶମିତ ହୋଇଥିବା ବେଳେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ଏକ ବଡ଼ ମିଛ ସାମ୍ନାକୁ ଆସିଛି। ଖ୍ୱାଜା ଆସିଫ୍ କହିଛନ୍ତି ଯେ, ପାକିସ୍ତାନ କଦାପି ସକ୍ରିୟ ଆତଙ୍କବାଦୀ କିମ୍ବା ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆଶ୍ରୟ ଦିଏ ନାହିଁ। ଏପରିକି ପାକିସ୍ତାନୀ ପ୍ରାନ୍ତରେ ରହୁଥିବା ଲୋକମାନେ 'ପାକିସ୍ତାନ କିମ୍ବା ଭାରତରେ ହେଉ, ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ନୁହଁନ୍ତି। ଚଳିତ ମାସ ଆରମ୍ଭରେ ଆଜାଦେହ ମୋଶିରି ନାମକ ଜଣେ ବ୍ରିଟିଶ ବ୍ରଡ୍‌କାଷ୍ଟ ଚ୍ୟାନେଲ 'ବିବିସି'ର ଜଣେ ପ୍ରତିନିଧି ଖ୍ୱାଜା ଆସିଫ୍‌ଙ୍କ ଏକ ସାକ୍ଷାତକାର କରୁଥିବା ବେଳେ ଏଥିରେ ସେ ସିଧାସଳଖ ପ୍ରଶ୍ନ କରିଥିଲେ ଯେ, ପାକିସ୍ତାନରେ ଆତଙ୍କବାଦୀ ନେତା କିମ୍ବା ଆତଙ୍କବାଦୀ ଗୋଷ୍ଠୀ ସକ୍ରିୟ ରହିଛନ୍ତି କି ? ଏଭଳି ଏକ ପ୍ରଶ୍ନରେ ସାମାନ୍ୟ ଅସ୍ତବ୍ୟସ୍ତ ହୋଇପଡିଥିବା ଆସିଫ୍ କିନ୍ତୁ ନିଜ ଉତ୍ତରରେ ନା' ବୋଲି କହିଥିଲେ। ଜମ୍ମୁ କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକ୍ ସାମରିକ ଉତ୍ତେଜନା ବୃଦ୍ଧି ପାଇବାର କିଛି ଘଣ୍ଟା ପରେ ଏହି ସାକ୍ଷାତକାର ହୋଇଥିଲା। କିନ୍ତୁ ଏବେ ଯେତେବେଳେ ପରିସ୍ଥିତିରେ ସାମାନ୍ୟ ସୁଧାର ଆସୁଛି ସେତେବେଳେ ଏହି ଭିଡିଓକୁ ବିବିସି ପକ୍ଷରୁ ଜାରି କରାଯାଇଛି। ପ୍ରକାଶ, କିଛି ଦିନ ପୂର୍ବେ ନିଜେ ଖ୍ୱାଜା ଆସିଫ୍ ସ୍ୱୀକାର କରିଥିଲେ ଯେ, ହଁ ପାକିସ୍ତାନ ଆତଙ୍କବାଦୀଙ୍କ ପାଇଁ ପୃଷ୍ଠପୋଷକ ସାଜିଛି। ସେହିପରି ଦିନକ ପୂର୍ବେ ପାକିସ୍ତାନ ସେନା ମଧ୍ୟ ସ୍ୱୀକାର କରିଥିଲେ ଯେ, ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପାକିସ୍ତାନ ସେନାର ଏକ ଟାକ୍ଟିକାଲ ବ୍ରିଲଆନ୍ସ। ଏସବୁ ବ୍ୟତୀତ ଅନେକ ପ୍ରମାଣ ରହିଛି ଯେ, ବିଶ୍ୱର ଅନେକ ବଡ଼ ବଡ଼ ଆତଙ୍କୀ ନେଟ୍‌ୱାର୍କ ପାକିସ୍ତାନ ମାଟିରେ ନିଜ କାୟା ବିସ୍ତାରିତ କରିଛନ୍ତି।

ପହଲଗାମ ଭଳି ସାମ୍ପ୍ରତିକ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଭାରତର ଅଭିଯୋଗ ସତ୍ତ୍ୱେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୋମବାର ତାଙ୍କ ଦେଶ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା କଥାକୁ ଅସ୍ୱୀକାର କରିଛନ୍ତି। ସେ ବର୍ତ୍ତମାନର ଆତଙ୍କବାଦ ସମସ୍ୟା ପାଇଁ ଅତୀତର ଆମେରିକୀୟ ମେଣ୍ଟକୁ ଦାୟୀ କରିଛନ୍ତି ଏବଂ ଦାବି କରିଛନ୍ତି ଯେ ପାକିସ୍ତାନ ବର୍ଷ ବର୍ଷ ଧରି ଆତଙ୍କବାଦକୁ ସମର୍ଥନ କରିନାହିଁ। ଆମେରିକା ମଧ୍ୟ ବିଶ୍ୱାସ କରୁଛି ଯେ, ପାକିସ୍ତାନ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଭଳି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହନ ଦେଉଛି। ଆସିଫ୍ ଯୁକ୍ତି ବାଢ଼ିଛନ୍ତି ଯେ, ଦଶନ୍ଧି ଧରି, 'ମୁଜାହିଦ୍ଦିନ୍' ଗୋଷ୍ଠୀଗୁଡ଼ିକୁ ସୃଷ୍ଟି କରିବା ଏବଂ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଠାରୁ ଅର୍ଥ ଯୋଗାଇବା ପର୍ଯ୍ୟନ୍ତ ସବୁକିଛିରେ ଆମେରିକାର ହାତ ରହିଥିଲା। ଏମାନେ ପରବର୍ତ୍ତୀ ସମୟରେ ଆତଙ୍କବାଦୀ ଗୋଷ୍ଠୀ ଭାବେ ଉଭା ହୋଇଥିଲେ। କିନ୍ତୁ ପରିତାପର ବିଷୟ ହେଉଛି ଆମେରିକା ଏହାକୁ ଭୁଲିଯାଇଛି, କିନ୍ତୁ ଏପଟେ ପାକିସ୍ତାନକୁ ଏହାର ମୂଲ୍ୟ ଦେବାକୁ ପଡୁଛି। ତେବେ ଆସିଫ୍ ସ୍ୱୀକାର କରିଛନ୍ତି ଯେ, ଆମେରିକା (ଏବଂ ପାକିସ୍ତାନ) ଦ୍ୱାରା ସମର୍ଥିତ ସଂଗଠନଗୁଡ଼ିକ ମଧ୍ୟରେ ହକ୍କାନି ନେଟୱାର୍କ ଅନ୍ତର୍ଭୁକ୍ତ, ଯାହାର ତାଲିବାନ ଏବଂ ଜୈଶ ଏବଂ ଲସ୍କର ଗୋଷ୍ଠୀ ସହିତ ସମ୍ପର୍କ ଥିଲା ଏବଂ ଏବେ ବି ରହିଛି। ଆସିଫ୍ କହିଛନ୍ତି, 'ଯେଉଁ ଆତଙ୍କବାଦୀମାନଙ୍କୁ ପାକିସ୍ତାନରେ ଥିବା ଦାବି କରାଯାଉଛି କିମ୍ବା ସେମାନଙ୍କର ଆତଙ୍କବାଦୀ ସଂଗଠନଗୁଡ଼ିକ ପାକିସ୍ତାନରେ ଅଛନ୍ତି, ସେମାନେ ୮୦ ଦଶକରେ ଆଫଗାନିସ୍ତାନରେ ଆମେରିକାର ପ୍ରୟାସରେ ସହଯୋଗୀ ଥିଲେ। ବାସ୍ତବରେ ଏହା ଆମକୁ ମଧ୍ୟ ହଇରାଣ କରୁଛି। ଏହି ସମସ୍ତ ଲୋକ ଯେଉଁମାନେ ପ୍ରକୃତରେ ଆମର ସହଯୋଗୀ ଥିଲେ, କିମ୍ବା ଆମେ ସେମାନଙ୍କର ସହଯୋଗୀ ଥିଲୁ... ସେମାନେ ସମସ୍ତେ ଏବେ ଏକଦମ୍ ପୁରାପୁରି ସାଧୁ ସାଜିଥିବା ବେଳେ ଆମେ ଖରାପ ହୋଇଯାଇଛୁ।

## ଶେଷ ହେଲା ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ

# ପାରସ୍ପରିକ ଶୁଳ୍କ ହ୍ରାସ ଲାଗି ରାଜିହେଲେ ଉଭୟ ପକ୍ଷ




**ୱାଶିଂଟନ,ବେଜିଂ, ୧୨।୫/ଏଜେନ୍ସି:** ଆମେରିକା-ଚୀନ୍ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧରେ ଯବନିକା ପଡ଼ିବାର ଏକ ବଡ଼ ଆଶା ସଞ୍ଚାର ହୋଇଛି। ରିପୋର୍ଟ ଅନୁସାରେ ଉଭୟ ଆମେରିକା ଏବଂ ଚୀନ୍ ମିଳିତ ପ୍ରୟାସରେ ଦ୍ୱିପାକ୍ଷିକ ଆଲୋଚନା କରିବା ପୂର୍ବକ ପାରସ୍ପରିକ ଶୁଳ୍କ (ଟାରିଫ୍) ହ୍ରାସ କରିବାକୁ ସହମତି ପ୍ରକାଶ କରିଛନ୍ତି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଗଣମାଧ୍ୟମକୁ କହିଛନ୍ତି ଯେ ଦୁଇ ପକ୍ଷ ୯୦ ଦିନ ପାଇଁ ପଦକ୍ଷେପଗୁଡ଼ିକୁ ବିରତ ରଖିବା ପାଇଁ ଏକ ଚୁକ୍ତିରେ ପହଞ୍ଚିଛନ୍ତି। ଏହି ଚୁକ୍ତି ଅନ୍ତର୍ଗତ ପାରସ୍ପରିକ ଶୁଳ୍କରେ ୧୧୫% ହ୍ରାସ କରାଯିବ। ଏପ୍ରକାର ନିଷ୍ପତ୍ତି ଦ୍ୱାରା ଶୁଳ୍କ ହ୍ରାସ ସମ୍ଭାବନା ବଢ଼ିଯାଇଛି। ଦୁଇ ଦେଶ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିଛନ୍ତି ଏବଂ ବାଣିଜ୍ୟ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛନ୍ତି ବୋଲି ସେ କହିଛନ୍ତି।

ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ରିପୋର୍ଟ ଅନୁସାରେ ଜେନିଭାରେ ଚୀନ୍ ଅଧିକାରୀଙ୍କ ସହ ଆଲୋଚନା ପରେ, ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଗଣମାଧ୍ୟମକୁ ଉପରୋକ୍ତ ସୂଚନା ଦେଇଛନ୍ତି। ଆମେରିକା ଚୀନ୍‌କୁ ଆମେରିକୀୟ ସାମଗ୍ରୀ ପାଇଁ ଅଧିକ ଖୋଲା ଦେଖିବାକୁ ଚାହୁଁଥିବା ବେସାଣ୍ଟ କହିଛନ୍ତି। ଚୀନର ବାଣିଜ୍ୟ ମନ୍ତ୍ରଣାଳୟର ଏକ ବିବୃତ୍ତି ଉପରେ ଆଧାରିତ ଗଣନା ଅନୁଯାୟୀ, ଚୀନ୍ ଆମେରିକୀୟ ସାମଗ୍ରୀ ଉପରେ ୧୦% ଶୁଳ୍କ ଲଗାଇବାକୁ ଯାଉଛି, ଯେତେବେଳେ ଆଗାମୀ ୯୦ ଦିନ ପାଇଁ ଅତିରିକ୍ତ ୨୪% ଶୁଳ୍କ ସ୍ଥଗିତ ରଖିବ ଏବଂ ଅତିରିକ୍ତ ୯୧% ଶୁଳ୍କକୁ ଉଚ୍ଛେଦ କରିବ। ଆମେରିକା ମଧ୍ୟ ସମାନ କିଛି ନିଷ୍ପତ୍ତି ନେବ, ଯାହାଦ୍ୱାରା ଚୀନ୍ ପାଇଁ ମଧ୍ୟ ଆମେରିକୀୟ ବଜାରରେ ଉତ୍ପାଦର ଯୋଗାଣ ନିରବଚ୍ଛିନ୍ନ ଭାବେ ଜାରି ରହିପାରିବ।

ଆମେରିକା ଯେତେବେଳେ ଚୀନ୍ ଆମଦାନୀ ଉପରେ ୧୪୫% ଶୁଳ୍କ ଲାଗୁ କରିଥିଲା, ସେତେବେଳେ ଚୀନ୍ ମଧ୍ୟ କାଉଣ୍ଟର ଜବାବରେ ଆମେରିକା ଉପରେ ପ୍ରତିଶୋଧମୂଳକ ୧୨୫% ଶୁଳ୍କ ଲଗାଇଥିଲା, ଏବଂ ଆମେରିକାକୁ 'ବିରଳ ପୃଥିବୀ' ଭାବେ ବିବେଚନା କରିବା ସହ ଏହାର ରପ୍ତାନି ଉପରେ ମଧ୍ୟ ନିଷେଧ କରିଥିଲା। ଏହା ବିଶ୍ୱର ଦୁଇ ଶ୍ରେଷ୍ଠ ଅର୍ଥନୀତି ମଧ୍ୟରେ ଏକ ସମ୍ପୂର୍ଣ୍ଣ ବାଣିଜ୍ୟ ପ୍ରତିବନ୍ଧକ ସହିତ ସମାନ ଥିଲା, ଏବଂ ଦୀର୍ଘକାଳୀନ ଭାବରେ ଏହା ଅସହ୍ୟ ଥିଲା। ତେବେ ଉଭୟ ଦେଶ ମଧ୍ୟରେ ଏପ୍ରକାର ଅଚଳାବସ୍ଥାକୁ ଦୂର କରିବା ପାଇଁ ବେସାଣ୍ଟ ଏବଂ ଚୀନର ଉପ-ପ୍ରଧାନମନ୍ତ୍ରୀ ହି ଲାଇଫିଙ୍ଗ୍ ଗତ ସପ୍ତାହନ୍ତରେ ରୁଦ୍ଧଦ୍ୱାର ଆଲୋଚନାରେ ସାମିଲ ହୋଇଥିଲେ। ଉପ-ପ୍ରଧାନମନ୍ତ୍ରୀ ଲିଫିଂ କହିଛନ୍ତି ଯେ ଆଲୋଚନା 'ଗମ୍ଭୀର' ଏବଂ 'ସ୍ପଷ୍ଟ' ଥିଲା।

ପ୍ରକାଶ, ଆମେରିକା-ଚୀନ୍ ମଧ୍ୟରେ ଏପ୍ରକାର ଟାରିଫ୍ ଯୁଦ୍ଧ ତଥା ବାଣିଜ୍ୟିକ ଉତ୍ତେଜନା ଭାରତକୁ ଲାଭ ଦେବା ଆରମ୍ଭ କରିଥିଲା। କାରଣ ଆମେରିକା ଚୀନ୍ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଇବା ପରେ ଆମେରିକୀୟ କ୍ରେତାମାନେ ଭାରତୀୟ ଯୋଗାଣକାରୀଙ୍କ ଆଡ଼କୁ ମୁହାଁଇବା ଆରମ୍ଭ କରିଥିଲେ। ଏହି ଉତ୍ତେଜନା ପଶ୍ଚିମ ଦେଶଗୁଡ଼ିକ ସହିତ ଭାରତର ଗଭୀର ଆର୍ଥିକ ସମନ୍ୱୟର ସମ୍ଭାବନାକୁ ମଧ୍ୟ ଉନ୍ନତ କରିଥିଲା। ଚୀନର ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଦର୍ଶାଉଛି ଯେ ଏପ୍ରିଲ ମାସରେ ଆମେରିକାକୁ ଚୀନର ରପ୍ତାନି ୨୦%ରୁ ମଧ୍ୟ ଅଧିକ ହ୍ରାସ ପାଇଛି, ଯେତେବେଳେ ଏସିଆନ୍ ଅଞ୍ଚଳ ଏବଂ ଅନ୍ୟାନ୍ୟ ବଜାରରେ ଦୃଢ଼ ପ୍ରଦର୍ଶନ ଯୋଗୁଁ ଏହାର ସାମଗ୍ରିକ ରପ୍ତାନି ବର୍ଷ ବର୍ଷ ଧରି ୮.୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଆମେରିକାର ଶୁଳ୍କର ସୀମିତ ପ୍ରଭାବକୁ ସୂଚୀତ କରୁଛି।

NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
13 MAY 2025
ମଙ୍ଗଳବାର
୧୩ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 352 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୫୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର




ରିପୋର୍ଟ - ପୃଷ୍ଠା ୮

## ଟ୍ରକ୍-ଟ୍ରେଲର୍ ଧକ୍କା, ୧୩ ମୃତ

**ରାୟପୁର, ୧୨।୫/ଏଜେନ୍ସି:**

କେତେ ଖୁସିରେ ଘରକୁ ଫେରୁଥିଲେ। ଫ୍ୟାମିଲି ଫଙ୍କସନ୍‌ରେ ସାମିଲ ହୋଇ ହସଖୁସିରେ ଘରକୁ ଆସୁଥିଲେ। ହେଲେ କିଏ ଜାଣିଥିଲା ବାଟରେ ଯମ ଜଗି ବସିଛି ବୋଲି। ଛତିଶଗଡ଼ ରାୟପୁରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ମିନି ଟ୍ରକ୍ ଓ ଟ୍ରେଲର ମଧ୍ୟରେ ଧକ୍କା ହୋଇ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୪ ଶିଶୁଙ୍କ ସମେତ ୯ ଜଣ ମହିଳା ଅଛନ୍ତି। ଦୁର୍ଘଟଣାରେ ପ୍ରାୟ ୧୧ ଜଣ ଆହତ ହୋଇଥିବାବେଳେ ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ରାୟପୁର ଏସ୍ ପି ଲାଲ ଉମ୍ମେଦ ସିଂହ କହିଛନ୍ତି ଯେ ଚଟୌଡ ଗାଁର କିଛି ଲୋକ ଫ୍ୟାମିଲି ଫଙ୍କସନ୍‌ରେ ରେ ଯୋଗଦେବା ପାଇଁ ବନସାରି ଗାଁକୁ ଯାଇଥିଲେ। ସେଠାରୁ କାର୍ଯ୍ୟକ୍ରମ ସରିବା ପରେ ସେମାନେ ଏକ ମିନି ଟ୍ରକରେ ଫେରୁଥିଲେ। ଏହି ସମୟରେ ରାୟପୁର-ବାଲୋଦାବଜାର ରାସ୍ତା ନିକଟରେ ଟ୍ରେଲର ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା।

ଦୁର୍ଘଟଣାର ଖବର ପାଇ ତୁରନ୍ତ ଜିଲ୍ଲା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଭୀମରାଓ ଆମ୍ବେଦକର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯଦିଓ ଦୁର୍ଘଟଣାର କାରଣ ଜଣାପଡିନାହିଁ ତେବେ ନିୟନ୍ତ୍ରଣ ହରାଇ ଥିବାରୁ ଅଘଟଣ ଘଟିଥିବା ଅନୁମାନ କରାଯାଉଛି ।

## ଶପଥ ନେଲେ ଜଷ୍ଟିସ ଶ୍ରୀପଦ

### ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ହେଲା ୧୯

**କଟକ, ୧୨।୫/ଏନ୍‌ଏନ୍‌ଏସ୍:**

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ସୋମବର ଶପଥ ଗ୍ରହଣ କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟରୁ ବଦଳି ହୋଇ ଆସିଥିବା ଜଷ୍ଟିସ ଶ୍ରୀପଦ ସୋମବାର ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପରିସର ସ୍ଥିତ ନୂଆ କନଫରେନ୍ସ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନବନିଯୁକ୍ତ ବିଚାରପତି ଜଷ୍ଟିସ ଶ୍ରୀପଦଙ୍କୁ



ଶପଥ ପାଠ କରାଇଛନ୍ତି। ଜଷ୍ଟିସ ଶ୍ରୀପଦ କାର୍ଯ୍ୟରେ ଯୋଗଦେବା ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ରାଜ୍ୟ ▶▶ ୫

## ଦେଶବାସୀଙ୍କୁ ସମ୍ବୋଧନ ବେଳେ ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ ଚେତାବନୀ

# ଟ୍ରେଡ୍-ଟେରର୍-ଟକ୍ ଏକାଠି ଚାଲିପାରିବନି

- ଭାରତର ପରାକ୍ରମୀ ସେନାକୁ କଲେ ସାଲ୍ୟୁଟ୍
- ଗୁଇନ୍ଦା ସଂସ୍ଥା ଓ ବୈଜ୍ଞାନିକଙ୍କୁ ପ୍ରଶଂସା
- ଆତଙ୍କୀ ଆମ ମହିଳାଙ୍କ ସିନ୍ଦୂର ପୋଛିଥିଲେ
- ଆମେ ସେମାନଙ୍କୁ ଜୀବନରୁ ପୋଛିଦେଲୁ
- ପରମାଣୁ ଅସ୍ତ୍ର ଧମକରେ ଡରିବନି ଭାରତ
- ଅପରେସନ 'ସିନ୍ଦୂର' ହେଉଛି ଭାରତର ନୀତି
- ରକ୍ତ ଓ ପାଣି ଏକାସଙ୍ଗେ ବହିପାରିବନି
- ପାକିସ୍ତାନ ସହ କେବଳ ପିଓକେ ପ୍ରସଙ୍ଗରେ କଥାବାର୍ତ୍ତା
- ପୂରା ବିଶ୍ୱ ଦେଖିଲା ମେଡ୍ ଇନ୍ ଇଣ୍ଡିଆ ଅସ୍ତ୍ରର ଶକ୍ତି

**ନୂଆଦିଲ୍ଲୀ, ୧୨।୫/ଏଜେନ୍ସି:**

ଟେରର ଆଣ୍ଡ ଟକ୍ ଏକାଠି ସମ୍ଭବ ନୁହେଁ। ଟେରର ଓ ଟ୍ରେଡ୍ ଏକାସଙ୍ଗେ ହୋଇପାରିବନି। ପାଣି ଓ ରକ୍ତ ଏକାଠି ବହି ପାରିବ ନାହିଁ। ଯଦି ପାକିସ୍ତାନ ସହ କଥା ହେବୁ ତେବେ ଆତଙ୍କବାଦ ନେଇ ହେବୁ। ପହଲଗାମ ନରସଂହାର ଓ ଅପରେସନ 'ସିନ୍ଦୂର' ପରେ ସୋମବାର ପ୍ରଥମଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ପାକିସ୍ତାନକୁ କଡ଼ା ବାର୍ତ୍ତା ଦେବାକୁ ଯାଇ ମୋଦୀ ଏପରି କହିଛନ୍ତି।


ଏପ୍ରିଲ ୨୨ରେ ଘଟିଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଠାରୁ ଆରମ୍ଭ କରି ଦ୍ୱିପାକ୍ଷିକ ଅସ୍ତ୍ରବିରତି ପର୍ଯ୍ୟନ୍ତ, ନୀରବ ରହିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସନ୍ଧ୍ୟା ୮ଟା ସମୟରେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଜମ୍ମୁ କାଶ୍ମୀରର ପହଲଗାମ୍ ବୈସାରନ୍ ଘାଟିରେ ଆତଙ୍କବାଦୀମାନେ ଅତି ନିଷ୍ଠୁରତାର ସହ ଆମ ଦେଶର ମହିଳାଙ୍କ ସିନ୍ଦୂର ପୋଛିଦେଇଥିଲେ। ଆମେ ସେମାନଙ୍କୁ ଜୀବନରୁ ପୋଛିଦେଲୁ। ଆତଙ୍କବାଦୀମାନେ ଆମ ଦେଶର ପିଲାମାନଙ୍କ ମୁଣ୍ଡରୁ ସେମାନଙ୍କ ବାପାଙ୍କ ହାତକୁ ସେମାନେ ସବୁଦିନ ପାଇଁ କାଢ଼ିନେଇଥିଲେ। ମହିଳା ଓ ପିଲାମାନଙ୍କ ସମ୍ମୁଖରେ ସେମାନଙ୍କ ସ୍ୱାମୀ-ବାପାଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରିଥିଲେ। ପରିବାର ସହ ଛୁଟି କଟାଇବାକୁ ଆସିଥିବା ୨୬ ପର୍ଯ୍ୟଟକଙ୍କୁ ସେମାନେ ହତ୍ୟା କରିଥିଲେ। ସେହିଦିନ ହିଁ ଆମେ ପ୍ରତିଜ୍ଞା ନେଇଥିଲୁ ଏହାର ପ୍ରତିଶୋଧ ନିଆଯିବ। ଆମ ସେନା ଏହି ପ୍ରତିଶୋଧ ନେବାରେ ସଫଳ ହୋଇଛି। ଭାରତୀୟ ସେନାବାହିନୀ ପାକିସ୍ତାନ ମାଟିରେ ହିଁ ପାକ୍ ଆତଙ୍କବାଦୀଙ୍କୁ ଜୀବନରୁ ଶେଷ କରିଛନ୍ତି। ସେମାନଙ୍କ ଆଡ୍ଡା, ଭିତ୍ତିଭୂମିଗୁଡ଼ିକୁ ଆମ ସେନା ମାଟିରେ ମିଶାଇଦେଇଛନ୍ତି। 'ଭାରତୀୟ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରଗୁଡ଼ିକ ସଠିକତାର ସହିତ ଆକ୍ରମଣ କରିଥିଲା। ପାକିସ୍ତାନୀ ବାୟୁସେନାର ଏୟାରବେସ୍‌ଗୁଡ଼ିକୁ ବ୍ୟାପକ କ୍ଷତି ପହଞ୍ଚାଇଥିଲା, ଯାହା ଉପରେ ପାକିସ୍ତାନ ବହୁତ ଗର୍ବ କରୁଥିଲା। ଆମ ସେନା କାପୁରୁଷଙ୍କ ଭଳି ପାକିସ୍ତାନର ନୀରିହ ଜନସାଧାରଣଙ୍କୁ ଟାର୍ଗେଟ୍ କରିନାହିଁ। ପହଲଗାମ ପ୍ରତିଶୋଧ ନେବାକୁ ଯାଇ ଆମ ସେନା କେବଳ ଆତଙ୍କବାଦୀ ଏବଂ ସେମାନଙ୍କ ଭିତ୍ତିଭୂମି ଉପରେ ପ୍ରହାର କରିଛି। ଏହାର ପ୍ରମାଣ ଆଜି ସମଗ୍ର ବିଶ୍ୱ ଦେଖୁଛି।

ମୋଦୀ ଆହୁରି କହିଛନ୍ତି ଯେ ପରମାଣୁ ଅସ୍ତ୍ରର ଧମକକୁ ବରଦାସ୍ତ କରାଯିବନାହିଁ। ଆତଙ୍କବାଦ ବିରୋଧରେ ଶୂନ୍ୟ



ସହନଶୀଳ ନୀତି ଜାରି ରଖିବ ଭାରତ। ପହଲଗାମ ଘଟଣା ପରେ ଭାରତୀୟ ସେନା ଜବାବୀ ହମ୍‌ଲା ଆତଙ୍କବାଦୀଙ୍କ ଆଡ୍ଡା ଏବଂ ସେମାନଙ୍କ ଟ୍ରେନିଂ ସେଣ୍ଟରଗୁଡ଼ିକୁ କେବଳ ଧୂଳିସାତ୍ କରିନଥିଲା ବରଂ ସେମାନଙ୍କ ସାହସକୁ ମଧ୍ୟ ଭାଙ୍ଗିଦେଇଛି। ୧୦୦ରୁ ଆତଙ୍କବାଦୀ ନିହତ ହେବା ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଛି। ଭାରତର ଶକ୍ତିଶାଳୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସେମାନଙ୍କୁ ଆକାଶରେ ହିଁ ▶▶ ୫

## ସୀମାରେ ଫୁଟିବନି ଗୋଟିଏ ବି ଗୁଳି




### ଭାରତ-ପାକ୍ ଡିଜିଏମ୍‌ଓ ବୈଠକରେ ନିଷ୍ପତ୍ତି

ସୀମାରେ ଫୁଟିବନି ଗୋଟିଏ ବି ଗୁଳି। ଭାରତ-ପାକିସ୍ତାନ ସୀମାରେ ଗୋଟିଏ ବି ଗୁଳିର ଶବ୍ଦ ବି ଶୁଭାଯିବନି। ଭାରତ-ପାକିସ୍ତାନ ଡିଜିଏମଓ ସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୀମାରେ ଗୋଟିଏ ବି ଗୁଳି ନଫୁଟାଇବାକୁ ଦୁଇ ଦେଶ ସହମତି ପ୍ରକାଶ କରିଛନ୍ତି। ଆକ୍ରମଣାତ୍ମକ କିମ୍ବା ଶତ୍ରୁତାପୂର୍ଣ୍ଣ ଆକ୍ସନ ନନେବା ସହ ସୀମାରୁ ଦୁଇ ଦେଶ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ମଧ୍ୟ ବୈଠକରେ ସହମତି ପ୍ରକାଶ ପାଇଥିବା ସୂଚନା ମିଳିଛି। ସେହିପରି ସୀମାନ୍ତରେ ଫରୱାର୍ଡ ପୋଷ୍ଟଗୁଡ଼ିକରୁ ସୈନ୍ୟ ସଂଖ୍ୟା ହ୍ରାସ କରିବା ଲାଗି ତତ୍କାଳ ପଦକ୍ଷେପ ନେବା ଦିଗରେ ▶▶ ୫

## ସୁଧୁରିବନି ପାକିସ୍ତାନ

ସୁଧୁରିବନି ପାକିସ୍ତାନ। ସୀମାରେ ଗୋଟିଏ ବି ଗୁଳି ଫୁଟିବନି ବୋଲି ସୋମବାର ଭାରତ-ପାକିସ୍ତାନ ଡିଜିଏମଓସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲେ ହେଁ ନୋଛଡ଼ବନ୍ଧା ପାକିସ୍ତାନ ପୁଣି ଭାରତ ସୀମାରେ ଡ୍ରୋନ ଉଡ଼ାଇଛି। ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଲାଗୁହେବା ପରେ ବି ପୁଣି ଥରେ ଜମ୍ମୁ-କାଶ୍ମୀର ସାମ୍ବାରେ ଏକାଧିକ ପାକିସ୍ତାନୀ ଡ୍ରୋନ ଦେଖିବାକୁ ମିଳିଛି। ତେବେ ସେସବୁକୁ ଭାରତୀୟ ସେନା ପକ୍ଷରୁ ନଷ୍ଟ କରି ଦିଆଯାଇଛି। ସବୁଠୁ ବଡ଼ କଥା ହେଉଛି ଯେ ଅପରେସନ 'ସିନ୍ଦୂର'କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରିବା ପରେ ଏହି ପାକିସ୍ତାନୀ ଡ୍ରୋନ



### ପୁଣି ଭାରତ ସୀମାରେ ଉଡ଼ାଇଲା ଡ୍ରୋନ୍

### ହୋସିଆରପୁରରେ ଶୁଭିଲା ବିସ୍ଫୋରଣ ଶବ୍ଦ

ଉଡୁଥିବା ଦେଖାଯାଇଥିଲା। ଏପରିକି ହୋସିଆରପୁର ଅଞ୍ଚଳରେ ବଡ଼ ବିସ୍ଫୋରଣର ଶବ୍ଦ ଶୁଭିଥିଲା। ଏହାପରେ ପୁରା ସହରକୁ ବ୍ଲାକ୍ ଆଉଟ୍ କରାଯାଇଥିଲା। ଏନେଇ ସେନା ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ପଟୁ ବହୁତ କମ୍ ସଂଖ୍ୟାରେ ଡ୍ରୋନ୍ ଆସିଥିଲା। ଆମେ ସବୁ ଡ୍ରୋନ ନଷ୍ଟ କରିଦେଇଛୁ । ତେଣୁ ଚିନ୍ତିତ ହେବାର ନାହିଁ। ଭାରତୀୟ ସେନା ▶▶ ୫

## ବଜ୍ରପାତ ନେଲା ୨ ଜୀବନ

**ପାତ୍ରପୁର, ୧୨।୫/ଏନ୍‌ଏନ୍‌ଏସ୍:**

ମଇଁଷି ଚରେଇବାକୁ ବିଲକୁ ଯାଇଥିଲେ। ହଠାତ ବଜ୍ରପାତ ହେବାରୁ ଚାଲିଗଲା ୨ ଜୀବନ। ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ଏହି ଘଟଣା ଘଟିଛି। ମୃତକମାନେ ହେଲେ ଏମ୍. ସାକିଲି କନ୍ୟାରୀ ଏବଂ ଏମ. ଭୁବେସୁ କନିଆରୀ। ଉଭୟେ ଗାଁ ନିକଟସ୍ଥ ବଗୀ ନଦୀ ପାଖ ତୋଟାରେ ମଇଁଷି ଚରେଇବାକୁ ସୋମବାର ସକାଳୁ ଯାଇଥିଲେ। ସେଠାରେ ମଇଁଷିକୁ ଚରିବାକୁ ଛାଡି ଅଳ୍ପ ଦୂରରେ ଥିବା ଗଛ ତଳେ ଖାଉଥିଲେ। ହଠାତ ବର୍ଷା, ପବନ ସହ ବଜ୍ରପାତ ହୋଇଥିଲା । ବଜ୍ରପାତରେ ବିଲରେ ଉଭୟେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ଲୋକ ଉଭୟଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ବଦଳିଯିବ ପାଣିପାଗର ମିଜାଜ୍

## ଆଜି ଆଣ୍ଡାମାନ ଛୁଇଁବ ମୌସୁମୀ

**ଭୁବେନଶ୍ୱର, ୧୨।୫/ଏନ୍‌ଏନ୍‌ଏସ୍:**

ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା। ଆସୁଛି ମୌସୁମୀ, ଛୁଇଁବ ଆଣ୍ଡାମାନ। ବଦଳିଯିବ ପାଣିପାଗର ମିଜାଜ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ପାଇଁ



ପାଣିପାଗ ସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଯାହାଫଳରେ ଆଉ ୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ ମୌସୁମୀ ବାୟୁ। ଅର୍ଥାତ୍ ମେ ୧୩ ତାରିଖରେ ଆଣ୍ଡାମାନ ଛୁଇଁବ ମୌସୁମୀ ବାୟୁ। ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ଛୁଇଁବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଇଏମ୍‌ଡି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୩ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ନିମ୍ନ

### ତାତିରେ ସନ୍ତୁଳି ହେଉଛନ୍ତି ରାଜ୍ୟବାସୀ

ଟ୍ରେପସ୍ଫୋରିକସ୍ତରରେ ପଶ୍ଚିମ ବାୟୁ ପ୍ରାୟ ୨୦ ନଟ୍ସ ପର୍ଯ୍ୟନ୍ତ ତୀବ୍ର ହୋଇଛି, ଯାହା ମୌସୁମୀର ଆଗମନ ପାଇଁ ଅନୁକୂଳ ରହିଛି। ତେବେ ଚଳିତ ବର୍ଷ ଶୀଘ୍ର ମୌସୁମୀ ଛୁଇଁବ। ଦକ୍ଷିଣ ପଶ୍ଚିମ ▶▶ ୫

### ପ୍ରତିଷ୍ଠା ହେବ ପଣ୍ଡିତ ରଘୁନାଥ ମୁର୍ମୁ ଓପନ୍ ଥିଏଟର-ସଂଗ୍ରହାଳୟ, ଐତିହ୍ୟ ଭବନ

## ୫୦ କୋଟିର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ରାଇରଙ୍ଗପୁର, ବାରିପଦା, ୧୨।୫/ଏନ୍‌ଏନ୍‌ଏସ୍:**

ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ ବର୍ଷ ବ୍ୟାପି ସାରା ରାଜ୍ୟରେ ହେବ। ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ଏଥିସହିତ ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକଗୁଡ଼ିକୁ ଜନାଦୃତ କରାଇବା ପାଇଁ ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ ଏବଂ ତାଙ୍କ କର୍ମଭୂମି ଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଘୋଷଣା କରିଛନ୍ତି। ଏଥିସହ ଏହି ସବୁ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସମୁଦାୟ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ସୋମବାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହା ଅଞ୍ଚଳରେ ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଘୋଷଣା କରିଛନ୍ତି। ଏଥିସହ ଦାଣ୍ଡବୋଷ ଅଞ୍ଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତି ପୀଠ ଭାବେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଇ






କହିଥିଲେ ଯେ ପଣ୍ଡିତ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିଳ୍ପ ଓ ସଂସ୍କୃତିର ଅଭିଜ୍ଞାନ। ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ପାଳନ କେବଳ ଜଣେ ଉଦ୍ଭାବକଙ୍କ ମାନସିକ ସୃଷ୍ଟିର ସମ୍ମାନ ନୁହେଁ, ବରଂ ଏହା ଏକ ଜନଜାତିର ଭାଷା, ସଂସ୍କୃତି ଓ ଅସ୍ମିତାର ଏକ ମୁକ୍ତ ଅଭିଯାନର ପରିଚୟ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ସାନ୍ତାଳ ସମାଜ ପାଇଁ ପଣ୍ଡିତ ମୁର୍ମୁ ଦେଖିଥିବା ପଥ ଆଜି ମଧ୍ୟ ଆଲୋକମୟ। ମୁଁ ଚାହେଁ ଯେ ଆମ ପିଢ଼ି ପିଢ଼ି ତାଙ୍କ ଦେଖିଥିବା ମୂଲ୍ୟବୋଧ, ଜ୍ଞାନ, ଓ ସଂସ୍କୃତି ପ୍ରତି ପ୍ରେମକୁ ଅନୁସରଣ କରୁ। ଅନ୍ୟ ଭାଷା, ଅନ୍ୟ ଧର୍ମ, ଅନ୍ୟ ସଂସ୍କୃତି ପାଇଁ ସମ୍ମାନ ଓ ଆତ୍ମସମ୍ମାନ ହେଉ ସାମ୍ପ୍ରଦାୟିକ

- ବର୍ଷେବ୍ୟାପୀ ପାଳନ ହେବ ଅଲ୍‌ଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ
- ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ହେବ ଏକ ଅନ୍ତର୍ଜାତୀୟ ସେମିନାର
- ବାରିପଦାରେ ପ୍ରତିଷ୍ଠା ହେବ ଅଲ୍‌ଚିକି ଲାଇବ୍ରେରୀ
- ପଣ୍ଡିତ ମୁର୍ମୁଙ୍କ ବାସଭବନକୁ କରାଯିବ ସ୍ମାରକୀ ତୀର୍ଥସ୍ଥଳୀ

ସମନ୍ୱୟର ମୂଳ ଶକ୍ତି। ତାଙ୍କ ଦର୍ଶନ ଓ ଆଦର୍ଶକୁ ଆଗେଇନେବା ଆମ ସମସ୍ତଙ୍କର ଦାୟିତ୍ୱ। ତାଙ୍କ ନାମରେ ଏକ ମେଡିକାଲ କଲେଜ୍ ଖୋଲାଯାଇଛି। ତାଙ୍କ ନାମରେ ଆହୁରି ଅଧିକ ଗବେଷଣା କେନ୍ଦ୍ର, ଶିକ୍ଷାନୁଷ୍ଠାନ ସ୍ଥାପିତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ହେବା। ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର କାର୍ଯ୍ୟକୁ ଆହୁରି ଜୋରଦାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟ ସରକାର ରଘୁନାଥ ମୁର୍ମୁଙ୍କ ନାମକୁ ରାଜ୍ୟର ଶିକ୍ଷା ଓ ସଂସ୍କୃତି ନୀତିର ଏକ ଅଭିନ୍ନ ଅଂଶ କରିଛନ୍ତି। ତାଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରି ଆମେ ଏକ ନୂଆ ପିଢ଼ିକୁ ଅନୁପ୍ରେରଣା ଦେଉଛୁ। ପଣ୍ଡିତ ମୁର୍ମୁଙ୍କ ସୃଷ୍ଟି ଓ ଚିନ୍ତାଧାରା ସମସ୍ତ ▶▶ ୫

## ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟ

# ବ୍ୟବସାୟୀଙ୍କ ସହ ଉପ ଜିଲ୍ଲାପାଳଙ୍କ ବୈଠକ



**କୋଣାର୍କ,୧୨।୫/ଏନ୍ଏନ୍ଏସ୍:** ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସମୁଦ୍ରକୂଳ ତୀର୍ଥ ପୁଷ୍କରିଣୀ ସମ୍ମୁଖଠାରୁ ସାମୁଦ୍ରିକ ଥାନା ସମ୍ମୁଖ ୧ହଜାର ମିଟର ଦୂର ପର୍ଯ୍ୟନ୍ତ ପ୍ରାୟ ୧କିମି ସମୁଦ୍ର କୂଳକୁ ଏକ ଅନ୍ତର୍ଜାତୀୟ ମାନର ରୂପରେଖ ଦେବା ପାଇଁ ପର୍ଯ୍ୟଟନ ବିଭାଗ ସହାୟତାରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ ମେସର୍ସ ଦିଲ୍ଲୀପ କନ୍ଷ୍ଟ୍ରକ୍ସନ୍ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ୪୬କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ଥିବା ୬୪ଜଣ ବ୍ୟବସାୟୀଙ୍କୁ ସମୁଦ୍ରକୂଳରୁ ଉଚ୍ଛେଦ କରାଯାଇ ସେମାନଙ୍କୁ ଅସ୍ଥାୟୀ ଭାବେ ଭେଣ୍ଡିଂଜୋନ୍‌ରେ ଥଇଥାନ କରାଯିବା ସହ ଚନ୍ଦ୍ରଭାଗା ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରେ ଥିବା ୨୪ଗୋଟି ସ୍ଥାୟୀ ଦୋକାନ ଗୃହ ବ୍ୟବସାୟୀଙ୍କୁ ସ୍ଥାୟୀ ଭାବେ ଥଇଥାନ କରାଯିବା ପାଇଁ ଆଜି ସୋମବାର କୋଣାର୍କ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ବ୍ୟବସାୟୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଗୋପ ତହସିଲଦାର ଅନୀଲ କୁମାର ମହାନ୍ତି, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଏନ ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, କୋଣାର୍କ ବନଖଣ୍ଡ ଅଧିକାରୀ ସୁଦର୍ଶନ ଦେହୁରୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଚନ୍ଦ୍ରଭାଗା ଥାନା ଅଧିକାରୀ ପ୍ରତିମା ସାହୁ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ, କୋଣାର୍କ ରାଜସ୍ୱ ନିରୀକ୍ଷକ କୁଅଁର ମୁର୍ମୁ, ସୁତନ ରାଜସ୍ୱ ନିରୀକ୍ଷକ ପ୍ରତେହସ୍ପନ୍ଦନ ସିହ୍ନା, ଗୋପ ରାଜସ୍ୱ ପରିଦର୍ଶକ ସୁଶାନ୍ତ କୁମାର ଧଳ ଓ ଭୀମ ପୂର୍ତ୍ତୀଙ୍କ ସମେତ ଚନ୍ଦ୍ରଭାଗା ବଜାର କମିଟିର ସଭାପତି ଅଜୟ କୁମାର ବେହେରା, ସମ୍ପାଦକ ବନାମ୍ବର ବେହେରା, ଅଜିତ କୁମାର ବିଶ୍ୱାଳ, ରବୀନ୍ଦ୍ର ପାତ୍ର, ଶ୍ରୀକଣ୍ଠପୁର କରମଙ୍ଗା ଇଡିସିର ସଭାପତି ଭାଗୀରଥି ସ୍ୱାଇଁ ସମୁଦ୍ରକୂଳରେ ଥିବା ମହାବୀର ମନ୍ଦିରର ସେବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପଜିଲ୍ଲାପାଳ ଶ୍ରୀ ଜେନା ସମସ୍ତ ବ୍ୟବସାୟୀଙ୍କ ସୁବିଧାକୁ ନଜରରେ ରଖି ସମସ୍ତଙ୍କୁ ଉଚିତ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସମୁଦ୍ରକୂଳରେ ଥିବା ୬୪ଜଣ ବ୍ୟବସାୟୀଙ୍କୁ ଏକ ମାସ ମଧ୍ୟରେ ଉଚ୍ଛେଦ କରାଯାଇ ସେମାନଙ୍କୁ ମାଘମେଳା ପଡ଼ିଆରେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଉଥିବା ଭେଣ୍ଡିଂଜୋନ୍‌ରେ ୨ବର୍ଷ ପାଇଁ ଥଇଥାନ କରାଯିବ। ପରେ ସ୍ଥାୟୀ ଭାବେ ଜୟଦେବ ପାର୍କ ନିକଟରେ ନିର୍ମାଣ କରାଯିବାକୁ ଥିବା ମାର୍କେଟ କମ୍ପ୍ଲେକ୍ସରେ ସ୍ଥାୟୀ ଭାବେ ୨୪ଗୋଟି ପକ୍କା ବ୍ୟବସାୟୀ ଗୃହ ନିର୍ମାଣ କରାଯାଇ ବ୍ୟବସାୟୀଙ୍କୁ ସ୍ଥାନାନ୍ତରିତ କରାଯାଇ ଥଇଥାନ କରାଯିବା ସହ ୬୪ଜଣ ସମୁଦ୍ର କୂଳ ବ୍ୟବସାୟୀଙ୍କୁ ମଧ୍ୟ ଉକ୍ତ ସ୍ଥାନରେ ସ୍ଥାୟୀ ଭାବେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ଥଇଥାନ କରାଯିବ ବୋଲି କହିଥିଲେ। ମାତ୍ର ଉପସ୍ଥିତ ବ୍ୟବସାୟୀମାନେ ୬ ଲେନ୍ ରାସ୍ତାର କଡ଼େ କଡ଼େ ସମସ୍ତ ଦୋକାନୀଙ୍କୁ ଥଇଥାନ କରିବାକୁ ଅନୁରୋଧ କରିଥିଲେ। ସମୁଦ୍ର କୂଳରେ ଥିବା ମହାବୀର ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଗୃହଗୁଡିକୁ ଉଚ୍ଛେଦ କରାଯାଇ ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯିବା ସହ ମେରାଇନ୍ ଥାନା ନିକଟରେ ଥିବା ଟୁରିଷ୍ଟ ପୁଲିସ କିଓସ୍କ, ଶ୍ରୀକଣ୍ଠପୁର କରମଙ୍ଗା ଇଡିସି ଶୌଚାଳୟ ଗୃହ ଓ ବନବିଭାଗର ଥିବା ସୁରକ୍ଷା ଗୃହକୁ ଉଚ୍ଛେଦ କରାଯାଇ ଅନ୍ୟସ୍ଥାନରେ ଜମି ଯୋଗାଇ ଦେବାକୁ ଉପଜିଲ୍ଲାପାଳ ଗୋପ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମନ୍ଦିରର ସୋନ୍ଦର୍ଯ୍ୟ ନଷ୍ଟ କରୁଛି ଜବରଦଖଲ ଓ ପୋଖରୀ ହୁଡ଼ା ଗଛ



**କଣ୍ଟିଲୋ,୧୨।୫/ଏନ୍ଏନ୍ଏସ୍:** ସମ୍ପ୍ରତି କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଚନ୍ଦନ ପୁଷ୍କରିଣୀର ଉତ୍ତର ଓ ପଶ୍ଚିମ ପାର୍ଶ୍ୱ ହୁଡାରେ ଥିବା ଜବରଦଖଲକାରୀମାନଙ୍କ ସ୍ଥାୟୀ ଗୃହ ତଥା ହୁଡ଼ା ତଳେ ଥିବା ବଡ଼ ବଡ଼ ଗଛ ଯୋଗୁ ଶ୍ରୀଜିଉଙ୍କ ମନ୍ଦିର ଶୋଭା ଓ ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ତେଣୁ ମୁଖ୍ୟ ରାସ୍ତାରୁ ଶ୍ରୀଜିଉଙ୍କ ମନ୍ଦିରକୁ ଦେଖିବା ଏବଂ ଶୋଭା ଉପଭୋଗ କରିବା ପାଇଁ ଆଡୁଆଳ କରୁଥିବା ଗଛ ଓ ଜବରଦଖଲକାରୀ ବାଧକ ସାଜିଛନ୍ତି। ଏଗୁଡ଼ିକୁ ତୁରନ୍ତ ଉଚ୍ଛେଦ ପାଇଁ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଅଭିଯୋଗ କରୁଛନ୍ତି। ସୂଚନାରୁ ପ୍ରକାଶ ଯେ, କଣ୍ଟିଲୋ ମୁଖ୍ୟ ରାସ୍ତା ୪୮ନଂ ରାଜ୍ୟ ରାଜପଥ ଉପରେ ଶ୍ରୀଜିଉଙ୍କ ପାଞ୍ଚ ଏକର ପଞ୍ଚ ଚାଳିଶ ଡିସିମିଲ ବିଶିଷ୍ଟ ଚନ୍ଦନ ପୁଷ୍କରିଣୀଟି ଅବସ୍ଥିତ। ବର୍ତ୍ତମାନ ଚନ୍ଦନ ଚାପ ଯାତ୍ରା ଚାଲିଥିବାରୁ ବହୁ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଏହି ରାଜ୍ୟ ରାଜପଥ ଉପରେ ଛିଡ଼ା ହୋଇ ଶ୍ରୀଜିଉଙ୍କ ଚାପଖେଳ ଉପଭୋଗ କରିବା ସହିତ ମନ୍ଦିରର ମନୋରମ କାରୁକାର୍ଯ୍ୟ ଶୋଭା ଉପଭୋଗ କରିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯୋଗ୍ୟ ଯେ, ଆଜକୁ ପ୍ରାୟ ୨୦ବର୍ଷ ପୂର୍ବେ ୨୦୦୪-୦୫ ମସିହାରେ ତତ୍କାଳୀନ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଖରୀ ହୁଡ଼ା ଉପରେ ଥିବା ବଡ଼ ବଡ଼ ଗଛ ସବୁ କଟାଯାଇଥିଲା। କିନ୍ତୁ କିଛି ଅନ୍ତର୍ନିହିତ ଉଦ୍ଦେଶ୍ୟ ରଖି ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ନଥିଲା। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଓବିସିସି ଓ ବଂଶଲ ଠିକା ସଂସ୍ଥା ଦ୍ୱାରା ଚାଲିଥିବା ବିକାଶ ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଶ୍ରୀଜିଉଙ୍କ ମନ୍ଦିରର ଶୋଭା ମୁଖ୍ୟରାସ୍ତାରୁ ପର୍ଯ୍ୟଟକମାନେ ଦେଖିବା ପାଇଁ କେତେକ ଗଛ କାଟି ସଫା କରିଥିବା ନଜିର ଅଛି। ତେଣୁ ଯଥାଶୀଘ୍ର ଚନ୍ଦନପୋଖରୀ ହୁଡ଼ାକୁ ଲାଗି ଛିଡ଼ା ହୋଇଥିବା ବଡ଼ ବଡ଼ ଗଛଗୁଡ଼ିକୁ କାଟିବା ସହିତ ଜବରଦଖଲକାରୀମାନେ ବର୍ଷ ବର୍ଷ ଧରି ସ୍ଥାୟୀ ଭାବେ ନିର୍ମାଣ କରିଥିବା ଗୃହଗୁଡ଼ିକୁ ଭାଙ୍ଗି, ଉଚ୍ଛେଦ କରିବାକୁ ଖଣ୍ଡପଡ଼ା ତହସିଲଦାର ଓ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ତୁରନ୍ତ ଉଚ୍ଛେଦ ଦାବି**

## ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗୁଜରାଟ ମଡେଲ୍ ଆପଣାଇବାକୁ ପ୍ରହ୍ଲାଦ ଭାଇ ମୋଦୀଙ୍କ ପରାମର୍ଶ



**ପୁରୀ,୧୨।୫/ଏନ୍ଏନ୍ଏସ୍:** ପୁରୀ ନୀଳାଦ୍ରି ଭକ୍ତ ନିବାସ ପରିସରରେ ସର୍ବଭାରତୀୟ ଡିଲର ଫେଡେରେସନ୍‌ର ସର୍ବଭାରତୀୟ ଉପ-ସଭାପତି ତଥା ପ୍ରଧାନମନ୍ତ୍ର ନରେନ୍ଦ୍ର ମୋଦୀଙ୍କ ଭାଇ ପ୍ରହ୍ଲାଦ ଭାଇ ମୋଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନା ପ୍ରସଙ୍ଗରେ ଶ୍ରୀ ମୋଦି ଗୁଜରାଟ ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ କ୍ରିୟାଶୀଳ ତଥା ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କହିଥିଲେ ଯେ ଗୁଜରାଟ ସରକାର ସାଧାରଣ କାର୍ଡଧାରୀ ଯେଉଁମାନଙ୍କର ବିଭିନ୍ନ କାରଣରୁ ଯେପରି କି ବୟସାଧିକ, ରୋଗାଗ୍ରସ୍ତ ଭିନ୍ନକ୍ଷମ ସାମଗ୍ରୀ ନେବାରେ ଆଙ୍ଗୁଠି ଛାପ ମେଳକ ହୋଇପାରୁ ନାହିଁ ସେମାନଙ୍କ ପାଇଁ ଅଫ୍ ଲାଇନ୍‌ରେ ସାମଗ୍ରୀ ଦିଆଯିବାର ବ୍ୟବସ୍ଥା ରହିଛି। ସେହିପରି ସରକାରଙ୍କ ବିଭିନ୍ନ ଯୋଜନାରେ ଖୁଚୁରା ବିକ୍ରେତାମାନଙ୍କୁ ସାମିଲ କରାଯାଇ ପ୍ରତ୍ୟେକ ଖୁଚୁରା ବିକ୍ରେତାମାନଙ୍କ ମାସିକ ୨୦ହଜାର ଟଙ୍କା ଆୟ ସୁନିଶ୍ଚିତ କରାଯାଇଛି ଏବଂ ଖୁଚୁରା ବିକ୍ରେତା ମାନଙ୍କ ଲାଇସେନ୍ସ ନବୀକରଣ ପ୍ରତି ପାଞ୍ଚ ବର୍ଷକୁ ଥରେ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଯେତେବେଳେ କି ଗୁଜୁରାଟରେ ବିଜେପି ନେତୃତ୍ୱାଧୀନ ସରକାର ରହିଛି ଓ ଓଡ଼ିଶାରେ ମଧ୍ୟ ବିଜେପି ନେତୃତ୍ୱାଧୀନ ସରକାର ରହିଛି ଅଥଚ ରାଜ୍ୟର କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କ ଲାଇସେନ୍ସ ନବୀକରଣର ଅବଧୀର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ କେତେବେଳେ ଛଅମାସ କେତେବେଳେ ବର୍ଷେ ତ କେତେବେଳେ ଦେଢ଼ବର୍ଷ ରହିଛି। ସେହିପରି ଖୁଚୁରା ବିକ୍ରେତାମାନଙ୍କ ମାସିକ ଆୟ ୨୦ହଜାର ଟଙ୍କା ସୁନିଶ୍ଚିତ କରିବା ଦୂରରେ ଥାଉ କରୋନା ମହାମାରୀ ସମୟରୁ ବକେୟା ରହିଥିବା ବଣ୍ଟନ ବାବଦ ପାରିଶ୍ରମିକ ସଂପୂର୍ଣ୍ଣ ପ୍ରଦାନ ମଧ୍ୟ କରାଯାଇ ନାହିଁ ବୋଲି ରାଜ୍ୟ ଖୁଚୁରା ବିକ୍ରେତା ସଂଘର କର୍ମକର୍ତ୍ତାମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶ୍ରୀ ମୋଦି ଓଡ଼ିଶାର ଖୁଚୁରା ବିକ୍ରେତାମାନଙ୍କ ସମସ୍ୟା ଶୁଣିବା ପରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ଓଡ଼ିଶାର ବିଜେପି ନେତୃତ୍ୱାଧୀନ ସରକାର ତୁରନ୍ତ ସାଧାରଣ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଗୁଜୁରାଟ ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା ମଡେଲ ଆପଣାଇବାକୁ ଦାବି କରିଥିଲେ ଏବଂ ଖୁବଶୀଘ୍ର ଆଉଥରେ ସେ ଓଡ଼ିଶା ଆସି ରାଜ୍ୟ ସଂଘକୁ ସାଥିରେ ନେଇ ଓଡ଼ିଶା ସରକାରଙ୍କ ସହ ଆଲୋଚନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା ଶାଖାର ସଭାପତି ନଗେନ୍ଦ୍ର ଜେନା ଉପ-ସଭାପତି ଦଣ୍ଡହରୀ ସାମଲ, ସାଧାରଣ ସମ୍ପାଦକ ସୈୟଦ୍ ଏକ୍ରାମ ହୁସେନ, ବାସୁଦେବ ବେହେରା, ଜଗବନ୍ଧୁ ଲେଙ୍କା, ଉତ୍ତମ ଦାସ, ଜଗନ୍ନାଥ ବେହେରା, ରଞ୍ଜନ କୁମାର ନାଥ, ସୁଧାଂଶୁ ଦାସ, ଈଶ୍ୱର ଚନ୍ଦ୍ର ମହାନ୍ତି, ନରେନ୍ଦ୍ର ଷଡ଼ଙ୍ଗୀ, ବିଜୟ କୁମାର୍ ସାହୁ, କରୁଣାକର ପ୍ରହରାଜ, ରବିନାରାୟଣ ଜେନା, ନୀଳମଣି ସାହୁ, ଦଣ୍ଡେଶ୍ୱର ମିଶ୍ର ବିଭିନ୍ନ ଜିଲ୍ଲାର ସଭାପତି ସମ୍ପାଦକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଙ୍କ ସମେତ ଶତାଧିକ ଖୁଚୁରା ବିକ୍ରେତା ଯୋଗଦେଇ ଥିଲେ।

## ଟାଙ୍କି ଅଛି, ପାଣି ନାହିଁ: ଲୋକେ ଡହଳବିକଳ

**କିଶୋରନଗର,୧୨।୫/ଏନ୍ଏନ୍ଏସ୍:** ବିଶୁଦ୍ଧ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ସରକାର ବସୁଧା ଯୋଜନାରେ ବିଭିନ୍ନ ଗାଁରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାଣି ନୂତନ ଟାଙ୍କି ନିର୍ମାଣ କରିଛନ୍ତି। ଗଭୀର ନଳ କୂପ ମଧ୍ୟ ଖୋଳାଯାଇଛି। ତଥାପି ଖରା ଦିନରେ ଲୋକେ ପିଇବା ପାଣି ନ ପାଇ ଡହଳବିକଳ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି କିଶନନଗର ତହସିଲ ଅନ୍ତର୍ଗତ ଭୋଇପଡା, ବେଣୀପୁର ଓ ମଲ୍ଲିପୁର ଗ୍ରାମରେ। ପ୍ରାୟ ଏକ ବର୍ଷରୁ ଅଧିକ ହେବ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ରତ୍ୟେକ ଗାଁକୁ ଭୂତଳ ପାଣି ପାଇପ ବିଛା ଯାଇଛି ସମସ୍ତଙ୍କ ଘର ଆଗରେ ପାଣି କଳ ବସିଛି କିନ୍ତୁ ଟାଙ୍କି କାର୍ଯ୍ୟକ୍ଷମ ନ ହେବାରୁ ପାଇପରେ ପାଣି ଆସୁନାହିଁ କି କଳରେ ପାଣି ବାହାରୁ ନାହିଁ। ଉକ୍ତ ଟାଙ୍କି ନିର୍ମାଣ ସମୟରେ ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ଗ୍ରାମର ଅଧିକାଂଶ ପରିବାର ଦିନ ମଜୁରିଆ ଶ୍ରେଣୀର ନିଜସ୍ୱ ନଳକୂପ ବସାଇବା ପାଇଁ ଅକ୍ଷମ ଅଟନ୍ତି। ଗ୍ରାମରେ ଖଣ୍ଡେ ଖଣ୍ଡେ ସରକାରୀ ନଳକୂପ ଅଛି ସେଗୁଡିକ ଦୀର୍ଘ ଦିନ ହେବ ଅଚଳ ହୋଇପଡିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ପଥଚାରୀମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଉକ୍ତ ଟାଙ୍କି କାର୍ଯ୍ୟକ୍ଷମ ହେଲେ ହଜାର ହଜାର ଗ୍ରାମବାସୀ ପାନୀୟଜଳ ପାଇପାରିବେ। ସେହିପରି ମଙ୍ଗଦେଇପୁର ଓ ପାଟଣା ଗ୍ରାମରେ ସମାନ ଅବସ୍ଥା। ନୂତନ ପାଣି ଟାଙ୍କି ନିର୍ମାଣ ସରିଛି ପ୍ରତ୍ୟେକ ଘରକୁ ପାଣି ପାଇପ ସଂଯୋଗ ହୋଇଛି କିନ୍ତୁ ପାଣି ଆସୁନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ତୁରନ୍ତ ଜଳ ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶ୍ରମିକ ଯୋଗୀଙ୍କ ଦଶମ ଶ୍ରାଦ୍ଧବାର୍ଷିକ ସମାରୋହ



**ନୟାଗଡ଼,ଓଡ଼ଗାଁ,୧୨।୫/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାର ଟାଙ୍ଗର ପାହାଡ଼ଗୁଡିକୁ ସବୁଜିମାରେ ଭରିଦେବା ସହିତ ପରିବେଶ ସୁରକ୍ଷା ଦିଗରେ ଆଗେଇ ନେବାରେ ଯେଉଁ କେତେଜଣ ସମର୍ପିତ ପରିବେଶ ଯୋଦ୍ଧା ନିଜକୁ ଭୁଲି ଦିନରାତି ଏକ କରି ଲାଗି ପଡ଼ିଥିଲେ ସେମାନଙ୍କ ମଧ୍ୟରୁ ଶ୍ରମିକଯୋଗୀ ଅନ୍ୟତମ।

ସୋମବାର ତାଙ୍କର ଦଶମ ଶ୍ରାଦ୍ଧବାର୍ଷିକ ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘ, ବୃକ୍ଷ ଓ ଜୀବରବନ୍ଧୁ ପରିଷଦ କେଶରପୁର, ଅରୋମୀରା ଟ୍ରଷ୍ଟ, କୁରାଳ ଏବଂ ଭାରତ ବିକାଶ ପରିଷଦ ନୟାଗଡ଼ ଶାଖାର ମିଳିତ ସହଯୋଗରେ ବିକାଶ ପରିଷଦ ସଭାଗୃହରେ ଜିଲ୍ଲାର ସବୁବର୍ଗର ବ୍ୟକ୍ତି ବିଶେଷଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଭାରତ ବିକାଶ ପରିଷଦ ଅଧ୍ୟକ୍ଷ ପ୍ରସନ୍ନ କୁମାର ବସନ୍ତିଆ, ମୁଖ୍ୟବକ୍ତା ରୂପେ ଭଗବାନ ସାହୁ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ବନଅଧିକାରୀ ସୁରେଶ ଚନ୍ଦ୍ର ହୋତା, ଜିଲ୍ଲା ଓଁଶାନ୍ତି ପରିବାର ମୁଖ୍ୟସଞ୍ଚାଳିକା ଭଉଣୀ ମିନି, ନିସ୍ୱାର୍ଥ ପରିଚାଳକ ଅରୁଣମହାନ୍ତି, ବରିଷ୍ଠ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସୋହମ ସମ୍ପାଦକ କାମାକ୍ଷା ପ୍ରସାଦ ଦାସ, ଲିଙ୍ଗରାଜ ସ୍ୱାଇଁ ସଭାପତି ବୃକ୍ଷ ଓ ଜୀବରବନ୍ଧୁ ପରିଷଦ ପ୍ରମୁଖ ଯୋଗଦେଇଥିବା ବେଳେ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାସଂଘର ସଦସ୍ୟ ନିତ୍ୟାନନ୍ଦ ପ୍ରଧାନ, ରେଣୁବାଳା ପ୍ରଧାନ, ବିକ୍ରମ ନାୟକ, ଆନନ୍ଦ ଚନ୍ଦ୍ର ଜେନା, ଶ୍ରୀବତ୍ସ ପଣ୍ଡା,ରବି ବାବୁ, ଅଙ୍କୁର ବେହେରା, କୈଳାସ ଆଲଟିଆ, ସମ୍ବବର ଶାନ୍ତିଭଉଣୀ, ଓଁଶାନ୍ତି ଆଶ୍ରମ କଦମ୍ବଝର, ଯୋଗଗୁରୁ ବୈକୁଣ୍ଠ ପ୍ରଧାନ, ଗ୍ରୀନ୍ କ୍ଲବ, ହରିହରପୁର ତଥା ଉପସ୍ଥିତ ପରିବେଶ ପ୍ରେମୀ ଯୋଗୀସାରଙ୍କ ସ୍ମୃତିଚାରଣ କରିବା ପୂର୍ବକ ନିଜନିଜ କ୍ଷେତ୍ରରେ ପ୍ରୟାସ ଆରମ୍ଭକରି ସ୍ୱପ୍ନକୁ ସାକାର କରିବା ପାଇଁ ସଂକଳ୍ପ ନେଇଥିଲେ। ଯୋଗୀସାରଙ୍କ ଉଦ୍ଦେଶ୍ୟରେ ମାଟିରସ୍ୱର, ଦଶପଲ୍ଲା ତରଫରୁ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ସକାଶେ ଲେଖା ମାଟିରସ୍ୱର ସଂଯୋଜକ ପ୍ରଭାତ କୁମାର ସାହୁ କିମ୍ବା ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ, ୯୯୩୮୪୮୫୩୧୩ଙ୍କ ନିକଟକୁ ପଠାଇବା ପାଇଁ ଶ୍ରମିକଯୋଗୀ ସ୍ମୃତିକମିଟି ତରଫରୁ ଅନୁରୋଧ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ମହାସଂଘ ସଂପାଦକ କିଶୋର ଚନ୍ଦ୍ର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଚୀ ତଟରେ ବୌଦ୍ଧ ପୂର୍ଣ୍ଣିମା ସ୍ନାନ ମହୋତ୍ସବ



**ଚାରିଛକ,୧୨।୫/ଏନ୍ଏନ୍ଏସ୍:** ପ୍ରାଚୀ ତଟ ବଣବୁଡ଼ ଘାଟରେ ବୌଦ୍ଧ ପୂର୍ଣ୍ଣିମା ସ୍ନାନ ତର୍ପଣ, ଦେବଦର୍ଶନ ତଥା ପିତୃ ପୁରୁଷଙ୍କ ମୁକ୍ତି କାମନା କରି ପ୍ରାତଃ ସମୟରୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ପୁରାଣ ଦର୍ଶାନ୍ତି ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କୁ ବ୍ରହ୍ମ ଅଭିଶାପ ଜନିତ ପାପରୁ ମୁକ୍ତି ଦେବା ପାଇଁ ଏଠାରେ ପ୍ରାଚୀ ସ୍ନାନ ତର୍ପଣ ଶହ ରାମେଶ୍ୱର ଶମ୍ଭୁଙ୍କୁ ସ୍ଥାପନ କରିଥିଲେ। ଏ ପୁର୍ଣ୍ୟ ପ୍ରଭାବରେ ପିତା ଦଶରଥ ପ୍ରେତଯୋନିରୁ ମୁକ୍ତହୋଇ ବୈକୁଣ୍ଠ ଗମନ କରିଥିଲେ। ସେହିପରି କଳିଙ୍ଗ ବୌଦ୍ଧ ଭିକ୍ଷୁ ଉପଗୁରୁ ଏ ଘାଟରେ ସମ୍ରାଟ ଅଶୋକଙ୍କୁ ସ୍ନାନ ମଣ୍ଡନ କରାଇ ବୌଦ୍ଧ ଧର୍ମ ଦୀକ୍ଷା ଦେଇ ଧର୍ମାଶୋକ କରାଇଥିଲେ। ଏ ଗୌରବମୟ ଅତୀତକୁ ମନେପକାଇ କାହିଁ କେତେ କାଳରୁ ବଣ ବୁଡ଼ ବୌଦ୍ଧ ପୂର୍ଣ୍ଣିମା ସ୍ନାନ ମହୋତ୍ସବ ପ୍ରାଚୀ ତଟରେ ପାଳିତ ହେଉଛି। ପ୍ରାଚୀ ନଦୀ ଓ ପ୍ରାଚୀତଟ ଗୌରବ ଗାଥାର ବିକାଶ ପାଇଁ ଅହରହ କାର୍ଯ୍ୟରତ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କୁ ଏହି ଅବସରରେ ଶ୍ରୀକ୍ଷେତ୍ରର ବରିଷ୍ଠ ନାଗରିକ ମଞ୍ଚ ତଥା ବାଲିଘାଇ ସ୍ଥିତ ମା’ ବିପଦ ତାରିଣୀ ଉନ୍ନୟନ ପରିଷଦର ସମ୍ପାଦକ ଛବିନ୍ଦ୍ର ପାତ୍ର, ଆବାହକ ନିରଞ୍ଜନ ମାଲ, ହରପ୍ରସାଦ ଜେନା ପ୍ରମୁଖ ଶ୍ରୀଜଗନ୍ନାଥ ଶ୍ରୀ ଗୀତଗୋବିନ୍ଦ ପାଟ ଖଣ୍ଡୁଆ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତିର ଜୀବନ ରେଖା ପବିତ୍ର ପ୍ରାଚୀ ନଦୀର ବିକାଶ ତଥା ଦେବସ୍ଥଳୀଗୁଡିକର ସୁରକ୍ଷା ପାଇଁ ସରକାର ଆଶୁ ପଦକ୍ଷେପ ନେବାକୁ ଶ୍ରୀକ୍ଷେତ୍ର ବରିଷ୍ଠ ନାଗରିକ ମଞ୍ଚ ଓ ଚାରିଛକ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଦାବି ରଖିଛନ୍ତି।

## କନ୍ୟାକୁବ୍ଦ ଲୋକନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବଳଙ୍ଗା,୧୨।୫/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁର କନ୍ୟାକୁବ୍ଦଠାରେ ପ୍ରସିଦ୍ଧ ଲୋକନାଥଙ୍କ ପୀଠରେ ପାଞ୍ଚ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ମେଳାରେ ମାନସିକ ଧାରି ଚୁଡା, ନଡ଼ିଆ,ଗୁଡ, ଗୋଲମରିଚ, ଘିଅ, କର୍ପୁର, କମଳା ପ୍ରଭୃତି ରେ ସ୍ୱତନ୍ତ୍ର ଚୁଡାଘଷା ପାରମ୍ପରିକ ବେତରେ ନିର୍ମିତ ପେଡି ମଧ୍ୟରେ ରଖାଯାଇ ଭୋଗ କରାଯାଇଥାଏ। ନିକଟସ୍ଥ ପ୍ରାୟ ଶତାଧିକ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଆଶି ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ସରପଞ୍ଚ ସୁରେଶ ଚନ୍ଦ୍ର ମଙ୍ଗରାଜ, ଗୋବିନ୍ଦ ଚନ୍ଦ୍ର ଦାଶ, ଅଯୋଧ୍ୟା ନାଥ ଦାଶ, ରତ୍ନରାଜ ମହାନ୍ତି, ରାମଚନ୍ଦ୍ର ସାମନ୍ତସିଂହାର, କେଦାର ମହାପାତ୍ର, ବିରଞ୍ଚିନାରାୟଣ ମହାନ୍ତି, ଅଜିତ୍ ମହାନ୍ତି, ସିମ୍ପୁଲୁ ମଙ୍ଗରାଜ ପ୍ରମୁଖ ଯଜ୍ଞ କମିଟି ସଭ୍ୟ, ସେବାୟତ ତଥା ଗ୍ରାମବାସୀଙ୍କ ସହଯୋଗକ୍ରମେ ମେଳା ଶାନ୍ତିପୂର୍ଣ୍ଣ ସମାହିତ ହୋଇଥିଲା।

## ଚୋରି ଗାଡ଼ି ଉଦ୍ଧାର

**ନୟାହାଟ,୧୨।୫/ଏନ୍ଏନ୍ଏସ୍:** ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରୁ ଏକ ସ୍କୁଟି ଚୋରି କରି ଆଣି ନୟାହାଟ ଅଞ୍ଚଳରେ ଲୁଚାଇ ରଖିଥିବା ବେଳେ ପୁଲିସ ଗତକାଲି ରାତିରେ ଉଦ୍ଧାର କରିଥିବା



ଜଣାପଡ଼ିଛି। ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳର କୁଖ୍ୟାତ ଚୋର କୁନା ସେଠି ଓଡି ୧୪କେ ୩୭୯୧ ନମ୍ବର ଥିବା ଏକ ସ୍କୁଟିକୁ ନୟାହାଟ ଫାଣ୍ଡି ଅଞ୍ଚଳର ବାଉଁଶପୋଖରୀ ଗ୍ରାମରେ ଥିବା ମାମୁଁ ଘରେ ଲୁଚାଇ ରଖିବା ସହ ସେ ରହୁଥିଲା। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ରବିବାର ବିଳମ୍ବିତ ରାତିରେ ଚଢ଼ଉକରି କୁନା ସେଠୀଙ୍କୁ ଗାଡ଼ି ସହ ଗିରଫ କରିଥିଲେ।

# ନିଖିଳ ଉତ୍କଳ ରଙ୍ଗଣୀ ସମିତିର ବାର୍ଷିକ ଅଧିବେଶନ



**ବଳଙ୍ଗା,୧୨।୫/ଏନ୍ଏନ୍ଏସ୍:** ବୁଦ୍ଧ ପୂର୍ଣ୍ଣିମା ଅବସରରେ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ, ୫୫୦ଘର ରଙ୍ଗଣୀ ସମିତିର ବାର୍ଷିକ ଅଧିବେଶନ ବାଙ୍ଗୁରଷ ପାଟଣା ଜୋନ୍, ନିମାପଡ଼ା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମରେ ମହାସମାରୋହରେ ପାଳିତ ହୋଇଯାଇଛି। ରଙ୍ଗଣୀ ଜାତିର ପ୍ରଥା ପରମ୍ପରା ଅନୁଯାୟୀ ପ୍ରାତଃ ସମୟରେ ବନ୍ଧୁମିଳନ ପରେ ହରିପୁର ଗ୍ରାମସ୍ଥ ଭଗବତ ପୀଠରୁ ନାମ ସଂକୀର୍ତ୍ତନ ବାହାରି ଗ୍ରାମ ପ୍ରାନ୍ତରେ ଅବସ୍ଥିତ ଅଧିଷ୍ଠାତ୍ରୀ ମା’ ବିଶ୍ୱେଶ୍ୱରୀ ଓ ଗୋପୀନାଥ ଦେବଙ୍କ ପୀଠ ପରିକ୍ରମା ପରେ ସଭାସ୍ଥଳକୁ ବିଜେ କରିଥିଲେ। ସଭାସ୍ଥଳରେ ବିଜେ ଆରାଧ୍ୟ ଠାକୁର ପ୍ରଭୁ ଜଗନ୍ନାଥଙ୍କୁ ପୁଷ୍ପ ଚନ୍ଦନ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରୀମଦ୍ ଭାଗବତ ଗ୍ରନ୍ଥର ଏକ ଅଧ୍ୟାୟ ପାଠ କରାଯାଇଥିଲା। ତତ୍ପରେ ୫୫୦ଘର ରଙ୍ଗଣୀ ସମିତିର ସଭାପତି ଚକ୍ରଧର ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ରଙ୍ଗଣୀ ସମାଜ, ଓଡ଼ିଶା ର ସମ୍ପାଦକ ହରିହର ସାହୁ, ମୁଖ୍ୟ ବକ୍ତା ଭାବେ ନିଖିଳ ଉତ୍କଳ ରଙ୍ଗଣୀ ସମାଜ, ଓଡ଼ିଶାର ଉପଦେଷ୍ଟା ଯଜ୍ଞେଶ୍ୱର ବେହେରା ଯୋଗଦେଇଥିଲେ । ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ରଙ୍ଗଣୀ ସମାଜ, ଓଡ଼ିଶାର ଉପଦେଷ୍ଟା କୁଞ୍ଜବିହାରୀ ପୃଷ୍ଟି, ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀସମାଜ, ଓଡ଼ିଶାର କାର୍ଯ୍ୟକାରୀ ସଂପାଦକ ଜମ୍ବେଶ୍ୱର ବେହେରା, ଜାତି ପୁଅ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଲେଖକ ଈଶ୍ୱରଚନ୍ଦ୍ର ନାୟକ ଓ ରାଜ୍ୟର ସମସ୍ତ ୧୭ ଜୋନ୍‌ର ସଭାପତି ଓ ସଂପାଦକ ଆଦି ଯୋଗଦେଇଥିଲେ। ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପ୍ରଦୀପ୍ତ ବାହାନିପତିଙ୍କ ନିର୍ଦ୍ଦେଶନାରେ ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଈଶ୍ୱରଚନ୍ଦ୍ର ନାୟକଙ୍କ ରଚିତ ଗୀତି କବିତା କାଳିଆ ସାଆନ୍ତ ପରିବେଷଣ ସହିତ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ସଭାପତିଙ୍କ ଉଦ୍ଦେଶ୍ୟ ଜ୍ଞାପନ ପରେ ୫୫୦ ଘର ରଙ୍ଗଣୀ ସମିତିର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ବାଙ୍ଗୁରଷ ପାଟଣା ଜୋନ୍‌ର ସଭାପତି ମାଧବ ଚନ୍ଦ୍ର ସାହୁଙ୍କ ଦ୍ୱାରା ଗ୍ରାମର ପିଲାମାନଙ୍କ ସହାୟତାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପାଦକ ରବିନ୍ଦ୍ର କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ତତ୍ପରେ ଜାତିର ଦିବଂଗତ ଓ କାଶ୍ମିରୀର ପୁଲୱାମାରେ ସହିଦ ହୋଇଥିବା ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଓ ନିରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ରଙ୍ଗଣୀ ଜାତିର ସ୍ୱଧର୍ମ ଓ ସାମାଜିକ ସଂଗଠନ, ମନୁଷ୍ୟ ଜୀବନରେ ଶାକାହାରୀ ଜୀବନର ମହତ୍ତ୍ୱ ସମ୍ବନ୍ଧେ ଅଭିଭାଷଣ ରଖାଯାଇଥିଲା। ରଙ୍ଗଣୀ ସମାଜ ପାଇଁ ବିଶେଷ ଅବଦାନ ଥିବା ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିଇଥିବି ସହିତ ଗତବର୍ଷ ୫୫୦ଘର ସମିତି ଅଧୀନରେ ଯେଉଁ ପିଲାମାନେ ଦଶମ ପରୀକ୍ଷାରେ ୮୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିଲେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ୫୫୦ ଘର ରଙ୍ଗଣୀ ସମିତିର ବାଙ୍ଗୁରଷ ପାଟଣା ଜୋନ୍‌ର କୋଷାଧ୍ୟକ୍ଷ ମନୁ ସେନାପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ହରିପୁର ଗ୍ରାମବାସୀମାନଙ୍କ ମଧ୍ୟରେ ଦାମୋଦର ସେନାପତି, ଗୋବିନ୍ଦ ସେନାପତି, ଭାଗିରଥୀ ବେହେରା, ଭୀମ ସେନାପତି, ଅନାମ ଚରଣ ସାହୁ ପ୍ରମୁଖ ଅଧିବେଶନର ସମସ୍ତ କାର୍ଯ୍ୟେରେ ସହଯୋଗ କରିଥିଲେ।

### ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗରେ ବ୍ୟାପକ ଅବ୍ୟବସ୍ଥା

# ପାଇପ୍ ଫାଟି ରାସ୍ତାରେ ଲହଡ଼ି ମାରୁଛି ପାନୀୟଜଳ



**ଡେଲାଙ୍ଗ,୧୨।୫/ଏନ୍ଏନ୍ଏସ୍:** ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଅର୍ଥ ବ୍ୟୟ କରୁଥିବା ବେଳେ ଏବେ ଏହି ଅର୍ଥ ପାଣିରେ ପଡ଼ିଲା ଭଳି ମନେ ହେଉଛି। ପୁରୀ ଜିଲ୍ଲା ସହିତ ଅନେକ ଜିଲ୍ଲାରେ ମଧ୍ୟ ଭୁତଳ ଜଳସ୍ତର କମିଯିବା ଯୋଗୁ ଟ୍ୟୁବେଲ୍‌ରୁ କମ୍ ପାଣି ବାହାରୁଛି। ଏଥିପ୍ରତି ଜନସାଧାରଣ ସମେତ ବିଭାଗୀୟ ଅଧିକାରୀମାନେ ସଚେତନ ହେବାର ଆବଶ୍ୟକତା ରହିଛି। ଜଳକୁ ନଷ୍ଟ ନକରି ତାହାର ସଠିକ୍ ସଦୁପଯୋଗ କରିବା ଆବଶ୍ୟକାତା ରହିଛି। ଜଳକୁ ନଷ୍ଟ ନକରି ଅଯଥା ଅପଚୟ ନକରିବାକୁ ସରକାର ବିଭିନ୍ନ ଗଣମାଧ୍ୟରେ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚାଉଛନ୍ତି। ହେଲେ ଏହାକୁ ଖୋଦ ସରକାରୀ ବାବୁମାନେ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଜେନାପୁର ପଞ୍ଚାୟତର ଟୋଲାପଡା ବସୁଧା ପାନୀୟ ଜଳ ପ୍ରକଳ୍ପ ଅଞ୍ଚଳରେ ଏଭଳି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି।

ଘଟଣା ଅନୁଯାୟୀ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତର ସାଦପଡା ଛକରେ ପାନୀୟ ଜଳ ରାସ୍ତା ଉପରେ ଲହଡା ମାରୁଛି। ପ୍ରବଳ ରୁଦ୍ରତାପ ଯୋଗୁ ମଣିଷ ଠାରୁ ଜୀବଜନ୍ତୁ ପାନୀୟଜଳ ପାଇଁ ଡହଳ ବିକଳ ହେଉଥିବା ବେଳେ ଡେଲାଙ୍ଗ-ପଟ୍ଟନାୟିକିଆ ମୁଖ୍ୟ ରାସ୍ତାକଡ଼ ସାଦପଡ଼ା ଛକର ଏଭଳି ଘଟଣା କେମିତି ବିଭାଗୀୟ ଅଧିକାରୀଙ୍କ ଆଖିରେ ପଡୁନି ତାହା ସାଧାରଣ ଲୋକଙ୍କୁ ବିସ୍ମୀତ କରିଛି। ବସୁଧା ଯୋଜନା ଅଧୀନ ଟୋଲାପଡା ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଓଭର ହେଡ୍ ପାଣି ଟାଙ୍କି ଉପରେ ପୋଷଲ, ଟୋଲାପଡା, ଛଘରିଆ ସାହି, ହାକପଡା ସମେତ ଆଖାପାଖ ଗ୍ରାମର ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇଁ ନିର୍ଭର କରନ୍ତି। ଆଜକୁ ୧୦ରୁ ୧୫ ଦିନ ହେବ ଏହି ପାଇପ୍‌ଲାଇନ୍ ଫାଟି ପାନୀୟଜଳ ରାସ୍ତା ଉପରେ ଲହଡ଼ା ମାରୁଛି। ଯାହାଫଳରେ ସ୍ଥାନୀୟ ଲୋକେ ପାନୀୟ ଜଳ ସଠିକ୍ ଭାବେ ପାଇପାରୁନାହାନ୍ତି। ପାନୀୟଜଳ ଯୋଗାଣ ସମୟରେ ପାଣି ରାସ୍ତା ଉପରେ ଜମିରହୁଥିବା ବେଳେ ପାନୀୟ ଜଳ ବନ୍ଦପରେ ଜମିରହିଥିବା ପାଣି ପାଇପ୍ ଭିତରକୁ ପୁନର୍ବାର ପ୍ରବେଶ କରୁଛି। ଯାହାଫଳରେ ସ୍ୱଚ୍ଛ ପାନୀୟ ଜଳକୁ ଦୂଷିତ କରୁଥିବା ସ୍ଥାନୀୟ ଗ୍ରାମବାସୀ ରବିନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି। ଏହା ସହିତ ରାସ୍ତାରେ ପାଇପ୍ ଫାଟି ପାଣି ଭସୁଥିବା ଆମେମାନେ ଜଣାଇଥିଲୁ ହେଲେ ଏହି ସମସ୍ୟାର ସମାଧାନ ପାଇଁ ଆଜି ପର୍ଯ୍ୟନ୍ତ କେହି ଆସିଲେନି। ଏହା ସହିତ ସରକାର ସ୍ୱଚ୍ଛ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ସ୍ୱଭାବ ଯୋଗୁ ଆମେମାନେ ସଠିକ୍‌ରେ ପାଣି ପାଇବାରୁ ବଞ୍ଚିତ ହେଉଛୁ। ଯଦିବି ପାଣି ପାଉଛୁ ତାହା ଏହି ରାସ୍ତାରେ ଜମିରହିଥିବା ଦୂଷିତ ପାଣି। ଜଳର ସ୍ରୋତ ସହିତ ମିଶି ପାଣିକୁ ଦୂଷିତ କରୁଛି। ଯାହାଫଳରେ ଏହି ପାଣି ପିଇବା ଦ୍ୱାରା ଲୋକେ ରୋଗଯନ୍ତ୍ରଣା ଭୋଗିବାର ଆଶଙ୍କା ଦେଖାଦେବ ବୋଲି ସେ ଦାବି କରିଛନ୍ତି। ଅନ୍ୟପଟେ ଏହି ବସୁଧା ପାନୀୟ ଜଳ ପ୍ରକଳ୍ପ ପରିସରଟି ଅନାବନା ଘାସ, ଲତା ଓ ଜଙ୍ଗଲରେ ଭର୍ତ୍ତି ହୋଇଛି। ଏଥିରୁ ଜଣାପଡୁଛି ଯେ ଏଠାକୁ କେହି କେବେ ଆସୁନାହାନ୍ତି। କେବଳ ପାଣି ପାଇଁ ମଟର ଚଲାଇବାକୁ ଆସୁଥିବା ବେଳେ ଅନ୍ୟ ସମୟରେ କାହାରି ଦେଖାନାହିଁ। ଏହି ପରିସରର ଦୃଶ୍ୟ ଦେଖିବା ପରେ ଜଣାପଡୁଛି, ବିଭାଗୀୟ ଅଧିକାରୀ ଏସିରୁମରେ ବସି ଡ୍ୟୁଟି କରୁଛନ୍ତି। ହେଲେ ବସୁଧା ପ୍ରକଳ୍ପ କରାଯାଇଥିବା ସ୍ଥାନକୁ କେବେ ଆସୁନାହାନ୍ତି ବୋଲି ଶ୍ରୀ ସ୍ୱାଇଁ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ଠିକାଦାର ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ତାହାର ରକ୍ଷାଣା ବେକ୍ଷଣା ଦାୟିତ୍ୱ ନେଇଛନ୍ତି। ମୁଁ ତାଙ୍କୁ ଏ ସମ୍ପର୍କରେ ଅବଗତ କରାଇବି, ସେ ପାଇପ୍ ଲାଇନ୍‌କୁ ସଜାଡି ପାନୀୟଜଳ ଯୋଗାଣ ତ୍ୱରାନିତ୍ୱ କରିବେ। ତେବେ ଇତିମଧ୍ୟରେ ୧୫ଦିନ ବିତିଯାଇଥିବା ବେଳେ ପାଇପ୍ ଲାଇନ୍ କାମ ହୋଇ ନଥିବାରୁ ଯଥାଶିଘ୍ର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବିକରିଛନ୍ତି।

### ରେଲୱେ ଏବଂ ପୌର ପ୍ରଶାସନ ମଧ୍ୟରେ ଦ୍ୱନ୍ଦ୍ୱ: ସମସ୍ୟା ଭୋଗୁଛନ୍ତି ଲୋକେ

# ଅନବରତ ରାସ୍ତାରେ ନର୍ଦ୍ଦମା ପାଣି ପ୍ରବାହିତ



**ଜଟଣୀ,୧୨।୫/ଏନ୍ଏନ୍ଏସ୍:** ଜଟଣୀ ପୌରପରିଷଦ ଅନ୍ତର୍ଗତ ୩ନଂ ୱାର୍ଡର ରାଜାବଜାରରୁ ରେଲୱେ ରେଡଙ୍ଗ କଲୋନୀ, କୁସୁମାଟି ଏବଂ ରଥିପୁର ଗ୍ରାମକୁ ସଂଯୋଗ ହୋଇଥିବା ମୁଖ୍ୟ ରାସ୍ତାରେ ଅନବରତ ନର୍ଦ୍ଦମା ପାଣି ପ୍ରବାହିତ ହେବାରେ ଲାଗିଛି। ଯାହାଫଳରେ ରାସ୍ତାରେ ସାଧାରଣ ଲୋକେ ଯିବାଆସିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅନେକଥର ପୌରପରିଷଦ ତଥା ରେଳବାଇ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ସତ୍ତ୍ୱେ ଏହାର କୌଣସି ସ୍ଥାୟୀ ସମାଧାନର ବ୍ୟବସ୍ଥା କରୁନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ। ଏହି ବାବଦରେ ସ୍ଥାନୀୟ ପୌର କାଉନସିଲର ସଂଗ୍ରାମ କେଶରୀ ରାଉତରାୟ କୁହନ୍ତି ଏହା ସମ୍ପୂର୍ଣ୍ଣ ରେଲୱେ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଦୀର୍ଘଦିନ ହେବ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ରେଳବିଭାଗର ମୁଖ୍ୟ ରାସ୍ତା। ରାସ୍ତାର ଏକ ପାର୍ଶ୍ୱ ପୌରପରିଷଦର ନର୍ଦ୍ଦମା, ଅପରପାର୍ଶ୍ୱରେ ଥିବା ରେଳବାଇ ମୁଖ୍ୟ ନାଳକୁ ସଂଯୋଗ କରୁଛି। ଏହାର ସଂଯୋଗ ସ୍ଥଳକୁ ଏକ କଲ୍‌ଭର୍ଟ ନିର୍ମାଣ ହୋଇ ନର୍ଦ୍ଦମା ପାଣି ନିଷ୍କାସନ ହୋଇଥାଏ। ବର୍ତ୍ତମାନ ନିର୍ମାଣାଧୀନ କଲଭର୍ଟଟି ସମ୍ପୂର୍ଣ୍ଣ ନଷ୍ଟ ହେବା ଫଳରେ ନର୍ଦ୍ଦମା ପାଣିଗୁଡିକ ରାସ୍ତାଉପରେ ପ୍ରବାହିତ ଫଳରେ ରାସ୍ତାରେ ଶିଉଳି ଯୋଗୁଁ ସାଧାରଣ ଲୋକେ ଯିବାଆସିବା ସମୟରେ ଛୋଟବଡ଼ ଦୁର୍ଘଟଣା ଘଟେ ଏବଂ ହଜାର ହଜାର ଲୋକେ ପଚାପାଣିରେ ପଶି ଯିବାଆସିବା କରନ୍ତି। ବର୍ତ୍ତମାନ ସମୟରେ ରେଲୱେ ବିଭାଗ ଲୋକଙ୍କ ଗମନାଗମନ ନିମନ୍ତେ ରାସ୍ତା ନିର୍ମାଣ କରି ସେହି ନାଳ କଲଭର୍ଟ ନିମନ୍ତେ ରାସ୍ତା ସମ୍ପୂର୍ଣ୍ଣ ନ କରି ଛାଡ଼ିଦେବା ଫଳରେ ରାସ୍ତା ଉପରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାଇ ରେଲୱେ ବିଭାଗ ଏହି କଲଭର୍ଟ ନିର୍ମାଣ ପାଇଁ ଟେଣ୍ଡର ହୋଇଛି। କିନ୍ତୁ ଦୁଃଖର ବିଷୟ ଏହି ଟେଣ୍ଡର ପ୍ରକ୍ରିୟା କେବେ ସମ୍ପୂର୍ଣ୍ଣ ହୋଇ କଣ୍ଟ୍ରାକ୍ଟର ମାଧ୍ୟମରେ କଲଭର୍ଟ ନିର୍ମାଣ ହୋଇ ଜନସାଧାରଣଙ୍କ ଅସୁବିଧା ଦୂର ହେବ ତାହା ଚିନ୍ତାର ବିଷୟ। ଏହି ସମସ୍ୟାର ସମାଧାନ କେବେ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଏହାକୁ ନେଇ ଏକ ଗଣଆନ୍ଦୋଳନ ହେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

### ଇଗଲ୍ କ୍ରିକେଟ କପ୍-୨୦୨୫

# ସିଡିଏ ଲାୟନ୍ସ ଚାମ୍ପିଅନ୍




**ଖୋର୍ଦ୍ଧା,୧୨।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଇଗଲ କ୍ରିକେଟ କ୍ଲବ ତରଫରୁ ଆୟୋଜିତ ୨୦ତମ ଇଗଲ କ୍ରିକେଟ କପ୍ ୨୦୨୫ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ରାତ୍ରୀକାଳୀନ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ପର୍ଯ୍ୟାୟରେ ସିଡିଏ ଲାୟନ୍ସ ମ୍ୟାଜିକ ଏଲେଭେନ୍‌କୁ ହରାଇ ଚାମ୍ପିଅନ୍ ହୋଇଛି। ପ୍ରଥମେ ବ୍ୟାଟିଂକରି ମ୍ୟାଜିକ ଇଲେଭେନ ୧୪୧ ରନ କରିଥିଲେ। ପ୍ରତ୍ୟୁତରରେ ସିଡିଏ ଲାୟନ୍ସ ଉତ୍ତମ ମହାନ୍ତିଙ୍କ ଧୂଆଁଧାର ୧୪ବଲ୍‌ରୁ ୫୯ରନ ସହାୟତାରେ ଆବଶ୍ୟକ ୧୪୨ରନ୍ ସଂଗ୍ରହ କରିନେଇ ଇଗଲ କ୍ରିକେଟ କପ୍-୨୦୨୫ର ବିଜେତା ହୋଇଥିବା ବେଳେ ମ୍ୟାଜିକ ଏଲେଭେନ୍ ଉପବିଜେତା ହୋଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ବିଗତ ୫ବର୍ଷ ଧରି ମ୍ୟାଜିକ ଦଳ ଫାଇନାଲକୁ ଯାଉଥିବାବେଳେ ଉପବିଜେତା ଭାବେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟକୁ ଶୁଭ ଉଦ୍ଘାଟନ କରିଥିଲେ ଇଗଲ କ୍ଲବ୍‌ର ସର୍ବକାଳୀନ ସଭାପତି ରାଜେନ୍ଦ୍ର କୁମାର ସାହୁ, ଇଗଲ କ୍ଲବ୍‌ର ସମ୍ପାଦକ ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଅଭିଷେକ ସିଂ ସାମନ୍ତ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ପ୍ରବୀଣା ଜଗଦେବ ରାୟ, ମୋନାଲିସା ସିଂ, ଅମିୟ କୁମାର ମହାନ୍ତି, ନାଗଭୂଷଣ ଜେନା, ଅନିଲ ରାମ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା, ସମାଜସେବୀ ଅଜୟ କୁମାର ସାହୁ, କ୍ରିକେଟ ପୃଷ୍ଠପୋଷକ ବିରଞ୍ଚି ନାରାୟଣ ଜେନା, ଜ୍ୟୋତିରଂଜନ ସିଂ, ବ୍ରହ୍ମାନନ୍ଦ ଜେନା, ସତ୍ୟପ୍ରକାଶ ସାହୁ, ଦିଗନ୍ତ ପଟ୍ଟନାୟକ, ନୂତନ କ୍ରାନ୍ତି ପାଲ୍, ସ୍ୱାଗତ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଅମିତ୍ ଅମିତାଭ ମହାପାତ୍ର, ଶିବାଶିଷ ପଟ୍ଟନାୟକ, ଶିବପ୍ରସାଦ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଦଳ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଗଲ କ୍ରିକେଟ କ୍ଲବ୍‌ର ଶତାଧିକ ସଭ୍ୟ ରାତିସାରା ଉଜାଗର ରହି ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିବାରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଯାପନୀ ଉତ୍ସବରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ପାଦକ ଅଭିଷେକ ସିଂ ସାମନ୍ତ ସବୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖେଳକୁ ସାନୁଜ ବିଶ୍ୱାଳ, ସଂଗ୍ରାମ ସାମନ୍ତରାୟ, ସ୍ୱାଗତ ଶୁଭମ୍ ଦାସ, ଅମିତ୍ ଦାସ, ବିଶ୍ୱଜିତ୍ ଦାସ, ସୁଶାନ୍ତ ପରିଡ଼ା, ଶୁଭକାନ୍ତ ଦାସ ପରିଚାଳନା କରିଥିଲେ।

# ‘ଆରାଧ୍ୟା’ ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ଫୁଲନଖରା,୧୨।୫/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ‘ଆରାଧ୍ୟା କଲଚରାଲ ଏକାଡ଼େମୀ’ ଛାତ୍ରଛାତ୍ରୀମାନେ ନୃତ୍ୟ, ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ବୁଦ୍ଧ ଜୟନ୍ତୀ ଉପଲକ୍ଷେ ବ୍ଲୋଜମ ଡ୍ୟାନ୍ସ ସ୍କୁଲ ଆନୁକୂଲ୍ୟରେ କଟକ ଗାନ୍ଧୀ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏକାଡ଼େମୀର ନୃତ୍ୟ ଶିଳ୍ପୀ, ସଂଗୀତ ଶିଳ୍ପୀ ଓ ଚିତ୍ରକଳା ବିଭାଗ ଛାତ୍ର ଅଭିନନ୍ଦନ ଖଟୁଆ ଚିତାକର୍ଷକ କଳା ନୈପୁଣ୍ୟ ପ୍ରଦର୍ଶନ ପୂର୍ବକ ଅତିଥି ଓ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପାଇଁ ଅନୁଷ୍ଠାନର ମୁଖ୍ୟ ଅଜୟକୁମାର ପାତ୍ର, ପ୍ରଶିକ୍ଷକ ବାପି ମଲିକ, ତନୁଶ୍ରୀ ରକ୍ଷିତ, ଇଂ.ସେବକ ଶ୍ରୀକାନ୍ତ ଓ ସହଯୋଗୀ ସସ୍ମିତା ସାହୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ କଳାକାର ଭବିଷ୍ୟତ କାମନା କରିଥିଲେ।

# ବହୁବିଧ ସେବାରେ ବ୍ରତୀ ସାମାଜିକ ସଂଗଠନ ଆସ୍ଥା ଫାଉଣ୍ଡେସନ୍

**ଫୁଲନଖରା,୧୨।୫/ଏନ୍ଏନ୍ଏସ୍:** ବହୁବିଧ ସମାଜସେବାରେ ବ୍ରତୀ ଅଗ୍ରଣୀ ସାମାଜିକ ସଂଗଠନ ଆସ୍ଥା ଫାଉଣ୍ଡେସନ୍ ୨୦୧୭ ମସିହାରେ ଯୁବ ସମାଜସେବୀ ମାହାଙ୍ଗା ମାଟିର ଯୁବ ପ୍ରତିଭା ଦିବ୍ୟାଂଶୁ ଆଚାର୍ଯ୍ୟ ଓ କିଛି ଯୁବବନ୍ଧୁମାନଙ୍କୁ ନେଇ ଗଠିତ ହୋଇଥିଲା। ଏହି ସଂଗଠନ ବିଭିନ୍ନ ମହତ କାର୍ଯ୍ୟ ରାଜ୍ୟର ବହୁ ସ୍ଥାନରେ କରିଥିବାରୁ ଆଜି ସମାଜ ଆଗରେ ପ୍ରତିଷ୍ଠିତ ହୋଇପାରିଛି। ରକ୍ତଦାନ, ଜନ ଜାଗରଣ, ଆଲୋଚନାଚକ୍ର, ଆଶ୍ରମ ସେବା, ସୃଜନଶୀଳ ଲେଖନୀ, ପରିବେଶ ସୁରକ୍ଷା, କମ୍ବଳ ଓ ଖାଦ୍ୟ ବଣ୍ଟନ, ପଶୁପକ୍ଷୀମାନଙ୍କ ପାଇଁ ଜଳପାତ୍ର ସ୍ଥାପନ, କଳା ସାହିତ୍ୟ ପୂଜ୍ୟପୂଜା ଆଦି ବିଭିନ୍ନ କ୍ଷେତ୍ରରେ ସଙ୍ଗଠନ ତା’ର କାର୍ଯ୍ୟ ଅବ୍ୟାହତ ରଖିଛି।

ଗ୍ରାମର ବିକାଶ ପାଇଁ ସବୁବେଳେ ଚେଷ୍ଟିତ ଓ ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରି ଗ୍ରାମାଞ୍ଚଳ ପ୍ରତିଭାଙ୍କ ବିକାଶ ଓ ସମସ୍ତଙ୍କ ମନରେ ଦେଶପ୍ରେମ ଭରି ଦେବାରେ ସଙ୍ଗଠନ ସଦା ଜାଗ୍ରତ ଓ ପୂର୍ଣ୍ଣ ସଫଳତା ଲାଭ କରିଛି। ସଙ୍ଗଠନ ସ୍ୱେଚ୍ଛାସେବୀ ବର୍ଗ ବହୁ ଦୁର୍ଭେଦ୍ୟ ଅଞ୍ଚଳ ତଥା ବିକାଶ ଠାରୁ ଦୂରରେ ଥିବା ସ୍ଥାନମାନଙ୍କୁ ଯାଇ ଲୋକମାନଙ୍କ ସେବା କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ସଚେତନ କରିବା ତଥା ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରିବା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ଯାହାକି ଉଦାହରଣ ସୃଷ୍ଟି କରିଛି। ଏହି ମାନବୀୟ କାର୍ଯ୍ୟ ନେଇ ଆସ୍ଥା ଫାଉଣ୍ଡେସନକୁ ରାଜ୍ୟ ସାରା ମିଳିଛି ଭୂୟସୀ ପ୍ରଶଂସା ଓ ସମ୍ବର୍ଦ୍ଧନା। ଚାରା ବଣ୍ଟନ ଓ ରୋପଣ, ରକ୍ତଦାନ ଶିବିର ଆୟୋଜନ, ସ୍ୱାସ୍ଥ୍ୟ ସେବା ଶିବିର, ଜଳଛତ୍ର, ପୂଜ୍ୟପୂଜା ଆଦି ଅନେକ ଗଠନ ମୂଳକ ମହତ୍ କାର୍ଯ୍ୟ ସଂଗଠନ ପକ୍ଷରୁ ସମ୍ପାଦନ କରାଯାଇଛି।

# ନିଜସ୍ୱ ଉଦ୍ୟମରେ ଜଳଛତ୍ର କେନ୍ଦ୍ର ଖୋଲି ହିମାଂଶୁ ପ୍ରଶଂସିତ



**ସାଲେପୁର,୧୨।୫/ଏନ୍ଏନ୍ଏସ୍:** ପ୍ରବଳ ରୌଦ୍ରତାପକୁ ଦୃଷ୍ଟିରେ ରଖି ସାଲେପୁର କଟକ ମୁଖ୍ୟ ରାସ୍ତାର ପାଗା ଠାରେ ଥିବା ସୁହାନି ମଣ୍ଡପ ସମ୍ମୁଖ ରାସ୍ତା ଅପରପାର୍ଶ୍ୱରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ପଥିକମାନଙ୍କୁ ଥଣ୍ଡା ଦହି ସରବତ ଦିଆଯାଉଛି। ଟାଙ୍ଗୀ ସାଲେପୁର ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ବିଜେପି ନେତା ହିମାଂଶୁ କୁମାର ମହାନ୍ତିଙ୍କ ନିଜସ୍ୱ ଉଦ୍ୟମରେ ରାସ୍ତାରେ ଯାଉଥିବା ପଥଚାରୀମାନଙ୍କୁ ଦହି, ଲେମ୍ବୁ, ଜଲ୍‌ଜିରା ମିଶା ଥଣ୍ଡା ସର୍ବତ ଦିଆଯାଉଛି। ପ୍ରବଳ ଖରାରେ ଲୋକମାନେ ଡହଳ ବିକଳ ହୋଇ ଯାଉଥିବା ବେଳେ ଏହି ଥଣ୍ଡା ସର୍ବତ ଦ୍ୱାରା ଆତ୍ମସନ୍ତୋଷ ଲାଭ କରୁଥିବା ଦେଖିବାକୁ ମିଳୁଛି। ଏହି ଜଳଛତ୍ର ଗ୍ରୀଷ୍ମପ୍ରବାହ କମିବା ପର୍ଯ୍ୟନ୍ତ ଦୈନିକ ଦିଆଯିବ ବୋଲି ହିମାଂଶୁ ପ୍ରକାଶ କରିଛନ୍ତି। ଏହି ଜଳଛତ୍ର କେନ୍ଦ୍ରରେ ଶ୍ରୀ ମହାନ୍ତିଙ୍କ ସମର୍ଥକ ଓ ସ୍ଥାନୀୟ ବାସିନ୍ଦାମାନେ ସହଯୋଗ କରି ଲୋକମାନଙ୍କୁ ଥଣ୍ଡା ସର୍ବତ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ନଥିବା ବେଳେ ହିମାଂଶୁଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରାଯାଇଛି।

# ବିଶ୍ୱଶାନ୍ତି ମହାଯଜ୍ଞରେ ଭାରତର ଅପରେସନ୍ ‘ସିନ୍ଦୂର’ ପାଇଁ ଆହୂତି



**ଡେଲାଙ୍ଗ,୧୨।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପିଢ଼ପାଟଣା ଗ୍ରାମରେ ଶ୍ରୀ ଶ୍ରୀ ବାଙ୍କେଶ୍ୱର ଦେବଙ୍କ ପୀଠରେ ୨୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞରେ ଆତଙ୍କବାଦିଙ୍କ ବିରୋଧରେ ଭାରତର ଅପରେସନ ସିନ୍ଦୂରରେ ଭାରତର ବିଜୟ ପାଇଁ ଆହୂତି ପ୍ରଦାନ କରାଯାଇଥିଲା। ଏହି ମହାଯଜ୍ଞ ପାଇଁ ଗ୍ରାମର ୧୦ଜଣ ମହିଳା ଓ ପୁରୁଷ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ମହାଯଜ୍ଞ ଶୁକ୍ରବାର ଆରମ୍ଭ କରାଯାଇଥିବା ବେଳେ ସୋମବାର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବଦେବୀ ଆବାହନ, ଅଗ୍ନିସ୍ଥାପନ, ଶାଳା ପୂଜା, ଚଣ୍ଡୀପାଠ, ଶୈବ ଆହୂତି ପ୍ରଭୃତି ପୂଜାର୍ଚ୍ଚନା ପ୍ରଧାନ ଆଚାର୍ଯ୍ୟ ରବିନାରାୟଣ ମହାପାତ୍ର ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା କରଯାଇଥିଲା। କର୍ତ୍ତା ଭବେ ରାମକୃଷ୍ଣ ପରିଡା ଓ କର୍ତ୍ତି ଭାବେ ପତ୍ନୀ ସୀତା ପରିଡା କାର୍ଯ୍ୟ ନିର୍ବାହ କରିଥିଲେ। ଯଜ୍ଞ କମିଟି ସଭାପତି ମହେଶ୍ୱର ଜେନା, ସଂପାଦକ ବିଚିତ୍ରା ନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପରିଡା, ବାଙ୍କେଶ୍ୱର ଦେବଙ୍କ ପୂଜକ ଗଜେନ୍ଦ୍ର ମହାପାତ୍ର ପ୍ରମୁଖ ଯଜ୍ଞ ପରିଚାଳନା କରିଥିବା ବେଳେ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ବିଦ୍ୟୁତ୍‌ଖୁଣ୍ଟକୁ ପିଟିଲା ଟାଟା ମ୍ୟାଜିକ୍: ୨ ଗୁରୁତର, ଅଳ୍ପକେ ବର୍ତ୍ତିଲେ ୧୦ ଯାତ୍ରୀ

**ଡେଲାଙ୍ଗ,୧୨।୫/ଏନ୍ଏନ୍ଏସ୍:** ଡେଲାଙ୍ଗ- ପଟ୍ଟନାୟିକିଆ ରାସ୍ତାର ସାଦପଡା ଛକ ନିକଟରେ ଏକ ଟାଟା ମ୍ୟାଜିକ୍ ଗାଡ଼ି ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇଯିବାରୁ ୨ଜଣ ଯାତ୍ରୀ ଗୁରୁତର ହୋଇଥିବା ବେଳେ ଅନ୍ୟ ୧୦ଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ଭୋର୍ ୪ଟା ସମୟରେ ଅଣ୍ଡାବାଜପୁରରୁ ଏକ ନାଳିରଙ୍ଗର ଟାଟା ମ୍ୟାଜିକ୍ ଗାଡିରେ ୧୨ଜଣ ଯାତ୍ରୀ ଡେଲାଙ୍ଗ-ପଟ୍ଟନାୟିକିଆ ରାସ୍ତା ଦେଇ ପୁରୀ ଲୋକନାଥ ମନ୍ଦିରକୁ ଯାଉଥିଲେ। ଦୁର୍ଘଟଣା ସ୍ଥାନଠାରୁ ୨ଶହ ମିଟର ପୂର୍ବରୁ ଗାଡିର ବ୍ରେକ୍ ଫେଲ ସହିତ ଷ୍ଟେରିଂ ଜାମ୍ ହୋଇଯାଇଥିଲା। ଡ୍ରାଇଭର ଜଣକ ଗାଡିକୁ ନିୟନ୍ତ୍ରଣ କରିବାକୁ ଅନେକ ଚେଷ୍ଟା ପରେ ଗାଡିଟି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ରାସ୍ତାକଡ଼ ନିକଟରେ ଥିବା ଏକ ବିଦ୍ୟୁତ୍‌ଖୁଣ୍ଟକୁ ପିଟିଥିଲା। ଫଳରେ ଗାଡ଼ିରେ ବସିଥିବା ଯାତ୍ରୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସରେ ନିକଟସ୍ଥ ଡେଲାଙ୍ଗ ଡାକ୍ତରଖାନାକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ୍ ପଠାଯାଇଥିବା ଜଣାପଡ଼ିଛି।

# ଆବେଦନର ୬ମାସ ପରେ ବି ମିଳୁନି ବିଦ୍ୟୁତ୍ ସଂଯୋଗ, ଗ୍ରାହକ ହଟହଟା

**କଣ୍ଟାପଡ଼ା,୧୨।୫/ଏନ୍ଏନ୍ଏସ୍:** ଆଉ ଲୋକଙ୍କ ପାଇଁ ବିଦ୍ୟୁତ ସମସ୍ୟା ରହିବନାହିଁ; ଆବେଦନର ୨୪ଘଣ୍ଟା ମଧ୍ୟରେ ନୂତନ ସଂଯୋଗ ଦିଆଯିବ; ଏହା ସଂପୂର୍ଣ୍ଣଭାବରେ ଅନ୍‌ଲାଇନରେ ହେବ; ଆଉ ବିଦ୍ୟୁତ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିବନାହିଁ; ଏପରି କିଛି ମନମତାଣିଆ ଘୋଷଣା ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଓ ଟାଟା ପାୱାର ପକ୍ଷରୁ ଏକ ଉଚ୍ଚସ୍ତରୀୟ ମିଳିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅଥଚ ତାହା ସେମିତି କିଛି ପ୍ରଭାବୀ ହେଲା ନାହିଁ।

ନୂତନ ବିଦ୍ୟୁତ ସଂଯୋଗ ପାଇଁ ଆବେଦନର ୬ମାସ ପରେ ବି ଗ୍ରାହକଙ୍କୁ ସଂଯୋଗ ମିଳୁନାହିଁ। ଏପରି ଘଟଣା ଗୋପାଳପୁର ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ ଅଡ଼ଶପୁର ସେକ୍ସନ୍‌ରେ ଦେଖିବାକୁ ମିଳିଛି। ଖନ୍ଦୋଳ ମୌଜାର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ପଣ୍ଡିତ ବିମ୍ବାଧର ଦାସ ତାଙ୍କ କୁରାଙ୍ଗଶାସନସ୍ଥ ନୂତନ ଘର ପାଇଁ ଗତ ବର୍ଷ ଡିସେମ୍ବର ମାସରେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ସେହିପରି ଗଙ୍ଗେଶ୍ୱର ମୌଜାର ପ୍ରଦୀପ୍ତକୁମାର ପାତ୍ର ନୂତନ ସଂଯୋଗ ପାଇଁ ଆବେଦନ କରିଥିଲେ। ମାତ୍ର ଅଡ଼ଶପୁର ବିଦ୍ୟୁତ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଅପରପକ୍ଷରେ ପ୍ରତି ଗାଁରେ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାର ୨୦୧୪ ମସିହାରେ ‘ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା’ର ପ୍ରଚଳନ କରିଥିଲେ। କିନ୍ତୁ ତାହା ସଠିକ ଢଙ୍ଗରେ କାର୍ଯ୍ୟକାରୀ ନହେବାରୁ ଲୋକମାନେ ପୂର୍ବ ଭଳି ବିଦ୍ୟୁତ ସମସ୍ୟାଜନିତ ଅସୁବିଧା ଭୋଗିବାରେ ଲାଗିଛନ୍ତି। ଏ ସମ୍ପର୍କରେ ଅଡ଼ଶପୁର ସେକସନ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ସୁଶାନ୍ତ କୁମାର ରାଉତ କହନ୍ତି ମୁଖ୍ୟାଳୟରୁ ଡିମାଣ୍ଡ୍ ନୋଟ୍ ଆସିନଥିବାରୁ ଗ୍ରାହକ ଆବଶ୍ୟକ ଅର୍ଥରାଶି ଜମା କରିପାରୁନାହାନ୍ତି। ଫଳସ୍ୱରୂପ ତାଙ୍କୁ ସଂଯୋଗ ଦେବାରେ ବିଳମ୍ବ ଘଟୁଛିବୋଲି ସଫେଇ ଦେଇଛନ୍ତି।

# ଅଭିନେତା ବୈଭବଙ୍କ ଏକାଦଶାହରେ ସ୍ମୃତିଚାରଣ



**ବାଲିଅନ୍ତା,୧୨।୫/ଏନ୍ଏନ୍ଏସ୍:** ଭାରତପୁର୍ ପିଜିଲ କଲୋନୀରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବୃନ୍ଦାବନ ସାହୁଙ୍କ ଏକ ମାତ୍ର ପୁଅ ତଥା ଆଲବମ ଅଭିନେତା ବୈଭବ ସାହୁ(ବାସୁ)ଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସବୁଦିନ ଟିଭିର ମୁଖ୍ୟ ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରି ସ୍ୱର୍ଗତଙ୍କ ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରିଥିଲେ। ଟୁଇନ୍‌ସିଟି ପ୍ରେସ୍ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜା, ଗୁରୁପ୍ରସାଦ ମହାପାତ୍ର, ପ୍ରଯୋଜକ ପଦ୍ମନାଭ ସାହୁ, ସମାଜସେବୀ ତଥା ସବୁଦିନ ଟିଭିର ଅଧ୍ୟକ୍ଷ ହୃଦାନନ୍ଦ ସାହୁ ଶତପଥୀ, ଅଭିନେତା ରୁଦ୍ରମନଙ୍କ ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁବାନ୍ଧବ ପରିବାରବର୍ଗ ଉପସ୍ଥିତ ରହି ସ୍ୱର୍ଗତ ବୈଭବ ଜଣେ ସ୍ନେହୀ, ମେଳାପୀ, ପରୋପକାରୀ ତଥା ଜଣେ ଉଚ୍ଚକୋଟୀର କଳାକାର ଭାବରେ ଓଡ଼ିଆ ଆଲବମ ଜଗତରେ ବେଶ ସୁନାମ ଆଣିଥିଲେ ବୋଲି ମତପୋଷଣ କରିଥିଲେ। ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ନିରବ ପ୍ରାର୍ଥନା କରିବାସହ ସ୍ୱର୍ଗତ ବୈଭବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ନିତି ଭାରତୀ

ପଛକୁ ଚାହଁନାହିଁ- ଆଗକୁ, ଅସୀମ ଶକ୍ତି, ଅସୀମ ଉତ୍ସାହ, ଅସୀମ ସାହସିକତା ଏବଂ ଅସୀମ ଧୈର୍ଯ୍ୟ- ତାହା ହେଲେ ହିଁ ବଡ଼ ବଡ଼ କାମ ହାସଲ କରାଯାଇ ପାରିବ।
- ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ମଙ୍ଗଳବାର, ୧୩ ମେ ,୨୦୨୫

# ବୋର୍ଡ ପରୀକ୍ଷା ଫଳର ବିଶ୍ୱସନୀୟତା

ରାଜ୍ୟରେ ବିଦ୍ୟାଳୟ ଶିକ୍ଷାର ସ୍ଥିତି ଭଲ ଅଧିକେ ସମସ୍ତଙ୍କୁ ଅବଗତ। ବିଭିନ୍ନ କାରଣ ଯୋଗୁଁ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା କଷ୍ଟକର ହେଉଥିଲେ ହେଁ ଅପର୍ଯ୍ୟାପ୍ତ ଭିତ୍ତିଭୂମି ଓ ଶିକ୍ଷକ ଅଭାବ ଏହାର ଦୁଇ ଗୋଟି ମୂଳ କାରଣ ବୋଲି ସାଧାରଣରେ ବିବେଚନା କରିବାର ଲକ୍ଷ୍ୟ କରାଯାଏ। ବେସରକାରୀ ଅନୁଷ୍ଠାନ 'ପ୍ରଥମ' ଦେଶବ୍ୟାପି ସର୍ଭେ କରି ପାରଦର୍ଶୀ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ ପ୍ରସ୍ତୁତ ଓ ପ୍ରକାଶିତ କରିଥାଏ। ସେହିଭଳି ଭାରତ ସରକାର ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣ ମାଧ୍ୟମରେ ସ୍କୁଲ ପିଲାଙ୍କ ଶୈକ୍ଷିକ ସ୍ଥିତି ପରଖିଥାନ୍ତି। ଉଭୟ ସର୍ବେକ୍ଷଣକୁ ଅନୁଧ୍ୟାନ କଲେ ସ୍ପଷ୍ଟ ବୁଝାପଡ଼େ, ଆମ ରାଜ୍ୟର ପିଲାଙ୍କ ଶୈକ୍ଷିକ ସ୍ଥିତି ସନ୍ତୋଷଜନକ ନୁହେଁ। ଓଡ଼ିଶାର ଗ୍ରାମାଞ୍ଚଳ ସ୍କୁଲର ୪୦% ତୃତୀୟ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀର ପାଠ୍ୟପୁସ୍ତକ ପଢ଼ି ପାରନ୍ତି ନାହିଁ। ୩୦% ତୃତୀୟ ଶ୍ରେଣୀ ପିଲା ବିୟୋଗ କରିବାରେ ଅକ୍ଷମ। ସେହିପରି ୫୭%



ପ୍ରମୋଦ କୁମାର ପଣ୍ଡା

ପଞ୍ଚମ ଶ୍ରେଣୀ ପିଲା ତୃତୀୟ ଶ୍ରେଣୀ ବହି ପଢ଼ିବାକୁ ସମର୍ଥ ନୁହନ୍ତି। ପାଖାପାଖି ୩୦% ପଞ୍ଚମ ଶ୍ରେଣୀ ପିଲାଙ୍କୁ ହରଣ ଆସେନି। ଶ୍ରେଣୀ ପରିଦର୍ଶନ ବେଳେ ଉଚ୍ଚ ବିଦ୍ୟାଳୟର ବହୁ ସଂଖ୍ୟକ ପିଲା ନିମ୍ନ ଶ୍ରେଣୀର ପାଠ ଜାଣି ନଥାନ୍ତି ବୋଲି ଜଣାପଡ଼େ। ଅନେକେ ଖୁବ୍ ସହଜ ଓ ସରଳ ପ୍ରଶ୍ନର ଉତ୍ତର ରଖିପାରି ନଥାନ୍ତି। ଏପରି ସ୍ଥଳେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଦଶମ ପରୀକ୍ଷା ଫଳର ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି ହେବା ସାଧାରଣ ଓ ସ୍ୱାଭାବିକ।

ବିଗତ ଅଠର ବର୍ଷର ମାଟ୍ରିକ ପରୀକ୍ଷା ଫଳ ଉପରେ ନଜର ପକେଇଲେ ବିସ୍ମିତ ହେବାକୁ ହୁଏ। ୨୦୦୭ ମସିହା ମାଟ୍ରିକ ପରୀକ୍ଷା ଫଳ ୫୯.୦୯% ଥିବା ବେଳେ ଧୀରେ ଧୀରେ ବୃଦ୍ଧି ଘଟି ୨୦୨୪ ବେଳକୁ ଏହା ୯୬.୦୭% ରେ ପହଞ୍ଚିଛି। ୨୦୨୦ ମସିହାରୁ ମାଟ୍ରିକ ପରୀକ୍ଷା ଫଳ କ୍ରମାଗତ ୯୦% ଉପରେ ରହୁଛି। ସେହିଭଳି ୨୦୧୨ ମସିହାରେ ୧୩୯ ସ୍କୁଲର ପରୀକ୍ଷା ଫଳ ଶୂନ୍ୟ ହୋଇଥିଲା। ଜଣେ ମଧ୍ୟ ପିଲା ପାସ୍ କରି ନଥିଲେ। ମସିହା ୨୦୨୪ ବେଳକୁ ଶୂନ୍ୟ ପରୀକ୍ଷା ଫଳ ସ୍କୁଲ ସଂଖ୍ୟା ଶୂନ୍ୟରେ ପହଞ୍ଚିଲାଣି। ଅର୍ଥାତ୍ ସବୁ ସ୍କୁଲର ସବୁ ପିଲା ପାସ୍ କରିଛନ୍ତି। ଜଣେ ବି ଫେଲ୍ ହୋଇ ନାହାନ୍ତି। ୨୦୧୨ ମସିହାରେ ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଥିବା ସ୍କୁଲ ସଂଖ୍ୟା ୨୪୦ ଥିଲା। ବୃଦ୍ଧି ଘଟି ୨୦୨୪ରେ ଏହାର ସଂଖ୍ୟା ୨୬୪୪ରେ ପହଞ୍ଚିଛି। ବିଗତ ପାଞ୍ଚ ବର୍ଷ ହେଲାଣି ଲଗାତର ଶୂନ୍ୟ ପରୀକ୍ଷା ଫଳ ସ୍କୁଲ ସଂଖ୍ୟା ଶୂନ୍ୟ ରହି ଆସୁଛି। କୌଣସି ବିଦ୍ୟାଳୟରୁ ଜଣେ ମଧ୍ୟ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହେଉ ନାହାନ୍ତି। ପରୀକ୍ଷାରେ ଉପସ୍ଥିତ ମାନେ ନିଶ୍ଚିତ ପାସ୍। ଅବକାଶ ନାହିଁ ଅକୃତକାର୍ଯ୍ୟ ହେବାର। ଏହା ମାଧ୍ୟମିକ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ। ଗୁଣାତ୍ମକ ଶିକ୍ଷାର ବିକାଶ ଧାରା।

ପ୍ରକାଶ ପାଇଛି ମାଟ୍ରିକ ବୋର୍ଡ ପରୀକ୍ଷା ଫଳ। ରାଜ୍ୟର ପାସ୍ ହାର ରହିଛି ୯୪.୯୩%। ଚଳିତ ବର୍ଷ ୫,୦୨,୪୧୪ ପିଲା ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୪,୮୪,୮୬୩ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୨,୪୪,୬୧୨ ଝିଅ ଓ ୨,୪୦,୨୫୧ ପୁଅ। ଆଗରେ ଅଛନ୍ତି ଝିଅପିଲା। ୯୬% ଝିଅପିଲା ପାସ୍ କରିଥିବା ବେଳେ କୃତକାର୍ଯ୍ୟ ହୋଇଛନ୍ତି ୯୪% ପୁଅପିଲା। ଅକୃତକାର୍ଯ୍ୟ ପିଲା ସଂଖ୍ୟା ୧୭,୩୮୪। ନବେ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖି ଇ୧ ଗ୍ରେଡ୍ ହାସଲ କରିଥିବା ପିଲାଙ୍କ ସଂଖ୍ୟା ୧୮୧୨ ହୋଇଥିବା ବେଳେ ୧୨,୨୦୦ ଛାତ୍ରୀଛାତ୍ର ଇ୨ ଗ୍ରେଡ୍ ପାଇଛନ୍ତି। ଇ୧ ଓ ଇ୨ ଗ୍ରେଡ୍‌ରେ ଯଥାକ୍ରମେ ୩୮,୮୩୧ ଓ ୮୪,୯୭୧ ପିଲା ଅଛନ୍ତି। ଗଜପତି ଜିଲ୍ଲାର ପାସ୍‌ହାର ରାଜ୍ୟରେ ସର୍ବାଧିକ। ୯୯.୩୫%। କୋରାପୁଟ ଜିଲ୍ଲା ୯୨.୮୩% ସହ ସବା ତଳେ। ୩୨୭୨ ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ରହିଛି। ବିଗତ ବର୍ଷମାନଙ୍କ ଭଳି ଶୂନ୍ୟ ପରୀକ୍ଷା ଫଳ ରଖିଥିବା ବିଦ୍ୟାଳୟ ସଂଖ୍ୟା ଶୂନ୍ୟ ଅଟେ। ୨୦୨୪ ପରୀକ୍ଷାରେ ନବେ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ପିଲାଙ୍କ ସଂଖ୍ୟା କମିଥିଲା। ୨୦୨୩ ବୋର୍ଡ ପରୀକ୍ଷାରେ ୮୧୧୯ ଜଣ ପରୀକ୍ଷାର୍ଥୀ ଇ୧ ଗ୍ରେଡ୍ ହାସଲ କରିଥିବା ବେଳେ ୨୦୨୪ରେ ଏହାର ସଂଖ୍ୟା ୪୧୫୮କୁ ଖସି ଆସିଥିଲା। ହାରାହାରି ୫୦ ପ୍ରତିଶତ। ଏ ବର୍ଷ ଏହି ସଂଖ୍ୟା ଆହୁରି କମ୍ ହୋଇ ୧୮୧୨ରେ ପହଞ୍ଚିଛି। କିନ୍ତୁ ୨୦୨୩, ୨୦୨୪ ଓ ୨୦୨୫ର ପାସ୍ ହାର ପ୍ରାୟ ସମାନ ରହିଛି। ୯୬.୧୯% , ୯୬.୦୭% ଓ ୯୪.୯୩%। କେତେକ ଜିଲ୍ଲାରେ ଇ୧ ପିଲା ସଂଖ୍ୟା ୭୫% ପର୍ଯ୍ୟନ୍ତ କମି ଯାଇଥିଲା ୨୦୨୪ରେ ପୂର୍ବ ବର୍ଷ ତୁଳନାରେ, ଯାହା ଚଳିତ ବର୍ଷ ପୁଣି ୫୦% ହ୍ରାସ ପାଇଛି।

ପ୍ରାଥମିକ ଶିକ୍ଷାର ଦୁର୍ବଳ ସ୍ଥିତିରେ ରାଜ୍ୟବାସୀ ବିକଳ। ସଂପୂର୍ଣ୍ଣ ନିରାଶ। ବୋର୍ଡ ପରୀକ୍ଷା ଫଳକୁ ନେଇ କିନ୍ତୁ ଚର୍ଚ୍ଚା ହୁଏନି। ବରଂ ଆମେ ସମସ୍ତେ ତଳୁ ଉପର ପର୍ଯ୍ୟନ୍ତ ବାହାସ୍ଫୋଟ ମାରୁ। ପରୀକ୍ଷା ଫଳକୁ ନେଇ ଗର୍ବ ଅନୁଭବ କରୁ। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ, ଯେଉଁଠି ହାଇସ୍କୁଲ ପିଲେ ସାଧାରଣ ଯୋଗ, ବିୟୋଗ, ଗୁଣନ ଏବଂ ହରଣ କରିବାକୁ ଅସମର୍ଥ, ସେଠି ନବେ ପ୍ରତିଶତରୁ ଅଧିକ ପିଲା ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି କିପରି ? କ'ଣ ପ୍ରାଥମିକ ଶିକ୍ଷା ଠିକ୍‌ଠାକ୍ ଚାଲିଥିବା ସତ୍ତ୍ୱେ ଆମେ ଅକାରଣ




ବ୍ୟବସ୍ଥାକୁ ବଦନାମ କରୁଛୁ ନା ବୋର୍ଡ ପରୀକ୍ଷା ପଦ୍ଧତିରେ ଏମିତି ତ୍ରୁଟିବିଚ୍ୟୁତି ରହିଛି, ଯାହା ଫଳରେ ପିଲା କିଛି ନ ଜାଣି ମଧ୍ୟ ବିନା ପରିଶ୍ରମରେ ଅକ୍ଲେଶରେ ପାସ୍ ହୋଇ ଯାଉଛନ୍ତି! ଦୁର୍ବଳ ମୂଳଦୁଆ ଉପରେ ତିନିତାଲା କୋଠା ବାଡ଼େଇବା ସମ୍ଭବପର ନୁହେଁ। ସମସ୍ତଙ୍କୁ ଏହା ଭଲ ଭାବେ ଜଣା। ସେହି ନ୍ୟାୟରେ ଦୁର୍ବଳ ପ୍ରାଥମିକ ଶିକ୍ଷା ହେତୁ ମାଟ୍ରିକ ପରୀକ୍ଷା ଫଳ ପ୍ରଭାବିତ ହେବା ଥୟ, ଯାହା ହେଉନି। ଯଥାଯଥ କାରଣ ଖୋଜି ଆଶୁ ସମାଧାନ ନ କଲେ ଆଗାମୀ ଦିନରେ ଭୟାବହ ଅବସ୍ଥା ସୃଷ୍ଟିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

ପ୍ରାଥମିକ ଶିକ୍ଷା ଓ ମାଟ୍ରିକ ପରୀକ୍ଷା ଫଳ ସକାରାତ୍ମକ ରୂପେ ସହ ସମ୍ବନ୍ଧି। ଉତ୍ତମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ନିଶ୍ଚିତ ଉତ୍ତମ ଫଳ ପ୍ରଦାନ କରିବ। କିନ୍ତୁ ବିସ୍ମୟର ବିଷୟ, ଅତ୍ୟନ୍ତ ଦୁର୍ବଳ ପିଲା ମଧ୍ୟ ଅନାୟାସରେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତି! ଏଥିପାଇଁ ମୁଖ୍ୟତଃ ବହୁ ବିକଳ୍ପ ପ୍ରଶ୍ନର ପ୍ରଚଳନ ଓ ଆନ୍ତରିକ ମୂଲ୍ୟାୟନ ଦାୟୀ ବୋଲି ଅନେକେ ବିଚାର କରନ୍ତି। ବସ୍ତୁନିଷ୍ଠ ପ୍ରଶ୍ନ ପ୍ରଚଳନ କିଛି ଖରାପ କଥା ନୁହେଁ। କିନ୍ତୁ ଏହାକୁ କେବଳ ବହୁ ବିକଳ୍ପ ପ୍ରଶ୍ନରେ ସୀମିତ ରଖିବା ଭଲ ନୁହେଁ। ଓଏମ୍‌ଆର୍‌ରେ ଆଖି ବୁଜି ଗୋଲ ବୁଲାଇ ମଧ୍ୟ ସମ୍ଭାବନା ସିଦ୍ଧାନ୍ତ ମୁତାବକ ଜଣେ ପରୀକ୍ଷାର୍ଥୀ ୧୨/୧୩ ନମ୍ବର ପାଇଯିବ। ସ୍କୁଲମାନଙ୍କରେ ଆନ୍ତରିକ ମୂଲ୍ୟାୟନ ପ୍ରକ୍ରିୟାର ପାରଦର୍ଶିତା ଉପରେ ଅନେକ ପ୍ରଶ୍ନ ଉଠେ। ପିଲାଙ୍କ ପ୍ରଦର୍ଶନର ସଠିକ୍ ଆକଳନ ନ କରି ଅଧିକ ନମ୍ବର ଦେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବନି। ଏସବୁ ପିଲାଙ୍କୁ ସହଜରେ ପାସ୍ କରିବାରେ ସାହାଯ୍ୟ କରେ। ପାସ୍ ପ୍ରତିଶତ ବଢ଼ିବା ଦ୍ୱାରା ପରୀକ୍ଷାର ଗୁରୁତ୍ୱ ହ୍ରାସ ପାଉଛି। ଗରିମା କମୁଛି। ପିଲା ମହାବିଦ୍ୟାଳୟ ଶିକ୍ଷାରେ ଫେଲ୍ ମାରୁଛି। ପାଠପଢ଼ା ଛାଡୁଛି। ବେକାରୀ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ପାଠପଢ଼ା ଏବଂ ପରୀକ୍ଷା- ଉଭୟର ପୁନର୍ବିନ୍ୟାସ ଦିଗରେ ଧ୍ୟାନ ଦେବା ଆବଶ୍ୟକ। ନଚେତ୍ ଫସଲ କମ୍ ଓ ବାଲୁଙ୍ଗା ଅଧିକ ଅମଳର ସମ୍ଭାବନା ରହିଛି।■

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୭୮୨୮୩୧୯୦

# 'ନ୍ୟୁ ନର୍ମାଲ' ପାଇଁ ନୂଆ ସୀମା

ପହଲଗାମ୍ ଆତଙ୍କୀ ଆକ୍ରମଣ ଏବଂ ଏହାର ଜବାବରେ ଭାରତ ପକ୍ଷରୁ ଅପରେସନ୍ ସିନ୍ଦୂର ଅନ୍ତର୍ଗତ ପାକିସ୍ତାନର ଆତଙ୍କବାଦୀ ଆଡ୍‌ଡାଗୁଡ଼ିକ ଉପରେ ସାମରିକ ଆକ୍ରମଣ ପରେ ଭାରତୀୟ ଅଧିକାରୀମାନେ ରବିବାର ଦିନ ଅନେକଗୁଡ଼ିଏ ତଥା ପୃଥକ୍ ପୃଥକ୍ ସାମ୍ବାଦିକ ସମ୍ମିଳନୀରେ ବାରମ୍ବାର 'ନ୍ୟୁ ନର୍ମାଲ' ଶବ୍ଦକୁ ବ୍ୟବହାର କରିଥିଲେ, ଯାହା ଏଣିକି ପାକିସ୍ତାନ ସହିତ ଭାରତ କିପରି କାରବାର କରିବ, ତାହା ପରିଭାଷିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ପାକିସ୍ତାନ ସହିତ ଶତ୍ରୁତାରେ ବିରାମ ଲାଗିବାର ଗୋଟିଏ ଦିନ ପରେ ଏହି ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା, ଯାହାର ଆରମ୍ଭ ହୋଇଥିଲା ପହଲଗାମ୍ ଆକ୍ରମଣରୁ। ଭାରତ ଏହି ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ପାକିସ୍ତାନର ନଅ ଗୋଟି ଆତଙ୍କୀ ଆଡ୍‌ଡା ଉପରେ ବିଧ୍ୱଂସକାରୀ ଆକ୍ରମଣ କରିଥିଲା, ଯାହା ପାଲଟା ଜବାବ ଦେବାକୁ ଯାଇ ଆମ ଦେଶର ସାମରିକ ବାହିନୀ ଏବଂ ବେସାମରିକ ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ତା'ପରେ ଦୁଇ ଦେଶଙ୍କ ଭିତରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ମେ' ୧୦ ତାରିଖ ପ୍ରାତଃକାଳରେ ଭାରତ ପାକିସ୍ତାନର ପ୍ରମୁଖ ଏୟାରବେସ୍‌ଗୁଡ଼ିକ ଉପରେ ଆକ୍ରମଣ କରି ଏସବୁର ପ୍ରଭୂତ କ୍ଷତି ଘଟାଇ ଥିଲା। ପାକିସ୍ତାନ ଏହାର ପ୍ରତିକ୍ରିୟା ପ୍ରକାଶ କରିବାର ଉଦ୍ୟମ କରିଥିଲା, କିନ୍ତୁ ଶତ୍ରୁତାର ଅବସାନ ମଧ୍ୟ ଚାହୁଁଥିଲା, ଯେଉଁଥିରେ ଭାରତ ରାଜି ହୋଇଥିଲା, ଯେତେବେଳେ କି ଯୁକ୍ତରାଷ୍ଟ୍ର ଆମେରିକା ଏଥିରେ ମଧ୍ୟସ୍ଥିର ଭୂମିକା ନିର୍ବାହ କରିଥିବା ଦାବି କରିଥିଲା। ଏସବୁର ଗୋଟିଏ ଦିଗ ହେଉଛି, ଭାରତ ପାରମ୍ପରିକ (ସାମରିକ ଆକ୍ରମଣ) ସହିତ ଉପ-ପାରମ୍ପରିକ (ଉଦାହରଣ ସ୍ୱରୂପ, ଆତଙ୍କୀ ଆକ୍ରମଣ) ଆକ୍ରମଣ ଜରିଆରେ ପ୍ରତିକ୍ରିୟା ପ୍ରକାଶ କରିବା। ଏକଥା ଯେତେବେଳେ ସମସ୍ତଙ୍କୁ ଜଣା ଥିଲା ଯେ ଭାରତ ନିଶ୍ଚିତ ଭାବରେ ପହଲଗାମ୍ ଆତଙ୍କୀ ଆକ୍ରମଣର କଡ଼ା ଜବାବ ଦେବ- ଯେହେତୁ ଉରି ଏବଂ ପୁଲଓ୍ୱାମା ଆକ୍ରମଣ ଦେଇଥିଲା- ତେବେ ଏହାର ପ୍ରତିକ୍ରିୟାର ସ୍ୱଷ୍ଟତା ଏବଂ ଭବିଷ୍ୟତର ଯେ କୌଣସି ପ୍ରକାରର ଆକ୍ରମଣକୁ ଏକ ଯୁଦ୍ଧ ଭାବରେ ବିବେଚନା କରାଯିବ ବୋଲି କହିବା, ଅବଶ୍ୟ ନୂଆ ଏବଂ ସେଥିପାଇଁ ଏହାକୁ ନ୍ୟୁ ନର୍ମାଲ ବୋଲି କହିବା ଅଧିକ ସମୀଚୀନ ହେବ।

ସେ ଯାହାହେଉ, ଦୁଇ ପଡ଼ୋଶୀ ଦେଶଙ୍କ ଭିତରେ ଯୁଦ୍ଧକାଳୀନ ପରିସ୍ଥିତିରେ ଅବସାନ ଘଟିବାକୁ ସମସ୍ତେ ଆନନ୍ଦ ମନରେ ଗ୍ରହଣ କରିବା ଉଚିତ। କାରଣ, ଏକ ଯୁଦ୍ଧ ଆରମ୍ଭ କରିବା ସହଜ ହୋଇଥିବା ବେଳେ, ଏମିତିକି ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କୀ ଆକ୍ରମଣ କରି ପାକିସ୍ତାନ ଏହାକୁ ଉସୁକାଇବାର ସମସ୍ତ ଉଦ୍ୟମ କରିଥିଲା ବୋଲି କହିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ହୋଇଥିବା ସତ୍ତ୍ୱେ କୌଣସି ଯୁଦ୍ଧକୁ ବନ୍ଦ କରିବା କିନ୍ତୁ ଆଦୌ ସହଜ କାମ ନୁହେଁ। ଆଉ ବର୍ତ୍ତମାନ ଏହା ହୋଇଥିବାର ଶ୍ରେୟ ଆମେରିକା, ସାଉଦି ଆରବ ଏବଂ ଉପସାଗରୀୟ ଅଞ୍ଚଳମାନଙ୍କୁ ଦିଆଯାଇପାରେ, ଯେଉଁମାନେ ମୂଳରୁ ଯୁଦ୍ଧକୁ ବନ୍ଦ କରିବା ନିମନ୍ତେ ଭାରତ ଏବଂ ପାକିସ୍ତାନ ପରସ୍ପର ସହିତ କଥାବାର୍ତ୍ତା ଏବଂ କୂଟନୀତିର ଆଶ୍ରୟ ନେବାକୁ ସ୍ମରଣ କରାଇ ଆସୁଥିଲେ। ଧର୍ମ ଭିତ୍ତିରେ ଚିହ୍ନଟ କରାଯାଇ ହତ୍ୟା କରାଯାଇଥିବା ବ୍ୟକ୍ତିମାନଙ୍କ ମୃତ୍ୟୁର ଭାରତ ପ୍ରତିଶୋଧ ନେବା ସଙ୍ଗେ ସଙ୍ଗେ ୨୦୦୧ରେ ସଂସଦ ଭବନ ଉପରେ ଏବଂ ୨୦୦୮ରେ ୨୬/୧୧ ଆକ୍ରମଣର ପାକ୍-ପ୍ରାୟୋଜିତ ଆତଙ୍କବାଦର ପରିସମାପ୍ତି ନିମନ୍ତେ ଭାରତ ଚଳିତ ଥର ଯେ ସର୍ବାଧିକ କଠୋର ବାର୍ତ୍ତା ପ୍ରଦାନ କରିଛି, ଏଥିରେ ସନ୍ଦେହ ନାହିଁ। ଯେ କୌଣସି ଦାୟିତ୍ୱହୀନ ନେତାଙ୍କ ଦ୍ୱାରା ଆଣବିକ ଅସ୍ତ୍ରର ପ୍ରୟୋଗ କରାଯିବାର ଧମକ ଦିଆଯାଇପାରେ। ଏକଥା ଧରି ନିଆଯିବା ଉଚିତ ଯେ ଏଥର ପାକିସ୍ତାନର ଯେତିକି କ୍ଷୟକ୍ଷତି ଘଟିଛି, ତା'ର ଭରଣା କରିବା ସହିତ ଶତ୍ରୁତାର ଅବସାନ ନିମନ୍ତେ ଏକ ବଡ଼ ଶକ୍ତି ରୂପକ ଆଶାବାଡ଼ି ଆବଶ୍ୟକ କରୁଥିଲା, ଠିକ୍ ଯେମିତି କରି ଆସିଥିଲା ଐତିହାସିକ ଭାବରେ ୧୯୬୫ଠାରୁ କିମ୍ବା ୧୯୭୧ ଭଳି ଆତ୍ମସମର୍ପଣ କରିବା ପାଇଁ।

ଏକଥା ପ୍ରାୟତଃ କୁହାଯାଇଥାଏ ଯେ ସବୁ ଦେଶଙ୍କ ନିକଟରେ ଦେଶର ସୁରକ୍ଷା ପାଇଁ ସେନାବାହିନୀମାନେ ଥିବା ବେଳେ ପାକିସ୍ତାନରେ ସେନାବାହିନୀ ନିକଟରେ ଦେଶଟିଏ ଅଛି। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଆତଙ୍କବାଦ ଓ ଯୁଦ୍ଧର ସର୍ବକାଳୀନ ପରିସମାପ୍ତି ନିମନ୍ତେ ଆମେରିକା ପକ୍ଷରେ ଏହାର ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ଙ୍କ ଜରିଆରେ ପାକିସ୍ତାନର ଧର୍ମ-ଦୀକ୍ଷିତ ସେନାଧକ୍ଷମାନଙ୍କ ସହିତ ଆଲୋଚନା କରିବା ଅପରିହାର୍ଯ୍ୟ କାରଣ ଇସଲାମାବାଦରେ ଅବସ୍ଥାପିତ ପାକିସ୍ତାନର ବେସାମରିକ ସରକାରର କ୍ୱଚିତ୍ କୌଣସି କର୍ତ୍ତୃତ୍ୱ ରହିଥାଏ ଏବଂ ଏହା ନିଜ ଦେଶର ସେନା ହାତର କାଠ କଣ୍ଢେଇ। ଭାରତ ଏହାର ବାର୍ତ୍ତାରେ ସ୍ପଷ୍ଟ କରି ସାରିଛି ଯେ ଏହା ସିନ୍ଧୁ ନଦୀ ଜଳ ଚୁକ୍ତିରୁ ଓହରି ଯିବା ନିଷ୍ପତ୍ତିରେ ପରିବର୍ତ୍ତନ କରିବ ନାହିଁ। ଆହୁରି ମଧ୍ୟ ଭାରତ ସ୍ପଷ୍ଟ ଶବ୍ଦରେ କହି ସାରିଛି ଯେ ପୁଣିଥରେ ଯଦି କୌଣସି ପ୍ରକାରର ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟ କରାଯାଏ, ତା'ହେଲେ ତାକୁ ଯୁଦ୍ଧ ଭାବରେ ପରିଗଣନା କରାଯିବ ଏବଂ ଏହାର ଉପଯୁକ୍ତ ଜବାବ ଦିଆଯିବ। ଆକାଶ ମାର୍ଗରେ ହେଉ ବା ଭୂପୃଷ୍ଠରେ ସଂଗ୍ରାମ କରି ଭାରତ ଚାରିଦିନର ଆକ୍ରମଣ ଭିତରେ ଯେତିକି କ୍ଷତି ସହିଛି, ତାକୁ ଭରଣା କରିବା ନିମନ୍ତେ ଏହାର ସାମର୍ଥ୍ୟ ରହିଛି, ପରନ୍ତୁ, ସୀମାବର୍ତ୍ତୀ ଅଞ୍ଚଳମାନଙ୍କରେ ବାସ କରୁଥିବା ଏହାର ଲୋକମାନେ ଯେଉଁ ପୀଡ଼ା ସହନ କରିଛନ୍ତି, ତାହା ଏକ ବାର୍ତ୍ତା ପ୍ରଦାନ କରିଛି ଯେ ସେମାନଙ୍କର ଧନ ଜୀବନ ସୁରକ୍ଷିତ ରଖିବା ନିମନ୍ତେ ଆହୁରି ଅନେକ କିଛି କରାଯିବାର ଅଛି। ତେଣୁ ଭାରତ ଏବେଠାରୁ କେବଳ ଜାମ୍ମୁ ଏବଂ କାଶ୍ମୀରରେ ନୁହେଁ, ଦେଶର କୌଣସି ବି ସ୍ଥାନରେ ଯେପରି ସୁରକ୍ଷା ବ୍ୟବସ୍ଥାରେ ସାମାନ୍ୟତମ ତ୍ରୁଟି ବିଚ୍ୟୁତି ଦେଖା ନ ଦିଏ, ସେ ବାବଦରେ ସତର୍କ ହେବାର ସମୟ ଉପଗତ। ଡ୍ରୋନ୍ ଏବଂ ମିସାଇଲ୍‌ଗୁଡ଼ିକ ଦ୍ୱାରା ଆକ୍ରମଣ ଫଳରେ ଭାରତ ହୁଏତ କମ୍ କ୍ଷତି ସହିଥାଇପାରେ, କିନ୍ତୁ ସୀମା ଆରପଟୁ ଗୁଳିଗୋଳା ଓ ମୋର୍ଟାର ଇତ୍ୟାଦି ମାଡ଼ରେ ପ୍ରାଣ ହରାଇ ଥିବା ସାଧାରଣ ନାଗରିକଙ୍କ ଜୀବନ ଅମୂଲ୍ୟ ଏବଂ ଏହି ଘଟଣାରୁ ଭାରତ ଶିକ୍ଷାଲାଭ କରିବା ଉଚିତ ଯେ ପାକିସ୍ତାନ କଥା ଉଠିଲେ ଏହା କିପରି ତା'ର ମୁକାବିଲା କରିବା ଆବଶ୍ୟକ। ତେବେ ବର୍ତ୍ତମାନ ପାଇଁ ଦୁଇ ପକ୍ଷଙ୍କ ଭିତରେ ଆଲୋଚନା ଏବଂ କୂଟନୀତି ଜରିଆରେ ସମସ୍ୟାର ସମାଧାନ ନିମନ୍ତେ ଯୁଦ୍ଧ ବିରତି ଆଶ୍ୱାସନା ଆଣି ଦେଇଛି ଏବଂ ଏହାଦ୍ୱାରା ଦୁଇ ଦେଶ ଏକ ଉତ୍ତମ ଭବିଷ୍ୟତ ନିମନ୍ତେ ପଦକ୍ଷେପ ନେବା ଉଚିତ।■

# ମହାକବି ସଚ୍ଚି ରାଉତରାୟ

ଶାସ୍ତ୍ରୀୟ ଗୌରବ ଲାଭ କରିଥିବା ଓଡ଼ିଆ ଭାଷା ଓ ତା'ର ସାହିତ୍ୟକୁ ବିକାଶ ପଥରେ ଆଗେଇ ନେବାରେ ସାରଳା ଦାସଙ୍କଠାରୁ ଆରମ୍ଭ କରି ଅନେକ ଯୋଗଜନ୍ମା ସାଧକ ସେମାନଙ୍କ ସାଧନା ବଳରେ ଅସମ୍ଭବକୁ ମଧ୍ୟ ସମ୍ଭବ କରି ପାରିଛନ୍ତି। ପଞ୍ଚସଖା ବଳରାମ, ଜଗନ୍ନାଥ, ଯଶୋବନ୍ତ, ଶିଶୁ ଅନନ୍ତ, ଅଚ୍ୟୁତାନନ୍ଦ କୁହନ୍ତୁ ବା ଭଞ୍ଜ ଏବଂ ଭକ୍ତି ଭାବର ଦୀନକୃଷ୍ଣ, ଅଭିମନ୍ୟୁ, ଗୋପାଳକୃଷ୍ଣ ଆଦି ସମସ୍ତଙ୍କର ଅଦମ୍ୟ ସାଧନାର ଫଳଶ୍ରୁତି ହେଉଛି ଓଡ଼ିଆ ସାହିତ୍ୟର ଭଣ୍ଡାର। ଏହାର ଶ୍ରୀବୃଦ୍ଧି କରାଇବାରେ ଫକୀରମୋହନ, କାଳନ୍ଦୀଚରଣ, କାହ୍ନୁଚରଣ ଆଦି ଯେପରି ପ୍ରୟାସ କରିଛନ୍ତି, ସେହିପରି ଭକ୍ତକବି ମଧୁସୂଦନ, ମାୟାଧର ମାନସିଂହ କାବ୍ୟ କବିତାର ଧାରା ଛୁଟାଇ ସେହି ସ୍ରୋତକୁ



ଡାକ୍ତର ରବି ରଞ୍ଜନ ସାହୁ

ଆଗକୁ ଆଣିଛନ୍ତି। ସେହି ସମୟରେ ଅନ୍ୟତମ ସାଧକ ସଚ୍ଚିଦାନନ୍ଦ ରାଉତରାୟ କବିତା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ଯେଉଁ ଅମୂଲ୍ୟ ସଂପଦ ଦାନ କରିଦେଇ ଯାଇଛନ୍ତି, ତାହା ତାଙ୍କର ସାଧନା, ନିଷ୍ଠା ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅବଦାନକୁ ମୂଲ୍ୟାଙ୍କନ କରୁଛି। ପରାଧୀନ ଭାରତରେ ଜନ୍ମଗ୍ରହଣ କରି ମାତୃଭୂମିର ମର୍ମ ବେଦନାକୁ ଅନୁଭବ କରି ସଚ୍ଚିଦାନନ୍ଦ ଦେଶପ୍ରେମ ସ୍ରୋତରେ ଅବଶ୍ୟ ଅବଗାହନ କରିଛନ୍ତି। ଏଥି ସହିତ ମାତୃଭୂମି ଓଡ଼ିଶାର ସ୍ୱତନ୍ତ୍ରତା ବିଶେଷକରି ଓଡ଼ିଆ ଭାଷା ସାହିତ୍ୟର ମର୍ଯ୍ୟାଦା ରକ୍ଷା କରିବା ଦିଗରେ ଆଜୀବନ ସାଧନାରେ ସଫଳ ହୋଇଛନ୍ତି। ତାଙ୍କ ରଚିତ 'ଛୋଟ ମୋର ଗାଁଟି', 'ବାଜି ରାଉତ' ତାଙ୍କୁ ଯେତିକି ଖ୍ୟାତି ଦେଇଛି, ସେତିକି ସେ ଦେଶ ବିଦେଶରେ ପରିଚିତ ହୋଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ସେ ଏ ପୃଥିବୀର ଅନେକ ଦେଶରେ ପହଞ୍ଚିଛନ୍ତି। ସେଠାରେ ଆୟୋଜିତ ସେମିନାର ଆଦିରେ ଅଂଶଗ୍ରହଣପୂର୍ବକ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନତା, ଗୌରବ ଓ ଗରିମା ବିଷୟରେ ବିଶ୍ୱବାସୀଙ୍କୁ ଜଣାଇଛନ୍ତି। ବିଶ୍ୱର ପ୍ରମୁଖ ଦେଶମାନଙ୍କରେ ଓଡ଼ିଆ ଭାଷାର ଆଦର ଓ ସମୃଦ୍ଧି ପାଇଁ ତାଙ୍କର ଏହି ପ୍ରଚେଷ୍ଟା କିଛି କମ୍ ନୁହେଁ। ନିଜର ସୃଜନଶୀଳ ପ୍ରତିଭାକୁ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସେ ଦେଶ ତଥା ଦେଶବାସୀଙ୍କର ଯେଉଁ ସେବା କରିଯାଇଛନ୍ତି, ତାହା ଅବର୍ଣ୍ଣନୀୟ। ଏପରି ପ୍ରତିଭାଶାଳୀ ବ୍ୟକ୍ତିଙ୍କର ଗୁଣଗାନ କରାଯିବା, ତାଙ୍କ ସ୍ମୃତିରେ କିଛି ଆୟୋଜନ କରାଯିବା ସେପରି ବଡ଼ କଥା ନୁହେଁ। ତାଙ୍କ ବିଷୟରେ କିଛି ଲେଖିବା ମଧ୍ୟ ସାଧାରଣ କଥା। ସେ ଯେଉଁ ସାହିତ୍ୟ ସର୍ଜନା କରି ଯାଇଛନ୍ତି, ଯାହାକୁ ନେଇ ଆଜି କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରେ ଅନେକ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗବେଷଣା କରୁଛନ୍ତି ଓ ଆଗକୁ ମଧ୍ୟ କରିବେ ସେପରି ପ୍ରତିଭାଙ୍କର ଯଥାର୍ଥ ମୂଲ୍ୟାଙ୍କନ କରାଯିବା କଷ୍ଟକର। ସମୟ ସ୍ରୋତରେ ଅନେକ କିଛି ଅତିବାହିତ ହୋଇ ଯାଇଥାଏ। ଅନେକ ପୃଥିବୀ ପୃଷ୍ଠକୁ ଆସି ସେମାନଙ୍କର କର୍ମ ଶେଷ କରି ଚାଲି ଯାଆନ୍ତି, ମାତ୍ର ଏପରି କେତେକ ବ୍ୟକ୍ତି ସେମାନଙ୍କ କାର୍ଯ୍ୟ ଦ୍ୱାରା କାଳ କାଳକୁ ଅମର ହୋଇ ଯାଆନ୍ତି, ସେମାନଙ୍କର ଚିନ୍ତା ଚେତନା ବିଚାର ଓ ସୃଜନଶୀଳତା ଯୋଗୁଁ। କାଳାନ୍ତରରେ ଲୋକେ ସେହି ଦିବ୍ୟ ପୁରୁଷଙ୍କୁ ମନେ ପକାଇଥାନ୍ତି ତାଙ୍କର କୃତୀ କୀର୍ତ୍ତିକୁ ମନେ ପକାଇ ନିଜକୁ ଧନ୍ୟ ମନେ କରୁଥାନ୍ତି। ଏପରି ସାହିତ୍ୟ ସାଧକ କବି ସଚ୍ଚିଦାନନ୍ଦ ରାଉତରାୟ ଅମର ହୋଇ ରହି ଯାଇଛନ୍ତି।

କବିଙ୍କର ଜନ୍ମ ୧୯୧୩ ମସିହା ମେ' ମାସ ୧୩ ତାରିଖରେ ଖୋର୍ଦ୍ଧାର ଗୁରୁଜଙ୍ଗ ଗ୍ରାମରେ ହୋଇଥିଲା। ବୀର ମାଟି ଖୋରଧା କୋଳରେ ଜାତ ହୋଇ ସଚ୍ଚିଦାନନ୍ଦ ତାଙ୍କ ବୀରତ୍ୱର ପରାକାଷ୍ଠାକୁ ପ୍ରତିପାଦିତ କରିଛନ୍ତି। କବିଙ୍କର ଜେଜେବାପା ଥିଲେ ଦେଓ୍ୱାନ। ସେହି କାରଣରୁ କବିଙ୍କ ଘରକୁ ଦିଆନ ଘର ଓ ସାହିକୁ ଦିଆନ ସାହି ଭାବେ ନାମକରଣ କରାଯାଇଛି। ଦେବାନ୍ ମଧୁସୂଦନ ରାଉତରାୟଙ୍କ ପୁଅ ବିଶିଷ୍ଟ ମୁକ୍ତାର ଓ କଂଗ୍ରେସ ନେତା ପ୍ରସନ୍ନ କୁମାର ରାଉତରାୟ। ବାପା ଓ ଜେଜେବାପାଙ୍କ ଆଦର୍ଶରେ କବି ସଚ୍ଚି ରାଉତରାୟଙ୍କ ଜୀବନ ଆରମ୍ଭ ହୋଇଥିଲା ଏବଂ ସେହି ଆଦର୍ଶକୁ ସେ ସାରା ଜୀବନ ପାଳନ କରି ଯାଇଥିଲେ। ୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ମହାତ୍ମା ଗାନ୍ଧୀଙ୍କ ବିଚାର ଦ୍ୱାରା ପ୍ରଭାବିତ ହୋଇଥିଲେ। ଗାନ୍ଧିଜୀଙ୍କ ସତ୍ୟ, ଅହିଂସା, ସ୍ୱଦେଶୀ ତାଙ୍କୁ ଅଭିଭୂତ କରିଥିଲା। ଠିକ୍ ସେହିପରି କଲିକତାରେ ଅବସ୍ଥାନ କାଳରେ ସେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେଲେ। କାର୍ଲ ମାର୍କ୍ସ, ଲେନିନ୍, ଟ୍ରଟସ୍କି ଆଦିଙ୍କ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ। ପୁଞ୍ଜିବାଦ ବିରୋଧ ଲଢ଼େଇରେ ସେ ଜଣେ ଯୋଦ୍ଧା ହୋଇପାରି ନ ଥିଲେ ସତ, ମାତ୍ର ସାମ୍ୟବାଦର ପ୍ରତିଷ୍ଠା ଓ ଖଟିଖିଆ, ଦିନ ମଜୁରିଆ, ସାଧାରଣ ଜନତାର ସେ ସ୍ୱର ହୋଇ ପାରିଥିଲେ। ତାଙ୍କର କବିତା ଗଳ୍ପ ଆଦିରେ ସେହି ଦିନ ଦୁଃଖୀମାନଙ୍କର ଚରିତ୍ର ଚିତ୍ରଣ ସେ ଏପରି ଭାବରେ କରୁଥିଲେ, ଯେପରି ତା'ର ନିଛକ ଛବି ପ୍ରତୀୟମାନ ହେଉଥିଲା।

ଜୀବନର ପ୍ରାକ୍ କାଳରେ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ଖୋର୍ଦ୍ଧା, ଯାଜପୁର, ବାଙ୍କୀ, ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରି ଶେଷରେ କଲିକତାରୁ ମାଟ୍ରିକୁଲେସନ ପାସ୍ କରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ପରେ କଲିକତା ସିଟି କଲେଜରୁ ଆଇଏ ପାସ୍ କଲେ। କଟକ ରେଭେନ୍ସା କଲେଜରେ ବିଏ ପାସ୍ କରି ଅଧିକ ଅଧ୍ୟୟନ ପାଇଁ ଆଗ୍ରହ ଥିଲେ ମଧ୍ୟ ପାରିବାରିକ ସମସ୍ୟା କବିଙ୍କୁ ଚାକିରି କରିବାକୁ ବାଧ୍ୟ କରିଥିଲା। କଲିକତାର କେମୋରାୟ କଟନ୍ ମିଲ୍‌ରେ ଶ୍ରମ ମଙ୍ଗଳ ଅଧିକାରୀ ଭାବରେ ସେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ପିଲାଦିନରୁ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ପ୍ରକାଶ ପାଇଥିଲା। ୧୯୨୭ ମସିହାରେ ତାଙ୍କର ପ୍ରଥମ କବିତା 'ପଞ୍ଚାମୃତ' ପତ୍ରିକାରେ ପ୍ରକାଶ ପାଇଲା। ଛାତ୍ର ଜୀବନରୁ ବିପ୍ଳବୀ ଚିନ୍ତାଧାରା, ଗାନ୍ଧୀ ଆଦର୍ଶ ତଥା ଖଦି ପିନ୍ଧିବା ପ୍ରତି ଆସକ୍ତ ହୋଇ କବି ସଚ୍ଚି ରାଉତରାୟ ଅସରନ୍ତି କବିତା ରଚନା କରିଛନ୍ତି। ରେଭେନ୍ସାରେ ଛାତ୍ର ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇ ଗିରଫ ହୋଇଛନ୍ତି। ଗଡ଼ଜାତ ପ୍ରଜା ଆନ୍ଦୋଳନ, କୃଷକ ଆନ୍ଦୋଳନରେ ତାଙ୍କର ଯୋଗଦାନ ରହିଥିଲା। ଛାତ୍ରଛାତ୍ରୀ, ଚାଷୀ ମୂଲିଆଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ ଥିଲା। ଏହା ତାଙ୍କର ପ୍ରତ୍ୟେକଟି ଲେଖାରେ ପ୍ରତୀୟମାନ ହୋଇଛି। ଖଟିଖିଆ ଶ୍ରେଣୀ ସର୍ବହରାର ଜୀବନ ଯନ୍ତ୍ରଣାକୁ ଭାଷାରେ ପ୍ରକାଶ କରି ସେ ଓଡ଼ିଆ ଜାତିର ଅଶେଷ କଲ୍ୟାଣ ସାଧନ କରି ଯାଇଛନ୍ତି।

ଶିଳ୍ପପତି ଆପ୍ପା ରାଓଙ୍କ କନ୍ୟା ଭୂଦେବୀଙ୍କୁ ବିବାହ କଲା



ଜୟନ୍ତୀ ଅବସରରେ

ପରେ କବିଙ୍କ ଜୀବନରେ ପରିବର୍ତ୍ତନ ହୋଇଥିଲା। ସେ ତାଙ୍କର କାର୍ଯ୍ୟକୁ ଓଡ଼ିଶା ମଧ୍ୟରେ ସୀମିତ ନ ରଖି ଦେଶ ତଥା ବିଦେଶକୁ ପ୍ରସାରିତ କଲେ। କବିଙ୍କ ରାଜନୀତିକ ଅଭିଳାଷ କିନ୍ତୁ ସାର୍ଥକ ହୋଇ ପାରି ନଥିଲା। ସ୍ୱାଧୀନ ଭାରତରେ ସେ ସକ୍ରିୟ ରାଜନୀତିରେ ପ୍ରବେଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ତାହା ହୋଇ ପାରିଲା ନାହିଁ। ୧୯୬୧ ନିର୍ବାଚନରେ ସଚ୍ଚିଦାନନ୍ଦ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେଠାରେ ପରାଜିତ ହୋଇଥିଲେ। ଲୋକସଭା କି ରାଜ୍ୟସଭାକୁ ଯିବାକୁ ଅନେକ ଥର ଉଦ୍ୟମ କରି ବିଫଳ ହୋଇଥିଲେ। କବି ତାଙ୍କ ଆତ୍ମଜୀବନୀ 'ଉତ୍ତରକକ୍ଷ'ରେ ଏହି କ୍ଷୋଭ ପ୍ରକାଶ କରିଛନ୍ତି। ଅନେକ ପ୍ରଦେଶରୁ ରାଷ୍ଟ୍ରପତି ତାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ କବି, ଲେଖକ, କଳାକାରମାନଙ୍କୁ ରାଜ୍ୟସଭାକୁ ମନୋନୀତ କରୁଥିଲେ ମଧ୍ୟ ଓଡ଼ିଶାରୁ ଏପରି ଜଣେ ହେଲେ ବ୍ୟକ୍ତିଙ୍କୁ ମନୋନୀତ କରି ନାହାନ୍ତି। ଏହା କବିଙ୍କୁ ଯେତିକି ମର୍ମାହତ କରିଛି, ସେତିକି ଓଡ଼ିଶା ପ୍ରତି ମଧ୍ୟ ଅସମ୍ମାନଜନକ। ଏଥିରୁ ଏହା ପ୍ରତୀୟମାନ ହେଉଛି ଯେ ଓଡ଼ିଶାରେ ବୋଧହୁଏ ଏପରି ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ନାହାନ୍ତି। ମାତ୍ର କବି ସଚ୍ଚିଦାନନ୍ଦ ଥିଲେ ତା'ର ବ୍ୟତିକ୍ରମ। ଉଚ୍ଚକୋଟୀର ସାହିତ୍ୟ ବଳରେ ସେ ୧୯୬୨ ମସିହାରେ ଦେଶର ବିଶିଷ୍ଟ ସମ୍ମାନ ପଦ୍ମଶ୍ରୀ ଲାଭ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ସାହିତ୍ୟ ଭାରତୀ, ପ୍ରାଣନାଥ ସମ୍ମାନ ଏପରିକି ୧୯୮୬ରେ କବିଙ୍କୁ ସାହିତ୍ୟର ସବୁଠୁ ମର୍ଯ୍ୟାଦାଜନକ ସମ୍ମାନ 'ଜ୍ଞାନପୀଠ' ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୋଇଥିବା କବି ସଚ୍ଚି ରାଉତରାୟଙ୍କୁ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡିଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। 'ଅମୃତ ବଜାର' ପତ୍ରିକାର ସ୍ତମ୍ଭକାର ଭାବେ କବି ସଚ୍ଚି ରାଉତରାୟ ତାଙ୍କର ଉପାଦେୟ ବିଚାର ବ୍ୟକ୍ତ କରି ରାଜ୍ୟ ତଥା ଦେଶରେ ଖ୍ୟାତି ଅର୍ଜନ କରିଛନ୍ତି। ଏହି କାରଣରୁ ସେ ସର୍ବଜନ ବିଦିତ ହୋଇ ପାରିଛନ୍ତି।

ଆମେରିକା, ୟୁରୋପ, ଇଂଲଣ୍ଡ, ପୋଲାଣ୍ଡ, ରୁଷିଆ, ଥାଇଲ୍ୟାଣ୍ଡ, ବଂଲାଦେଶ, ଅଷ୍ଟ୍ରେଲିଆ, ଚେକୋସ୍ଲୋଭାକିଆ ଆଦି ବିଶ୍ୱର ଅନେକ ଦେଶରେ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପାଇଁ ସେ ଉଦ୍ୟମ କରିଛନ୍ତି। ସେଠାରେ ଆୟୋଜିତ ସେମିନାରମାନଙ୍କରେ ଯୋଗ ଦେଇ ନିଜର ଜ୍ଞାନର ପରିଚୟ ଦେବା ସହିତ ଓଡ଼ିଆର ଶ୍ରୀ ବୃଦ୍ଧି କରାଇଛନ୍ତି। ସେହିପରି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ମଧ୍ୟ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ତାଙ୍କର ଉଦ୍ୟମ କିଛି କମ୍ ନଥିଲା। ସାହିତ୍ୟର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନା କରିବାରେ ସିଦ୍ଧହସ୍ତ ସଚ୍ଚି ରାଉତରାୟ କିନ୍ତୁ ଜଣେ ଆଗଧାଡ଼ିର କବି ଭାବରେ ସ୍ୱୀକୃତ। ତାଙ୍କର ପ୍ରସିଦ୍ଧ କବିତା ସଂକଳନ 'ପଲ୍ଲୀଶ୍ରୀ' ଏକଦା ପାଠ୍ୟକ୍ରମରେ ସ୍ଥାନ ପାଇଥିଲା। 'ବାଜି ରାଉତ' ଇଂରାଜୀ ଭାଷାରେ ଅନୁବାଦ ହୋଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବେଳେ 'ପାଥେୟ', 'ପୂର୍ଣ୍ଣିମା', 'ଅଭିଯାନ', 'ପାଣ୍ଡୁଲିପି', 'କବିତା-୧୯୬୨', 'ଏସିଆର ସ୍ୱପ୍ନ' ଆଦି କବିତା ସଂକଳନ କବିଙ୍କ ବହୁମୁଖୀ ପ୍ରଜ୍ଞାର ପରିଚୟ। ସେହିପରି କବିଙ୍କ ରଚିତ ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ', ଯାହା ୧୯୨୬ ମସିହାରେ ରଚିତ ହୋଇଥିଲା, ତାହା ଓଡ଼ିଆ ସାହିତ୍ୟର ଏକ ଭିନ୍ନ ସ୍ୱର। 'ମଶାଣିର ଫୁଲ', 'ମାଟିର ଗନ୍ଧ', 'ଛାଇ', 'ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଏବଂ 'ନୂତନ ଗଳ୍ପ' ଗଳ୍ପ ସଂକଳନଗୁଡ଼ିକ କଳାକାର ସଚ୍ଚିଦାନନ୍ଦଙ୍କ ପରିଚୟ ପ୍ରଦାନ କରେ। ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରକୁ କବିଙ୍କର ପ୍ରବେଶ ଥିଲା। 'ପ୍ରେମ ଓ ପଣ୍ୟ' ୧୯୩୫ ମସିହାରେ ଲେଖିଥିଲେ। ସେହିପରି 'ସାହିତ୍ୟ ବିଚାର ଓ ମୂଲ୍ୟବୋଧ', 'ସାହିତ୍ୟର କେତେକ ଦିଗ' ତା'ର ଅନ୍ୟତମ ସମାଲୋଚନା ଗ୍ରନ୍ଥ। କବିଙ୍କର ଆତ୍ମଜୀବନୀ 'ଉତ୍ତର କକ୍ଷ' ଦୁଇ ଭାଗରେ ପ୍ରକାଶିତ। ଏହା ଯେତିକି ଘଟଣାବହୁଳ ସେତିକି ଶିକ୍ଷଣୀୟ। କବିଙ୍କୁ ଅନ୍ୟତମ ପ୍ରାବନ୍ଧିକ ଓ ସମାଲୋଚକ ପଠାଣି ପଟ୍ଟନାୟକ ଯଥାର୍ଥରେ 'କବିମାନଙ୍କର କବି' ବୋଲି କହିଛନ୍ତି। ସଚ୍ଚିଦାନନ୍ଦ ରାଉତରାୟ ଆମ ସମୟର ଜଣେ ପ୍ରଥିତଯଶା, କାଳଜୟୀ ସାହିତ୍ୟ ସ୍ରଷ୍ଟା। ତାଙ୍କର ଦେହାବସାନ ୨୦୦୪ ମସିହା ଅଗଷ୍ଟ ୨୧ରେ କଟକରେ ହୋଇଥିଲା। ମୃତ୍ୟୁର କେତେ ବର୍ଷ ପୂର୍ବରୁ ସେ ଦୃଷ୍ଟିଶକ୍ତି ହରାଇ ଥିଲେ, ମାତ୍ର ସାହିତ୍ୟ ସୃଷ୍ଟି ଜାରି ରହିଥିଲା। ଏପରି କର୍ମଯୋଗୀଙ୍କୁ ତାଙ୍କର ଜନ୍ମ ବା ପୁଣ୍ୟତିଥିରେ କେବଳ ମନେ ପକାଇବା ଯଥେଷ୍ଟ ନୁହେଁ। ତାଙ୍କର ସ୍ମୃତି ସବୁଦିନ ପାଇଁ ଜାଜ୍ୱଲ୍ୟମାନ ହୋଇ ରହିଥିବ।■

ଚାନ୍ଦିନୀଚୌକ, କଟକ
ମୋ: ୯୪୩୭୩୧୦୧୭୧

# ବ୍ରହ୍ମଲୀନ ହେବାର ଖେଳ

ମହିମା ଧର୍ମର ଜଣେ ପ୍ରସିଦ୍ଧ ଓ ସିଦ୍ଧ ସାଧୁ ଥିଲେ ବିଶ୍ୱନାଥ ବାବା। ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ଦିନେ ଜଣେ ଭକ୍ତ ତାଙ୍କୁ ପଚାରିଲା- 'କ'ଣ ପାଇଁ ଜଣେ ଲୋକ ଜନ୍ମ ହୁଏ ପୁଣି ମରିଯାଏ ?' ଜିଜ୍ଞାସୁଙ୍କୁ ବିଶ୍ୱନାଥ ବାବା କହିଲେ- 'ବାବା! ମୁଁ ଏବକାର ଜୀବ ବିଜ୍ଞାନୀ ନୁହେଁ। ମୁଁ ତୁମରି ଭଳି ଜଣେ ମଣିଷ। ତୁମରି ଭଳି ମୁଁ ଆସିଛି, ଦିନେ ଯିବି। ତେବେ ମୁଁ କାହିଁକି ଆସିଛି, ଆଉ କାହିଁକି ମରିବି, ତାହା ମତେ ଜଣା ନାହିଁ। କେବଳ ଜାଣିଛି ଏ ସଂସାରକୁ ମୋତେ କେହି ଜଣେ ପଠାଇଛି। ମୋତେ ପଠାଇବା ବାଲା ଆଉ ଆଣିବା ବାଲା ଭିନ୍ନ ବ୍ୟକ୍ତି। କିଏ ପଠାଇଛି, ମୁଁ ଜାଣିନାହିଁ। କିନ୍ତୁ ଏ ସଂସାରକୁ ଆଣିଛନ୍ତି ମୋର ମା'! ତେଣୁ ମା', ବାପା, ମାତୃଭୂମି, ମାତୃଭାଷା- ଏଇମାନଙ୍କ ସେବା ପାଇଁ ମୁଁ ଆସିଛି। ସଂସାରରୁ ମୋର କାମ ସରିଲେ ମୋତେ ଯିଏ ପଠାଇଛି, ସେ ପୁଣି ଫେରେଇ ନେବ। ମୋତେ ଆଣିବାର ନାମ ହେଉଛି ଜନ୍ମ। ଫେରସ୍ତ ନେଇଯିବାର ନାମ ହେଉଛି ମୃତ୍ୟୁ।'

କିଛି ବର୍ଷ ଅତିକ୍ରାନ୍ତ ହୋଇଛି। ବିଶ୍ୱନାଥ ବାବା ଜନ୍ମ ମୃତ୍ୟୁକୁ ନେଇ ତାଙ୍କ ଭାବନାର ମୋଡ଼ ବଦଳେଇ ଥିଲେ। ଦିନେ ଶ୍ରାବଣ ମାସରେ ଡଙ୍ଗାରେ ଆର ପାରିକୁ ଯିବା ପାଇଁ ବ୍ରାହ୍ମଣୀ ନଦୀ କୂଳରେ ଠିଆ ହୋଇଥିଲେ। ଡଙ୍ଗା ଭାର ସମ୍ଭାଳି ନପାରି ହଠାତ୍ ନଈ ମଝିରେ ବୁଡ଼ିଗଲା। ପହଁରି ଜାଣିଥିବା ମାତ୍ର ଦଶ ଜଣ ସୌଭାଗ୍ୟକ୍ରମେ ବଞ୍ଚି ଯାଇଥିଲେ। ବାକି ଚାଳିଶ ଜଣ ବୁଡ଼ି ମରିଥିଲେ। ଏ ଦୃଶ୍ୟ ଦେଖି ବିଶ୍ୱନାଥ ବାବା କହିଲେ- 'ପାଣି ଓ ପବନ ବିନା ମଣିଷ ବଞ୍ଚି ପାରିବନି। ଏହା ଆମ ଜୀବନକୁ ସୁରକ୍ଷା ଦେଉଛି। ନାକ ବାଟେ ପବନ ଯାଉଛି ଓ ଆସୁଛି। ଯେଉଁ ଦିନ ଯିବା ଆସିବା ବନ୍ଦ ହୋଇଯିବ, ସେହି ଦିନ ଆମେ ମରିଯିବା। ଯେଉଁ ପବନ ଯାଉଛି, ତାହା ଶୁଦ୍ଧ ପବନ। ଫେରିଲା ବେଳକୁ ଅଶୁଦ୍ଧ ହୋଇ ଫେରି ଆସୁଛି। ହୃଦୟ ଭିତରେ ଶୁଦ୍ଧ ଓ ଅଶୁଦ୍ଧର ଏଇ ଖେଳ ଚାଲିଛି। ପାଣି ବି ଠିକ୍ ସେମିତି ଶୁଦ୍ଧ ହୋଇ ଯାଏ, ମୂତ୍ରାଶୟ ଦେଇ ଅଶୁଦ୍ଧ ହୋଇ ଫେରେ। ଏ ଶରୀର ବି ଶୁଦ୍ଧ ଅଶୁଦ୍ଧର ଖେଳ। ଯେତେବେଳେ ଶୁଦ୍ଧ ଓ ଅଶୁଦ୍ଧ ଏକାକାର ହୋଇଯିବେ, ସେତେବେଳେ ଜୀବନ ଚାଲିଯିବ। ଯେଉଁ ପାଣି ଜୀବନ ରକ୍ଷା କରୁଥିଲା, ସେହି ପାଣିରେ ଲୋକ ବୁଡ଼ିଯିବାରୁ ଶୁଦ୍ଧ- ଅଶୁଦ୍ଧ ଏକାକାର ହୋଇଗଲା। ଶୁଦ୍ଧ ଦେହ ଧୀରେ ଧୀରେ ନାନା କୁକର୍ମ ଦ୍ୱାରା ଅଶୁଦ୍ଧ ହୋଇଯାଏ।'

ବିଶ୍ୱନାଥ ବାବାଙ୍କର ଶେଷ ମତ ଥିଲା, ଶୁଦ୍ଧ ଦେହକୁ ଶୁଦ୍ଧ ପବନ ଯାଉ, ଶୁଦ୍ଧ ପାଣି ଯାଉ। ଯେଉଁ ଦିନ ଦେହ ଭିତରେ ଶୁଦ୍ଧ ପାଣି, ଶୁଦ୍ଧ ପବନ ଅଶୁଦ୍ଧ ହୋଇ ପୂରା ଅଶୁଦ୍ଧ ପାଣି, ଅଶୁଦ୍ଧ ପବନ ଭାବରେ ପଦାକୁ ବାହାରି ଆସିବ, ସେହି ଦିନ ଆମେ ବ୍ରହ୍ମଲୀନ ହୋଇଯିବା। ଏହି ଖେଳ ବୁଝିବା ପାଇଁ ବିଶ୍ୱ ନିୟନ୍ତା ଆମକୁ ଏ ସଂସାରକୁ ପଠାଇଛନ୍ତି।■

ପଦାରବିନ୍ଦ

## ୧୪୦ବର୍ଷରେ ପହଞ୍ଚିଲା ପାଇକତିଗିରିଆ ରାମଲୀଳା

# ‘ଭାଇଚାରା ଓ ଭକ୍ତି ଭାବନା ସୃଷ୍ଟି କରୁଛି ରାମଲୀଳା’

**ଖୋର୍ଦ୍ଧା,୧୨|୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ପାଇକତିଗିରିଆ ଗ୍ରାମରେ ଦୀର୍ଘ ୧୪୦ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି ରାମଲୀଳା। ପ୍ରତିବର୍ଷ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ରାମଲୀଳା ୨୧ଦିନ ଧରି ରାମ ଜନ୍ମଠାରୁ ଅଭିଷେକ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଲା ବେଳେ ଏହି ଆଧ୍ୟାତ୍ମିକ ବିଷୟ ବସ୍ତୁ ଓ ଶ୍ରୀରାମଲୀଳା ଦେଖିବାକୁ ଗ୍ରାମର ଛୋଟ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ଓ ଆଖପାଖ ଅଞ୍ଚଳରୁ ପ୍ରାୟ ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥାଏ। ଗ୍ରାମର ଛୋଟ ବଡ଼ କଳାକାରମାନେ ନିଷ୍ଠାର ସହିତ ଏହାକୁ ସୁନ୍ଦର ଅଭିନୟ କରିଥିଲା ବେଳେ ଅନେକ ମାନସିକ ନେଇ ମଧ୍ୟ ଅଭିନୟ କରନ୍ତି। ସେହିପରି ଗ୍ରାମର ରାମଲୀଳା କମିଟି ସଭାପତି ତଥା ବରିଷ୍ଠ କଳାକାର ଜୟକୃଷ୍ଣ ରାଉତ, ଯୁବ ସମ୍ପାଦକ ସ୍ମୃତି ରଞ୍ଜନ ସାହୁ, କୋଷାଧ୍ୟକ୍ଷ ତ୍ରିନାଥ ରାଉତ ଓ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ, ଗାୟକ ବଦ୍ରିନାଥ ସେନାପତି ଓ ଜୟକୃଷ୍ଣ ରାଉତଙ୍କ ସୁମଧୁର କଣ୍ଠରେ ରାମଲୀଳା ଅତି ସୁନ୍ଦର ଭାବେ ପରିଚାଳିତ ହେଉଥିଲା ବେଳେ ଗ୍ରାମର ରାମଲୀଳା ପ୍ରଚାର ସମିତି ତରଫରୁ ଶାନ୍ତିଶୃଙ୍ଖଳା ସହିତ ଏହି ପରମ୍ପରା ବଜାୟ ରହିଛି। ଏହି ପୁରୁଣା ପରମ୍ପରା ରାମଲୀଳା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଭାତୃତ୍ୱ ଭାବ ସୃଷ୍ଟି କରୁଛି। ସେହିପରି ଭକ୍ତି ଭାବନା ଜାଗ୍ରତ କରିବା ସହିତ ବିଶ୍ୱାସ ଅଛି ଏହା ଦ୍ୱାରା ଗ୍ରାମର ମଙ୍ଗଳ ସାଧନ ହୋଇଥାଏ। ବର୍ଷ ଯାକ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ଆଶୀର୍ବାଦରୁ ଗ୍ରାମରେ କୌଣସି ଦୈବୀ ଦୁର୍ବିପାକ ହୋଇ ନ ଥାଏ। ଏହି ପରମ୍ପରା ଭକ୍ତି ଓ ବିଶ୍ୱାସକୁ ନେଇ ବାପ ଗୋସିବାପ ସମୟରୁ ରାମଲୀଳା ହୋଇଆସୁଛି। ଆଗକୁ ମଧ୍ୟ ଚାଲୁ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଆଗକୁ ଆହୁରି ସୁନ୍ଦର ଭାବରେ କରିବା ପାଇଁ ଯୁବବର୍ଗ ଯୋଜନା କରିଥିବା ସମ୍ପାଦକ ସ୍ମୃତିରଞ୍ଜନ ସାହୁ କୁହନ୍ତି। ଆଜି ସୁପର୍ଣ୍ଣଖା ନାଶା ଛେଦନ ସହିତ ଖର, ଧୂଷଣ, ତ୍ରିସିରାଙ୍କ ବଦ୍ଧ ବିଷୟ ବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।





# ବିଜେଡି ପଞ୍ଚାୟତ ଲୋକପ୍ରତିନିଧିଙ୍କ ସାଂଗଠନିକ ବୈଠକ



**ଖଣ୍ଡପଡ଼ା,୧୨|୫/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡ଼ା ପଞ୍ଚାୟତର ବିରିଡିହି ଗ୍ରାମ ମଠ ପରିସରରେ ବିଜେଡିର ପଞ୍ଚାୟତ ଲୋକପ୍ରତିନିଧିମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥୀତ ଜନପ୍ରତିନିଧିମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଖଣ୍ଡପଡା ବ୍ଲକର ୨୨ଗୋଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଗତ ୧ବର୍ଷ ଧରି ବନ୍ଦ ରହିଥିବାରୁ ଲୋକପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ପଞ୍ଚାୟତ ସମିତି ବୈଠକରେ ଏ ସଂପର୍କରେ ଆଲୋଚନା ହେବା ପରେ ମଧ୍ୟ ସମସ୍ୟାର ସମାଧାନ ପ୍ରତି ବ୍ଲକ ପ୍ରଶାସନ ଆଦୌ ଧ୍ୟାନ ଦେଉନଥିବାରୁ ପଞ୍ଚାୟତ ଲୋକପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କାହା ନିର୍ଦ୍ଦେଶରେ ଖଣ୍ଡପଡା ବ୍ଲକ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ବୋଲି ଲୋକ ପ୍ରତିନିଧିମାନେ ପ୍ରଶ୍ନ ଉଠାଇବା ସହ ଆଗାମୀ ଦିନରେ ଏ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଖଣ୍ଡପଡ଼ା ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଏ ସଂପର୍କରେ ନୟାଗଡ଼ ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଖଣ୍ଡପଡା ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ସରପଞ୍ଚ ସଂଘ ସଭାନେତ୍ରୀ ଗୀତାଞ୍ଜଳି ଜେନା, ସଂପାଦକ ସୂର୍ଯ୍ୟନାରାୟଣ ପ୍ରଧାନ, ମନୋରଂଜନ ବେହେରା, ମାଧବ ଚନ୍ଦ୍ର ସାହୁ, ଗିରିଶ ଚନ୍ଦ୍ର ନାୟକ, ଗୋପାଳକୃଷ୍ଣ ପଣ୍ଡାଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଲୋକପ୍ରତିନିଧି, ଦଳୀୟ କର୍ମୀ, କର୍ମକର୍ତ୍ତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ସୁନ୍ଦରଗ୍ରାମ ରାସ୍ତାର ନାମକରଣ

**କଣ୍ଟାପଡ଼ା,୧୨|୫/ଏନ୍ଏନ୍ଏସ୍:** ବେଦଜ୍ଞ, ଶାସ୍ତ୍ରଜ୍ଞ, କବି, ଭାଷ୍ୟକାର, ୨୪ଟି ପୁସ୍ତକର ରଚୟିତା ଓ ସଂସ୍କୃତ ସାହିତ୍ୟର ପ୍ରଥିତଯଶା ପୁରୁଷ ପଣ୍ଡିତ ରଘୁନାଥ ଦାଶଙ୍କ ନାମରେ ସୁନ୍ଦରଗ୍ରାମର ମୁଖ୍ୟ ରାସ୍ତାକୁ ନୂତନଭାବେ ନାମକରଣ କରାଯାଇଛି। ଏହି ଉପଲକ୍ଷେ ସାମାଜିକ କର୍ମୀ ତଥା ନାରୀନେତ୍ରୀ ସରୋଜିନୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନାମ ଫଳକ ଉଦଘାଟନୀ କାର୍ଯ୍ୟକ୍ରମରେ ମୁରବି ନନ୍ଦକିଶୋର ଦାଶ, ବାଗଲପୁର ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାରାଣୀ ସେଠୀ, ‘ପାରିଜାତ’ ସମ୍ପାଦିକା ସଂଘମିତ୍ରା ସେଣ, ଶରତଚନ୍ଦ୍ର ଦାଶ, ପ୍ରାକ୍ତନ ସରପଞ୍ଚ ଦ୍ୱାରୀକାକାନାଥ ଦାଶ, ଚନ୍ଦ୍ରଶେଖର ଦାଶ, ବରଦାପ୍ରସାଦ ମହାନ୍ତି, କୈଳାସଚନ୍ଦ୍ର ମହାନ୍ତି, କେଦାରନାଥ ମିଶ୍ର, ପ୍ରମୁଖ ଯୋଗଦେଇ ପଣ୍ଡିତ ରଘୁନାଥ ଦାଶଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପଣ୍ଡିତ ଆଶୁତୋଷ ଆଚାର୍ଯ୍ୟ ମଙ୍ଗଳାଚରଣ ପାଠ କରିଥିଲେ। ସୂର୍ଯ୍ୟନାରାୟଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମର ଈଶ ପଣ୍ଡିତେ ନାମରେ ଅତି ଜଣାଶୁଣା ପଣ୍ଡିତ ରଘୁନାଥ ଦାଶ ଏକାଧାରରେ ଜଣେ କବି, ଶାସ୍ତ୍ରଜ୍ଞ, ଜ୍ୟୋତିଷ ବିଶାରଦ, ଲେଖକ ଓ ବେଦ ବିଦ୍ୱାନଭାବେ ସର୍ବତ୍ର ପରିଚିତ। ତାଙ୍କ ନାମରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଗବେଷଣାରତ। ନିଜ ଗ୍ରାମର ମୁଖ୍ୟ ରାସ୍ତାକୁ ପଣ୍ଡିତ ରଘୁନାଥ ଦାଶ ସରଣୀ ନାମରେ ଘୋଷଣା ହୋଇଥିବାରୁ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି।

# ସମସ୍ୟା ଘେରରେ ବଳଦେବଜିଉଙ୍କ ଚନ୍ଦନ ଯାତ୍ରା ଓ ଚାପଖେଳ



**ନିଶ୍ଚିନ୍ତକୋଇଲି,୧୨|୫/ଏନ୍ଏନ୍ଏସ୍:** ମାଳିକା ପ୍ରସିଦ୍ଧ ବଳଦେବଜିଉ ମନ୍ଦିର ବ୍ରହ୍ମକ୍ଷେତ୍ର ପୀଠ କାହିଁ କେଉଁ ଆବାହନ କାଳରୁ ପ୍ରାୟ ୬୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ମନ୍ଦିର ନୀତିକାନ୍ତି ସୁଚାରୁ ରୂପେ ଚାଲିଆସିଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାପ୍ରଭୁଙ୍କର ଚନ୍ଦନଯାତ୍ରା ଅନୁଷ୍ଠିତ ହେଉଛି। ଏହିଯାତ୍ରା ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦନ ଯାତ୍ରା ପାଇଁ ଚନ୍ଦନ ପୁଷ୍କରିଣୀକୁ ଚାପ ଖେଳିବା ଆସିଥାଆନ୍ତି। ପୁରାଣ କହୁଛି ବୈଶାଖ ମାସରେ ପ୍ରବଳ ଗୁଳୁଗୁଳିକୁ ମହାପ୍ରଭୁ ସହି ନପାରି ଚନ୍ଦନ ପୁଷ୍କରିଣୀର ସ୍ନାନ ମନ୍ଦିରରେ ଜଳରେ ସ୍ନାନ କରନ୍ତି ଓ ସଂଧ୍ୟା ସମୟରେ ଏହି ସ୍ନାନ ମନ୍ଦିରରେ ମହାପ୍ରଭୁଙ୍କର ସଂଧ୍ୟା ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହାପରେ ମହାପ୍ରଭୁ ଡଙ୍ଗା ଦ୍ୱାରା ନାଜିମନ୍ତ ସେବାୟତମାନେ ଚନ୍ଦନ ପୁଷ୍କରିଣୀରେ ଚାପ ଖେଳାଇଥାଆନ୍ତି। ଏହି ଚାପ ଅକ୍ଷୟ ତୃତୀୟାଠାରୁ ଆରମ୍ଭ କରି ୧ରୁ ୨୧ ଘେରା ସ୍ନାନ ମନ୍ଦିରକୁ ପରିକ୍ରମା କରି ଶ୍ରୀକ୍ଷେତ୍ର ଭଉଁରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ବହୁ ଦୂରଦୂରାନ୍ତରୁ ବ୍ରହ୍ମ କ୍ଷେତ୍ର ପୀଠରେ ଅନୁଷ୍ଠିତ ହେଉଥିବା ଚନ୍ଦନ ଯାତ୍ରାକୁ ଦେଖିବା ପାଇଁ ଗହଳି ଲାଗିଥାଏ। ଚଳିତବର୍ଷ ମହାପ୍ରଭୁଙ୍କର ଚାପ ଖେଳିବା ପାଇଁ ଚନ୍ଦନ ପୁଷ୍କରିଣୀରେ ଆବଶ୍ୟକୀୟ ଜଳ ନଥିବାରୁ ମହାପ୍ରଭୁଙ୍କର ଚାପ ଖେଳରେ ବିଘ୍ନ ଘଟୁଥିବା ଦେଖିବାକୁ ମିଳୁଛି। ମହାପ୍ରଭୁ ନୌକାରେ ଭାସି ଚାପ ଖେଳିବା ବଦଳରେ ପୁଷ୍କରିଣୀର କାଦୁଅରେ ନୌକା ଘୁଷୁରୁଥିବାର ଦେଖିବାକୁ ମିଳିଛି। ଏହାଛଡା ମନ୍ଦିର ମଧ୍ୟ ଭାଗରେ ଥିବା ପ୍ରଭୁଙ୍କର ସ୍ନାନ ମନ୍ଦିରକୁ ପୁଷ୍କରିଣୀ ଜଳ ଲାଗୁନଥିବାରୁ ସିଡି ଲଗାଯାଇ ପୂଜକ ସେବାୟତମାନେ ମହାପ୍ରଭୁଙ୍କ ଚଳନ୍ତି ବିଗ୍ରହ ମଦନମୋହନଙ୍କୁ ଉପରକୁ ଟେକି ନେଉଥିବାର ଦେଖିବାକୁ ମିଳୁଛି। ବିଗତ ଦିନରେ ଅନୁଷ୍ଠିତ ହେଉଥିବା ଚାପ ଖେଳରେ ଜଳସଂପଦ ବିଭାଗ ତରଫରୁ କେନାଲରେ ପାଣି ଆସି ଏହି ପୁଷ୍କରିଣୀରେ ଭର୍ତ୍ତି ହୋଇଥାଏ। ଚଳିତବର୍ଷ କେନାଲରେ ପାଣି ନଆସିବାରୁ ଚନ୍ଦନଯାତ୍ରା ଓ ଚାପ ଖେଳର ନୀତିକାନ୍ତିରେ କିଛି ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳିଛି। ଏହି ଯାତ୍ରାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଭକ୍ତମାନେ ଯୋଗଦେଇଥାଆନ୍ତି।

ଚଳିତବର୍ଷ ଚାପ ଖେଳରେ ଏଭଳି ଦୃଶ୍ୟ ଦେଖି ଭକ୍ତମାନଙ୍କର ଭାବାବେଗକୁ ଗଭୀର ଆଘାତ ଲାଗିଛି। ଏଠାରେ ସୂଚନାଥାଉ କି ଏହି ପ୍ରାଚୀନ ମନ୍ଦିରର ବିଭିନ୍ନ ନୀତି ପରମ୍ପରା ଧୀରେ ଧୀରେ ବିଲୁପ୍ତ ହେବାରେ ଲାଗିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ବହୁ ପୁରାତନ ଅନୁଷ୍ଠାନ ବଳଦେବଜୀଉ ପାଠାଗାର ପରେ ଶ୍ରୀଜଗନ୍ନାଥ ଯୁବ ସଂସଦ ଆନୁକୂଲ୍ୟରେ ଏଠାରେ ଚନ୍ଦନଯାତ୍ରା ଉପଲକ୍ଷେ ସ୍ଥାନୀୟ ଯୁବକଙ୍କମାନେ ଏକତ୍ରିତ ହୋଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଥାଆନ୍ତି। କିଛି ବର୍ଷ ହେବ ଏହି ଯାତ୍ରାକୁ ବହୁ ଆଡମ୍ବର ପୂର୍ଣ୍ଣ ହେଉଥିବାର ଦେଖିବାକୁ ମିଳିଥିଲା। ସରକାର ବଦଳିବା ପରେ ବର୍ତ୍ତମାନ ଅନୁଷ୍ଠିତ ହେଉଥିବା ଚନ୍ଦନଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ନାନା ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି।

# ସଭାମଣ୍ଡପରେ ବାରଗାଦୀ ଠାକୁରଙ୍କ ମେଳଣ

**ଚାରିଛକ,୧୨|୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ସଭାମଣ୍ଡପ ନିକଟସ୍ଥ ବାରଗାଦୀଙ୍କ ମଣ୍ଡପ ଉପରେ ବୌଦ୍ଧପୂର୍ଣ୍ଣିମାଦିନ ୧୨ଗାଦୀ ଠାକୁରଙ୍କ ଏକ ଅପୂର୍ବ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ତୁଳସୀପୁର, ଭାଣପୁର, ଚହଟା, ଛଣିଜଙ୍ଗ, ଜାହାଙ୍ଗୀରପୁର, ବାସୁଦେଇପୁର, ଦଣ୍ଡିକେରା, ବାଲୁଙ୍କ, ବନମାଳୀପୁର, ବଳଭଦ୍ରପୁର, କେଶ୍ୱରାଇପୁର, ସାନହୁଲି ଆଦି ଗ୍ରାମରୁ ବାର ଠାକୁରଙ୍କୁ ସୁସିତ ବିମାନରେ ବସାଇ ଘଣ୍ଟ, ଘଣ୍ଟା, ମୃଦଙ୍ଗ, କାହାଳୀ, ଶଙ୍ଖ ଆଦି ବାଦ୍ୟ ବଜାଇ ଆତସବାଜି ଫୁଟାଇ ବ୍ରହ୍ମମୁହୂର୍ତ୍ତରେ ଦୋଳ ବିମାନମାନେ ଆସି ମେଳଣ ପଡିଆଠାରେ ଭେଟ ହୋଇଥିଲେ। ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମେଳଣ ପଡ଼ିଆରେ ଉପସ୍ଥିତ ହୋଇଥିଲେ। ପ୍ରଥମେ ଥାନପତି ଭାବେ ତୁଳସୀପୁର ଠାକୁରଙ୍କ ବିମାନ ବାରଗାଦୀ ମଣ୍ଡପ ଉପରେ ବିରାଜମାନ କରିବାପରେ ଅନ୍ୟ ଠାକୁରମାନେ ଜଣକ ପରେ ଜଣେ ବିରାଜମାନ କରନ୍ତି। ସକାଳୁ ଠାକୁରଙ୍କ ସ୍ନାନପରେ ପୁଜାର୍ଚ୍ଚନା କରାଯାଇ ଶ୍ରୀମଦ୍ ଭାଗବତ ଦ୍ୱାଦଶ ସ୍କନ୍ଧ ପାଠ କରାଯାଇଥିଲା। ସନ୍ଧ୍ୟାରେ ଆଳତୀ ଭୋଗରାଗ ସରିବା ପରେ ଦୋଳମାନେ ନିଜ ନିଜ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କଟକ ଓ ପୁରୀ ଜିଲ୍ଲାର ବାରଟିଗ୍ରାମରୁ ବାର ଠାକୁର ସୁସଜିତ ବିମାନରେ ଆସି ମେଳଣ ପଡ଼ିଆରେ ଏକତ୍ର ହୋଇ ମଣ୍ଡପ ଉପରେ ବିରାଜମାନ କରନ୍ତି। ଏହି ମେଳଣ ୧୭ଶହ ଶତାବ୍ଦୀର ବୋଲି ବରିଷ୍ଠ ପୂଜକ ରାଜକିଶୋର ଶତପଥି, ବରିଷ୍ଠ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର, ଶିକ୍ଷାବିତ ପ୍ରଫେସର ଗୋପୀନାଥ କର, ଶିକ୍ଷକ ତ୍ରିଲୋଚନ କର, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର କର, ସମାଜସେବୀ ଚନ୍ଦ୍ରକାନ୍ତ ଦଳେଇ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, କାହ୍ନୁ ଚରଣ ବେହେରା, ବ୍ରଜବନ୍ଧୁ କର, ବନବିହାରୀ ଦାଶ ପ୍ରମୁଖ ପ୍ରକାଶ କରିଛନ୍ତି। ଆଜି ସନ୍ଧ୍ୟାରେ ବାରଗାଦୀ ମେଳଣ କମିଟି ତରଫରୁ ବାରଗାଦୀ ଠାକୁରଙ୍କ ଗ୍ରାମ ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି ସନ୍ତୋଷ ତ୍ରିପାଠୀ ଓ ସଂପାଦକ ଲକ୍ଷ୍ମୀଧର ବେହେରା,ଜୟକୃଷ୍ଣ ଶତପଥି,ବ୍ରଜବନ୍ଧୁ କର,ସୁବାସ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତଥିଲେ। ବିଭିନ୍ନ ଅଂଚଳରୁ ଆସିଥିବା ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋଭରି ଉପଭୋଗ କରିଥିଲେ। ଆତସବାଜିରେ ସାରା ମେଳଣ ପଡ଼ିଆ ପ୍ରକମ୍ପିତ ହୋଇପଡିଥିଲା।



# ଶରତକର ଓ ଅନିମାକର ଫାଉଣ୍ଡେସନ୍ ତରଫରୁ କୃତୀ ବିଦ୍ୟାର୍ଥୀ ସମ୍ମାନିତ



**ମାହାଙ୍ଗା,କୁଆଁପାଳ,୧୨|୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଲଳିତଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ଶରତକର ଓ ଅନିମାକର ଫାଉଣ୍ଡେସନ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ ତରଫରୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର ଆୟୁକ୍ତ ଶୋଭନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଭିକ ପ୍ରତିକାର ସଂପାଦକ ତଥା ସ୍ତମ୍ଭକାର ଅବନୀ ଚରଣ ଦାସଙ୍କ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହ ନିଜର ଭବିଷ୍ୟତ ଗଢ଼ିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାହାଙ୍ଗା ଅଞ୍ଚଳ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଙ୍କିତା ତ୍ରିପାଠୀ, ହଂସିକା ଲେଙ୍କା, ସମାପିକା ଓଝା, ପ୍ରାଚୀ ମହାପାତ୍ର, ନିହାରିକା ବେହେରା, ଶୁଭଜିତ୍ ଦାସ, ଜ୍ୟୋସ୍ନାମୟୀ ସ୍ୱାଇଁ, ସୌମ୍ୟରଂଜନ ବେହେରା, ପ୍ରତ୍ୟାଶା ପ୍ରିୟଦର୍ଶିନୀ ବଳ, ପରମେଶ୍ୱର ସାହୁ, ସ୍ୱାଧୀନ କୁମାର ମହାନ୍ତି, ଶୁଭେନ୍ଦୁ କୁମାର ଜେନାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଟ୍ରଫି ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରି କୃତି ବିଦ୍ୟାର୍ଥୀ ସମ୍ମାନରେ ସମ୍ମାନିତ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ କୁବେର ପ୍ରଧାନ, ଶିକ୍ଷୟିତ୍ରୀ ସୁସ୍ମିତା ଧଳ, ସମାଜସେବୀ ରୁଦ୍ରନାରାୟଣ ସିଂହ, ପୂର୍ବତନ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ମୁଦୁଲି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ଉତ୍ସବରେ ମହିମାଧର୍ମ ଗବେଶକ ଡଃ. ଏକାଦଶୀ ପ୍ରଧାନ, ରାମଚନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ଖଟୁଆ, କାର୍ତ୍ତିକ ବିହାରୀ, ରାମଚନ୍ଦ୍ର ସ୍ୱାଇଁ, ସମ୍‌ସେର୍ ଖାନ୍, ସରୋଜ ଦାସ, ଅବଦୁଲ କୁଦୁସ, ଅଶୋକ ବେହେରା, ବେବର୍ତ୍ତା ଅଜୟ ଦାସ, ଉପେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ସଂଯୋଜକ ଶୁଭେନ୍ଦୁ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ କର ନିଜର ଅଭିଭାଷଣରେ ମାହାଙ୍ଗା ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସଂଗଠନ କାର୍ଯ୍ୟ କରିଆସୁଛି ବୋଲି ମତବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀମାନେ ଭଲ ପାଠପଢ଼ି ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

## ସରୁନି ଶରଣକୁଳ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ

# ମିଳୁନି ସ୍ୱାସ୍ଥ୍ୟସେବା, ରୋଗୀ କଲବଲ

**ଓଡ଼ଗାଁ,୧୨|୫/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି। ରାଜ୍ୟସରକାର ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତି ପାଇଁ ୩ ବର୍ଷତଳେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ୯କୋଟି ୯୦ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ କିନ୍ତୁ ଅବଧି ସରିଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଠି ରୋଗୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନଦେଇ ନିଜସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି। ଏପଟେ ଅସହ୍ୟଖରା, ଗୁଳୁଗୁଳିରେ ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ କାହାରି କିଛି ବି ଯାଏ ଆସେ ନାହିଁ। ନା ସ୍ୱାସ୍ଥ୍ୟବିଭାଗ ଗୁରୁତ୍ୱ ଦେଉଛି ନା ପୂର୍ତ୍ତ ବିଭାଗ ଦୃଷ୍ଟିଦେଇ କାମକୁ ତ୍ୱରାନ୍ୱିତ କରୁଛି। ଫଳରେ କାମ ଛାତ ପତନ ଅବସ୍ଥାରେ ପହଞ୍ଚି ପାରିନାହିଁ। ସରକାର ନର୍ସ, ଡାକ୍ତର, ଲାବୋଟାରୀ ଓ ସମସ୍ତ କର୍ମଚାରୀଙ୍କ ପାଇଁ ଅଲଗା ଅଲଗା ବିଭାଗ ଘର ତିଆରି କରିଥିବାବେଳେ ରୋଗୀଙ୍କ ବେଡ ସଂଖ୍ୟା ବଢ଼ିଥିଲେ ମଧ୍ୟ ତାହା ସ୍ୱପ୍ନ ହୋଇ ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀ ରହିବାର ସୁଯୋଗ ନ ଥିବାରୁ ଅଯଥା ଖର୍ଚ୍ଚାନ୍ତ ହୋଇ ନୟାଗଡ଼ କିମ୍ବା ଭୁବନେଶ୍ୱର ଯିବାକୁ ପଡୁଛି। ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ଓ ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଚିଲିକା,୧୨|୫/ଏନ୍ଏନ୍ଏସ୍:** ଚିଲିକା ବ୍ଲକର କୁମାଣ୍ଡୋଳ ପାଟଣାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଭୁବନେଶ୍ୱର ର କେୟାର ହସ୍ପିଟାଲ ସହିତ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ ଆଜି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ନୈଦାନିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆ ପୋଷ୍ଟ ପେଟେଣ୍ଟ ବ୍ୟାଙ୍କର ରିଜିଓନାଲ ସେଲ୍ସ ମାନେଜର ପ୍ରମୋଦ କୁମାର ଦାସ ଙ୍କ ସସ୍ପଯୋଜନାରେ ଆୟୋଜିତ ଏହି ଶିବିରରେ କେୟାର ହସ୍ପିଟାଲର ବରିଷ୍ଠ କାର୍ଡିଓଲୋଜିଷ୍ଟ ଡାକ୍ତର ତନ୍ମୟ କୁମାର ଦାସ ଓ ମେଡ଼ିସିନ ବିଭାଗ ଜେନେରାଲ ଫିଜିସିଆନ ଡାକ୍ତର ଅର୍ଜୁନ ଗୁପ୍ତା ରୋଗୀଙ୍କ ହୃଦୟ ରୋଗର, ଅସ୍ଥି ଶଲ୍ୟ, ସାଧାରଣ ରୋଗର ନୈଦାନିକ ପରୀକ୍ଷା ସହିତ ମାଗଣା ଇସିଜି, ମଧୁମେହ ଓ ରକ୍ତଚାପ ପରୀକ୍ଷା କରାଇ ଆବଶ୍ୟକ ଔଷଧ ପରାମର୍ଶ ଦେଇଥିଲେ। ଏଥିରେ କେୟାର ହସ୍ପିଟାଲ ରେ ଧର୍ମାନନ୍ଦ ମହାପାତ୍ର, ସୋନାଲି ପରିଛା, ଆକାଂକ୍ଷା ରାୟ, ଯଶୋବନ୍ତ ବେହେରା, ଶିଲିବାଳା ନାୟକଙ୍କ ସହିତ ଉଭୟ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ତଥା ବଜାଜ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସର କର୍ମକର୍ତ୍ତା ସହଯୋଗ ପ୍ରଦାନ କରିଥିଲେ। ଏହି ଅବସରରେ କୁମାଣ୍ଡୋଳ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ କୁମାର ସୁନ୍ଦରାୟ ଓ ଗ୍ରାମ ସଭାପତି ରଞ୍ଜନ କୁମାର ମହାପାତ୍ର, ଶିକ୍ଷୟିତ୍ରୀ କମଳା ବେହେରା ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ମାଗଣାରେ ନିଜର ସ୍ୱେଚ୍ଛାକୃତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉତ୍ସାହିତ କରିଥିଲେ। ଏହି ଶିବିରକୁ ଉଭୟ କୁମାଣ୍ଡୋଳ ଓ ପଥରକଟା ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ବିଭିନ୍ନ ରୋଗର ନୈଦାନିକ ପରୀକ୍ଷା କରାଇ ସଚେତନ ହୋଇଥିଲେ।



ନିତିଦିନ NITIDIN

## ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ନୟାହାଟ,୧୨।୫/ଏନ୍‌ଏନ୍‌ଏସ୍:** ଶନିବାର ବିଳମ୍ବିତ ରାତିରେ କଦମ୍ବପାଟଣାଠାରେ ଏକ ପିକଅପ୍ ଭ୍ୟାନ୍ ଧକ୍କାରେ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଖବର ମିଳିଛି। ଆହତ ବ୍ୟକ୍ତି ପୀତବାସ ସାହୁ(୩୮) କାକଟପୁର ଥାନା ବାଲିସିରିଆ ଗ୍ରାମର ବୋଲି ଜଣାପଡ଼ିଛି। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ୧୦୮ ଯୋଗେ ଚାରିଛକ ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ପଠାଯାଇଥିଲା। ନୟାହାଟ ପୁଲିସ ଗାଡ଼ି ଦୁଇଟି ଜବତ କରିବା ସହ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରକୁ ଗିରଫ କରିଥିବା ସୂଚନା ମିଳିଛି।

# ସୂଚନା ଅଧିକାର ଆଇନ ତାଲିମ୍ ଶିବିର



**ଅସ୍ତରଙ୍ଗ,୧୨।୫/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କାକଟପୁରଠାରେ ସୂଚନା ଅଧିକାର ଆଇନ ଅଭିଯାନର ଏକ କର୍ମୀ ସମ୍ମିଳନୀ ବା ତାଲିମି ଶିବିର ସମରେନ୍ଦ୍ର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ରାଜ୍ୟ ସଂଯୋଜକ ସୁଧୀର ମହାନ୍ତି, ପୁରୀ ଜିଲ୍ଲା ଆବାହକ ଦିବାକର ନାୟକ, ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ରୁପେଶ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଆରମ୍ଭ କରିଥିଲେ। ସାରା ଜିଲ୍ଲାରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାଧାରଣ ନିରୀହ ଗରିବ ଲୋକମାନେ ଦୁର୍ନୀତିର ଶିକାର ହେଉଛନ୍ତି ତା' ଉପରେ ଆଲୋଚନା ହୋଇଥିଲା। ନୂତନ ଭାବେ ଯୋଗଦେଇଥିବା ସୂଚନା ଅଧିକାର କର୍ମୀମାନଙ୍କୁ ବିଭିନ୍ନ ଅଫିସ ମାନଙ୍କରେ ହେଉଥିବା ଦୁର୍ନୀତି ପାଇଁ ସୂଚନା ଅଧିକାର ଆଇନ୍ ଆଧାରରେ ତଥ୍ୟ ମାଗିବା, ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ସେ ବିଷୟରେ ସୂଚନା ଦେଇଥିଲେ। ଏହି ଶିବିରରେ ତୁଷାର ବଳିୟାରସିଂହ, ଚିତ୍ତରଞ୍ଜନ ସେଠୀ, ବିଜୟ କୁମାର ବେହେରା, ବସନ୍ତ କୁମାର ମଲ୍ଲ, ପ୍ରିୟବ୍ରତ ବିଶ୍ୱାଳ, ହୃଦାନନ୍ଦ ସାସମଲ, ଚିନ୍ମୟ ପୋଲେଇ, କରୁଣାକର ସେନାପତି, ବିକାଶ ଚନ୍ଦ୍ର ରାୟ ସହିତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

# ବୁଦ୍ଧାୟନ କମିଟି ପକ୍ଷରୁ ବୁଦ୍ଧ ଜୟନ୍ତୀ ଉତ୍ସବ



**ମାହାଙ୍ଗା,କୁଆଁପାଳ,୧୨।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ଲଳିତଗିରି ଠାରେ ବୁଦ୍ଧାୟନ କମିଟି ପକ୍ଷରୁ ଭଗବାନ ଗୌତମବୁଦ୍ଧ ଜୟନ୍ତୀ ସମାରୋହ ଓ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂପାଦକ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ଭଗବାନ ବୁଦ୍ଧଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିବା ସହ ଗୌତମ ବୁଦ୍ଧଙ୍କ ନୀତି ଓ ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଲେଖ ପ୍ରସାଦ ସ୍ୱାଇଁ, ଉତ୍ତମ କୁମାର ବେହେରା, ଦେବେନ୍ଦ୍ର ପରିଡା, ଚୈତନ୍ୟ ପାଣି, ଉମାପ୍ରସନ୍ନ ମିଶ୍ର, ପ୍ରମୋଦ କୁମାର ସାମଲ, ତ୍ରିଲୋଚନ ସାମଲ, ଧରଣୀଧର ମହାରଣା, ପ୍ରଶାନ୍ତ ଖଟୁଆ ବସନ୍ତ ଦାସ, ଶରତ ମହାନ୍ତି, ରଂଜନ କୁମାର ସାହୁ, ପରମାନନ୍ଦ ସିଂହ, ବ୍ରଜବନ୍ଧୁ ପ୍ରଧାନ, ମହେନ୍ଦ୍ର ରାଉତ, ତ୍ରିଲୋଚନ ସେଠୀ, ଚୌ. ଉମାକାନ୍ତ ପ୍ରହରାଜ, ପ୍ରଭାତ ମଲିକ, ସାଗର ନନ୍ଦ, ଅଭୟ ମହାନ୍ତି, ଅଶୋକ ମହାନ୍ତି, ଅରକ୍ଷିତ ବାରିକ, ରାଧାଶ୍ୟାମ ପରିଡା, କୁଞ୍ଜବନ ସିଂହ, ରମେଶ ସାମଲ, ସାଜିତ୍ ଖାନ,ସେକ୍ ମୁସୋ,ଭାଗ୍ୟଧର ସାହୁ, ନାରାୟଣ ବେହେରା, ସୁଶାନ୍ତ ମହାରଣା,ମଙ୍ଗରାଜ ମହାରଣାଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଉପସ୍ଥିତ ରହି ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମାହାଙ୍ଗା ବ୍ଲକର ଅଙ୍କିତା ତ୍ରିପାଠୀଙ୍କୁ ଅର୍ଥରାଶି ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅପରେସନ୍ ସିନ୍ଦୂରର ସଫଳତା ନେଇ ଉତ୍ସାହ



**ଖଣ୍ଡପଡ଼ା,୧୨।୫/ଏନ୍‌ଏନ୍‌ଏସ୍:** ଜମ୍ମୁ-କାଶ୍ମୀରରେ ପାକିସ୍ତାନ ଦ୍ୱାରା ସମର୍ଥିତ ଆତଙ୍କବାଦ ପୁଣି ତୀବ୍ର ହେବା ସହ ପହଲଗାମ୍‌ରେ ପର୍ଯ୍ୟଟକଙ୍କୁ ବର୍ବରୋଚିତ ହତ୍ୟା ଘଟଣାକୁ କଡ଼ା ଜବାବ ଦେଇଛି ଭାରତୀୟ ସେନା। ଏହି ପରିପ୍ରେକ୍ଷୀରେ ବ୍ଲକ ବିଜେଡି ପକ୍ଷରୁ ଭାରତୀୟ ସେନା ବାହିନୀକୁ ସମର୍ଥନ କରାଯାଇଥିବା ବେଳେ ସହିଦ୍ ହୋଇଥିବା ନିରୀହ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

ବ୍ଲକ ସରପଞ୍ଚ ଓ ସମିତିସଭ୍ୟ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ସରପଞ୍ଚ ସଂଘ ସଭାପତି ଗୀତାଞ୍ଜଳି ଜେନା, ସଂପାଦକ ସୁନିଲ ପ୍ରଧାନ, ଯୁବନେତା ମନୋରଞ୍ଜନ ବେହେରା, ମାଧବ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ପ୍ରଧାନ, ମହେଶ୍ୱର ରାଉତ, ହେମନ୍ତ କୁମାର ନାୟକ, ଗୋପାଳକୃଷ୍ଣ ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଶିଶୁଭବନରେ ମାତୃ ଦିବସ ଉତ୍ସବ

**ସାକ୍ଷୀଗୋପାଳ,୧୨।୫/ଏନ୍‌ଏନ୍‌ଏସ୍:** ଆଚାର୍ଯ୍ୟ ହରିହର ଶିଶୁ ଭବନ ପ୍ରାଙ୍ଗଣରେ ମାତୃ ଦିବସ ରବିବାର ପାଳିତ ହୋଇଯାଇଛି। ଭବନର ସମସ୍ତ ଅନ୍ତେବାସୀମାନେ ମାତୃମାନଙ୍କୁ ପୁଷ୍ପଗୁଚ୍ଛ ସହ ନିଜ ହାତ ତିଆରି ଉପହାର ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ପିଲାମାନେ ନିଜ ନିଜ ମା'ମାନଙ୍କ ବିଷୟରେ ନିଜର ଅନୁଭୂତି କହିଥିଲେ ଓ ମାତୃ ଦିବସ ଉପଲକ୍ଷେ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଭବନର ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା ସମସ୍ତ ଅନ୍ତେବାସୀ, କର୍ମଚାରୀ ଓ କର୍ମକର୍ତ୍ତା ମାନେ ମିଳିତ ଭାବରେ ଏହି ଦିବସକୁ ବେଶ୍ ଆନନ୍ଦରେ ପାଳନ କରିଥିଲେ। କର୍ମଚାରୀମାନଙ୍କ ମଧ୍ୟରେ ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ମିନାକ୍ଷୀ ବାରିକ, ସୁଭ୍ରାଜିତା ଶୁଭଦର୍ଶିନୀ, ଜ୍ୟୋତିରାଣୀ ମିଶ୍ର, କବିତା ପାତ୍ର, ଶାନ୍ତିଲତା ଚୌଧୁରୀ, ଲକ୍ଷ୍ମୀଧର ସାହୁ, ଶାନ୍ତନୁ ସାହୁ, ପ୍ରମୋଦ ଜେନା ପ୍ରମୁଖ ସଂପାଦନରେ ସହଯୋଗ କରିଥିଲେ।

# ତିନି ଦିନିଆ ବାଦିପାଲା ଉଦ୍‌ଯାପିତ



**ସାଲେପୁର,୧୨।୫/ଏନ୍‌ଏନ୍‌ଏସ୍:** ଶ୍ରୀ ଶ୍ରୀ ସତ୍ୟନାରାୟଣ ପାଲା କମିଟି ବାହାରପଡା ଓ ରାଘବପୁର ଆନୁକୂଲ୍ୟରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଓଡ଼ିଶାର ସାହିତ୍ୟ ସଂସ୍କୃତି ଓ କଳା ବଜାଇ ରଖିବା ପାଇଁ ତିନି ରାତ୍ର ବାଦୀ ପାଲା ଅନୁଷ୍ଠିତ ହୋଇଯାଇଛି। ଏହା ୯ ତାରିଖରୁ ଆରମ୍ଭ ୧୧ ତାରିଖ ଆଜି ଶେଷ ହୋଇଥିଲା। ଏଥିରେ ଓଡ଼ିଶାର ସୁନାମଧନ୍ୟ ଗାୟକ ଖୋର୍ଦ୍ଧାର ଗାୟକ ଅଳଙ୍କାର ଶ୍ୟାମସୁନ୍ଦର ତ୍ରିପାଠୀ ଓ ପିପିଲିର ଗାୟକ ଜ୍ଞାନଗଙ୍ଗା କାଶୀନାଥ ଜେନା ଯୋଗ ଦେଇ ଖୁବ ସୁନ୍ଦର ଭାବରେ ପାଲା ପରିବେଷଣ କରିଥିଲେ। ଏଥିରେ ସାଲେପୁର ଏବଂ ଆଖପାଖ ଅଞ୍ଚଳର ବହୁ ପାଲା ପ୍ରେମୀ ଯୋଗଦେଇ ପାଲାର ଭରପୁର ଆନନ୍ଦ ଉପଭୋଗ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ବାଦୀପାଲା ଉତ୍ସବରେ ମଧୁସୂଦନ ସାହୁ, ଧରଣୀଧର ବେହେରା, ବଟକୃଷ୍ଣ ମହାରଣା, ବସନ୍ତ କୁମାର ସାମନ୍ତରାୟ, ରାମଚନ୍ଦ୍ର ସାମଲ, ଧରଣୀଧର ସାହୁ, ବିଜୟ ମହାରଣା, ରବୀନ୍ଦ୍ର ଓଝା, କୈଳାସ ଚନ୍ଦ୍ର ନାଥ, ଅଜୟ ନାୟକ, ପ୍ରଦୀପ୍ତ ପାତ୍ର, ବୈକୁଣ୍ଠ ପୃଷ୍ଟି, କୃପାସିନ୍ଧୁ ଦାଶ, ନୃସିଂହ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀରାମଲୀଳା ଯାତ୍ରାରେ ମହିରାବଣ ବଧ ମଞ୍ଚସ୍ଥ



**ବେଗୁନିଆ,୧୨।୫/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷଭଳି ଚଳିତବର୍ଷ ଗତ ୨ ତାରିଖଠାରୁ ଅନୁଷ୍ଠିତ ହେଉଥିବା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍‌ର ବୋଡଲମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା ଗ୍ରାମର ଶ୍ରୀରାମଲୀଳା ଯାତ୍ରାର ପ୍ରଥମ ରଜନୀ ଆଦ୍ୟକାଣ୍ଡରେ ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ 'ସୀତାବିବାହ' ଓ 'ପର୍ଶୁରାମ ଭେଟ' ଲୀଳା, ଦ୍ୱିତୀୟ ରଜନୀ ଅଯୋଧାକାଣ୍ଡରେ 'ବନବାସ' ଲୀଳା, ତୃତୀୟରଜନୀ ଆରଣ୍ୟକକାଣ୍ଡରେ 'ସୀତାହରଣ' ଲୀଳା, ଚତୁର୍ଥ ରଜନୀ କିଷ୍କିନ୍ଧାକାଣ୍ଡରେ 'ବାଳିବଧ' ଲୀଳା, ପଞ୍ଚମରଜନୀ ସୁନ୍ଦରାକାଣ୍ଡରେ 'ଲଙ୍କାଦହନ' ଲୀଳା ଅନୁଷ୍ଠିତ ହୋଇଯାଇଥିବାବେଳେ ଷଷ୍ଠ ରଜନୀ ଲଙ୍କାକାଣ୍ଡରେ 'ମହୀରାବଣବଧ' ଲୀଳା ଅନୁଷ୍ଠିତ ହୋଇଯାଇଛି। କବି ସ୍ୱର୍ଗତ ଅନଙ୍ଗ ନରେନ୍ଦ୍ର ବିରଚିତ ରାମାୟଣକୁ ସମସ୍ତ ଗ୍ରାମବାସୀଙ୍କ ସଂପୂର୍ଣ୍ଣ ସହଯୋଗରେ ରଘୁନାଥ କଳାପରିଷଦ ଏହାକୁ ପରିଚାଳନା କରୁଛି। ଏହି ଶ୍ରୀରାମଲୀଳା ପୌରାଣିକ ନାଟକ ମଞ୍ଚସ୍ଥ ଦେଖିବାକୁ ରାମଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି।

# ରଥ ନିର୍ମାଣର ସିଙ୍ଗଡ଼ା ବାଡ଼ିଆ ଅନୁକୂଳ ପୂଜା





**ପୁରୀ,୧୨।୫/ଏନ୍‌ଏନ୍‌ଏସ୍:** ଆଜି ରଥ ନିର୍ମାଣର ଦ୍ୱାଦଶ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ସକାଳ ୮ଘଟିକା ପୂର୍ବରୁ ରଥ ଖଳାଠାରେ ଉପସ୍ଥିତ ପୂର୍ବକ ଦୈନନ୍ଦିନ ପ୍ରକାରେ ଉପସ୍ଥାନ ଦେଇ ତିନି ରଥ ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗତକାଲି ଶ୍ରୀ ନୃସିଂହ ଦେବଙ୍କ ଜନ୍ମ ତିଥିରେ ବିଧି ମତେ ଗୁଜ କାଠ, ଅର, ତଥା ତୁମ୍ବରେ ଅର ସଂଯୋଗ ଏବଂ ଚଉପଟ ସାଲ ଗୁଜରେ ରୂପକାର ସେବକଙ୍କ ଦ୍ୱାରା ଶ୍ରୀ ନୃସିଂହ ଦେବଙ୍କ ରୂପ ଖୋଦେଇ ଅନୁକୂଳ ପର୍ବ ଶେଷ ହୋଇଥିଲା। ଆଜି ରଥ ନିର୍ମାଣର ଦ୍ୱାଦଶ ଦିନରେ ରଥ ଖଳା ଯନ୍ତା ଗାଡ଼ ଠାରେ ତିନି ରଥର ଗୋଟିଏ ଗୋଟିଏ ନାହାକା ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡିଆ ଅନୁକୂଳ ପୂଜା ଭୋଇ ସର୍ଦ୍ଦାର ରବି ଭୋଇ ଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକମାନଙ୍କ ସହଯୋଗରେ ସମ୍ପନ୍ନ ହୋଇଅଛି। ଆଜି ତିନି ରଥର ଦୁଇ ଦୁଇଟି ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡିଆ ପରେ ତୁମ୍ବରେ ଅଖ ବିନ୍ଧ ପାଇଁ ଭୋଇ ସେବକ ମାନେ ତିନିରଥ ମହାରଣା ସେବକ ମାନଙ୍କୁ ଯୋଗାଇ ଥିଲେ। ତିନିରଥ ମହାରଣା ସେବକ ମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ପକାଇବା ସହ ମାପ ପ୍ରକାରେ ବଳକା ଅର କୁ କାଟି ସାଲ କରିବାପରେ ତୁମ୍ବ ରେ ଅଖ ବିନ୍ଧ ପାଇଁ ଭୋଇ ସେବକ ମାନଙ୍କ ସହଯୋଗରେ ତୁମ୍ବ ବିନ୍ଧ କାରିଗର ଙ୍କୁ ଯୋଗାଇ ଥିଲେ, ତୁମ୍ବ ବିନ୍ଧ କାରିଗର ତିନି ରଥର ଗୋଟିଏ ଗୋଟିଏ ତୁମ୍ବର ଅଖ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ଆସନ୍ତାକାଲି ତିନି ରଥର ପଇ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣା ଙ୍କ ଦ୍ୱାରା ସମ୍ପନ୍ନ ପରେ ତିନିରଥର ପଇ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ଆଜି ତିନି ରଥର ୧୧ ଟି ଲେଖାଏଁ ଗୁଜ ୯ ଟି ଲେଖାଏଁ ଜଳଯନ୍ତ୍ର ନିର୍ମାଣ ଶେଷ ହୋଇ ତିନି ରଥର କୁଡୁକା (ପାଞ୍ଚ ଦଂଡାକୁ ବାନ୍ଧି ରଖିବାକୁ) ଚଉପଟ କାର୍ଯ୍ୟ ଜାରୀ ରହିଛି। ଏଥିସହ ତିନି ରଥର ରୂପକାର ସେବକ ମାନେ ଗୁଜରେ ନୃସିଂହ ରୂପ ଖୋଦେଇ ଜାରୀ ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ଚକା ଡେରା ନୀତି ପାଇଁ ଆବଶ୍ୟକ ତିନି ରଥର ୧୨ ଗୋଟି ଅନୁକୂଳ ତୁମ୍ବ ପାଇଁ ଆବଶ୍ୟକ ପନ୍ଦାରି ର ମଠା କାର୍ଯ୍ୟ ଶେଷ କରିବା ସହ, ପନ୍ଦାରି ଚାବି ତିନି ରଥର ୮ ଟି ଲେଖାଏଁ ୨୪ ଗୋଟି ଶେଷ କରି ଅର କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ରଥ ନିର୍ମାଣ ର ଦ୍ୱାଦଶ ଦିବସ ରେ ୭୮ ଜଣ ମହାରଣା, ୬୨ ଜଣ ଭୋଇ, ୪ ଜଣ କରତିଆ ଏବଂ ୧୫ ଜଣ ଓଝା କମାର ସେବକ, ୨୧ ରୂପକାର ସେବକ, ଜଣେ ତୁମ୍ବ ବିନ୍ଧ କାରିଗର, ଜଣେ ପହି ମହାରଣା ଓ ଜଣେ ରଥଖଳା ସହାୟକ କାର୍ଯ୍ୟ ରେ ଲାଗିଛନ୍ତି।

## 'ସତ୍ୟବାଦୀ ସ୍ୱର' ଲୋକାର୍ପିତ

**ସାକ୍ଷୀଗୋପାଳ,୧୨।୫/ଏନ୍‌ଏନ୍‌ଏସ୍:** ସୋମବାର ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀ ପରିସରରୁ ପ୍ରକାଶ ପାଇଥିବା 'ସତ୍ୟବାଦୀ ସ୍ୱର' (ଇ-ପତ୍ରିକା)ର ଶୁଭ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଉତ୍କଳମଣିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ପତ୍ରିକା ପ୍ରକାଶନ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ପ୍ରତିଭା ଓ ମନନଶୀଳତା ଆମ ସମାଜ ଓ ଜାତିର କିଭଳି ପଥ ପ୍ରଦର୍ଶକ ହେବ ସେ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ରୂପେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ସର୍ଜନାତ୍ମକ ଓ ମୂଲ୍ୟବୋଧ ଆଧାରିତ ଲେଖା ରଚନା କରିବାକୁ ଉତ୍ସାହିତ କରିଥିଲେ। ପତ୍ରିକାର ସଂପାଦକ ଡକ୍ଟର ଶର୍ମିଷ୍ଠା ମହାପାତ୍ର ସତ୍ୟବାଦୀର ସ୍ୱର କିଭଳି ଓଡ଼ିଆ ଭାଷା ସାହିତ୍ୟରେ ସ୍ୱତନ୍ତ୍ର ଓ ଉତ୍କଳମଣିଙ୍କ ବନବିଦ୍ୟାଳୟ ସ୍ଥାପନାର ମହତ୍ ଉଦ୍ଦେଶ୍ୟ ସଂପର୍କରେ ବ୍ୟାଖ୍ୟା କରିଥିଲେ।


**TO-LET**

**Hall for rent 2000 Sqft. Flat for Office**

Address : Plot No-1720, Near Puri Bypass Road, N.H-5, Rasulgarh, Bhubaneswar

CONTACT-9937320113

**AFFIDAVIT**

By virtue of an affidavit sworn before Executive Magistrate, Cuttack, I Sri Bikram Sahoo want to change my daughter's name from "Smita Rani Sahoo" to "**Smitarani Sahoo**" for all purposes.

**AFFIDAVIT**

By virtue of an Affidavit sworn before Executive Magistrate, Bhubaneswar, dated 09.05.2025, I Yadav Lipsita Parida, D/o- Niranjan Parida, Plot No. 3699/1, Prachi Vihar, Palasuni, Po- GGP Colony, Ps - Mancheswar, Bhubaneswar, Dist- Khordha, Pin- 751025 declare that I have changed my name from Lipsita Parida (Old name) to Yadav Lipsita Parida (New name). Henceforth she shall be known as Yadav Lipsita Parida for all purposes.

**Yadav Lipsita Parida**

**AFFIDAVIT**

By virtue of an affidavit sworn before Notary Public, Balliguda, on dated 02.05.2025 I, Arati Panda, aged about 43 years, Wife of Rakesh Roshan Panda of Village- Balliguda, Patakhanda Sahi, Po./ Ps.-Balliguda, Dist- Kandhamal, Aadhaar No.4119 4391 0209, Pan card bearing No. DHTPP8325J. That, I have changed the my name from "ARATI KUMARI ACHARJYA" to "ARATI PANDA " and henceforth he will be known as **"ARATI PANDA"** for all purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 09.05.2025 I, Lakhyapati Kumbhara, S/o Kasinath Kumbhara, resident of VTC- Dhanakhandi, P.S.-Kantamal, P.O. Palasagora Dhanakhandi, Dist.- Boudh, PIN-762017, Odisha, have changed my name from Laksmipati Kumbhar to **Lakhyapati Kumbhara**. Henceforth I shall be known as **Lakhyapati Kumbhara** for all purpose.

**(Lakhyapati Kumbhara)**

**AFFIDAVIT**

I, Biswaranjan Chaine, S/o- Late Padmanava Chaine resident of Papudia Math, Sri Krushna Cinema Gali, Grand Road, P.s- Puri town, Po. & Dist.- Puri state that, I being the disciple of Mahanta Rama Krushna Das, now I am known as Bijaya Ram Das Chela of Mahanta Rama Krushna Das. Hence **Biswaranjan Chaine, S/o- Late Padmanava Chaine** and **Bijaya Ram Das Chela of Mahanta Rama Krushna Das** is one & same person, i.e. I myself, declare by this affidavit No- 1118 dtd- 19.2. 2025 before Executive Magistrate, Puri.

**AFFIDAVIT**

By virtue of an Affidavit sworn before Executive Magistrate, Bhubaneswar, dated 09.05.2025, I Jasmeet Kaur Sibbal Malhotra, W/o- Deepinder Singh Malhotra, resident of HIG-6, BDA Colony, Gangadhar Meher Marg, Jaydev Vihar, Opposite Pal Height, Po-RRL, Ps-Saheed Nagar, Bhubaneswar, Pin-751013 declare that I have changed my name from Jasmeet Kaur Sibbal (Old name) to Jasmeet Kaur Sibbal Malhotra (New name). Henceforth I shall be known as **Jasmeet Kaur Sibbal Malhotra** for all purposes.

**AFFIDAVIT**

By virtue of an Affidavit sworn before Executive Magistrate, Bhubaneswar, dated 09.05.2025, I Yadav Divyajyoti Parida, S/o- Late Dhirendra Parida, Plot No. 3699/1, Prachi Vihar, Palasuni, Po- GGP Colony, Ps - Mancheswar, Bhubaneswar, Dist- Khordha, Pin- 751025 declare that I have changed my name from Divyajyoti Parida (Old name) to Yadav Divyajyoti Parida (New name). Henceforth he shall be known as Yadav Divyajyoti Parida for all purposes.

**Yadav Divyajyoti Parida**

**SORO WOMEN'S DEGREE COLLEGE, SORO, BALASORE**

E-mail - principalswcd@gmail.com, Mob No.8456096009/8455816224

**TENDER CALL NOTICE**

Sealed tender are invited from registered firms / authorised Dealer / Manufacturers / Distributors for supply of IT infrastructure items developments and equipment's of SORO WOMEN'S DEGREE COLLEGE, Soro, Balasore on or before 20.05.2025 between 8.00 am-11.00 am.

**PRINCIPAL**
**Soro Women's (Degree) College**
**Soro, Balasore**

ତୃତୀୟ ପୃଷ୍ଠାରୁ

## ଶପଥ ନେଲେ ଜଷ୍ଟିସ ...

ମନ୍ତ୍ରୀ ସୁରେଶ ପୂଜାରୀ, ପୁଲିସ କମିଶନର କଟକ ଡିସିପିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଆଇନଜୀବୀ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ଶ୍ରୀପଦ ୧୯୮୯ ମସିହାରେ ଜଣେ ଆଇନଜୀବୀ ଭାବେ ନିଜର ପେଶାଗତ ଜୀବନ ଆରମ୍ଭ କରିଥିଲେ। କର୍ଣ୍ଣାଟକ ଏବଂ ମାଡ୍ରାସ ହାଇକୋର୍ଟରେ ସେ ଜଣେ କେନ୍ଦ୍ରିୟ ସରକାରୀ ଓକିଲ ଭାବେ ବେଶ ସୁନାମ ଅର୍ଜନ କରିଥିଲେ। ପରବର୍ତ୍ତୀକାଳରେ ସେ ଭାରତୀୟ ନିର୍ବାଚନ କମିଶନ, ୟୁନିଭରସିଟି ଗ୍ରାଣ୍ଟ କମିଶନଙ୍କ ଓକିଲ ଭାବେ ବେଶ୍ ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ। ୨୦୧୪ ମସିହାରେ ସେ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଭାବେ ଭାରତ ସରକାରଙ୍କ ପାଇଁ କାର୍ଯ୍ୟ କରିଥିଲେ ବେଳେ ୨୦୧୭ ମସିହା ଫେବୃଆରୀ ୧୪ ତାରିଖରେ ତାଙ୍କୁ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ମିଳିଥିଲା।

## ଟ୍ରେଡ୍-ଟେରର-ଟକ୍ ଏକାଠି ...

ଧ୍ୱଂସ କରିଦେଇଥିଲା। ପାକିସ୍ତାନ ସୀମାରେ ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲା, କିନ୍ତୁ ଭାରତ ପାକିସ୍ତାନର ଛାତିରେ ଯୁଦ୍ଧ କରିଥିଲା। ପ୍ରଥମ ତିନି ଦିନରେ ଭାରତ ପାକିସ୍ତାନକୁ ଏତେ ଧ୍ୱଂସ କରିଥିଲା, ଯାହାକୁ ପାକିସ୍ତାନ କଳ୍ପନା ମଧ୍ୟ କରିନଥିଲା। ପାକିସ୍ତାନ ସେନା ବ୍ୟବହାର କରିଥିବା ଚୀନ୍ ଓ ତୁର୍କୀର ବିମାନ ଓ ଅନ୍ୟ ସାମରିକ ଉପକରଣଗୁଡ଼ିକ ଭାରତର ଶକ୍ତିଶାଳୀ ଆକ୍ରମଣ ଆଗରେ ଟିକିପାରିନଥିଲେ। ମୋଦୀ କହିଛନ୍ତି, ସମଗ୍ର ବିଶ୍ୱ ଦେଖିଛି ଯେ, ଆତଙ୍କବାଦୀଙ୍କ ମୃତ୍ୟୁକୁ ପାକିସ୍ତାନ ସେନା ଏବଂ ସରକାର କିପରି ପାଳନ କରିଥିଲେ। ଏହା ପାଇଁ ବଡ଼ ପ୍ରମାଣ ଆଉ କ'ଣ ହୋଇପାରେ ଯେ, ଆତଙ୍କବାଦ ପଛରେ ପାକିସ୍ତାନ ସେନା ଓ ସରକାରଙ୍କ ସମ୍ପୃକ୍ତି ରହିଛି। ଭାରତ ବରାବର ଏହି ଦାବି କରିଆସୁଛି, କିନ୍ତୁ ପାକିସ୍ତାନ ଏହାକୁ ଖଣ୍ଡନ କରୁଛି। ଏବେ ଯେତେବେଳେ ସମସ୍ତ ପ୍ରମାଣ ସହ ଭାରତ ଏହି ପାକ ଦେଖାଇଛି ସେତେବେଳେ ସମଗ୍ର ବିଶ୍ୱ ପାକିସ୍ତାନର ଅସଲ ଚରିତ୍ରକୁ ଭଲଭାବେ ବୁଝିଛି। ମୋଦୀ କହିଛନ୍ତି, ଅପରେସନ 'ସିନ୍ଦୂର' କେବଳ ଏକ ନାମ ନୁହେଁ, ଏହା ଭାରତର ଆତ୍ମା। ଆମେ ଆମ ସେନାକୁ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦେଇଛୁ। ଏହା ଯୁଦ୍ଧର ଯୁଗ ନୁହେଁ, କିନ୍ତୁ ଏହା ଆତଙ୍କବାଦର ମଧ୍ୟ ଯୁଗ ନୁହେଁ। ଦେଶର ତିନି ସେନାବାହିନୀଙ୍କ ପରାକ୍ରମ ସମ୍ପର୍କରେ ମୋଦୀ କହିଛନ୍ତି ଯେ, ଭାରତୀୟ ସେନାର କଡ଼ା ଜବାବରେ ପାକିସ୍ତାନ ଭୟଭୀତ ହୋଇପଡ଼ିଥିଲା। ଭାରତର ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ପରେ, ପାକିସ୍ତାନ ଖସିଯିବାର ଉପାୟ ଖୋଜିବା ଆରମ୍ଭ କରିଥିଲା। ଆମ୍ନା ସାମ୍ନା ଲଢ଼େଇରେ ପରାସ୍ତ ହେବା ପରେ, ମେ ୧୦ ତାରିଖ ଅପରାହ୍ଣରେ, ପାକିସ୍ତାନୀ ସେନା ଆମ ଡିଜିଏମଓଙ୍କ ସହିତ ଯୋଗାଯୋଗ କରିଥିଲା ଏବଂ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। ପାକିସ୍ତାନ ସେନା ପ୍ରତିଶ୍ରୁତି ଦେଇ କହିଥିଲା ଯେ, ଏହା ଭବିଷ୍ୟତରେ ଆଉ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ହେବ ନାହିଁ କିମ୍ବା ସାମରିକ ସାହସ ପ୍ରଦର୍ଶନ କରିବ ନାହିଁ, ତେବେ ଭାରତ ଏହା ଉପରେ ବିଚାର କରିଥିଲା, ଅସ୍ତ୍ରବିରତି ପାଇଁ ଆମେ ରାଜି ହୋଇଥିଲୁ। ପାକିସ୍ତାନ ମନେ ରଖିବା ଉଚିତ୍ ଯେ, ଭାରତ କେବଳ ସାମରିକ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛି, ସୀମାରେଖାରେ ସାମାନ୍ୟ ଉତ୍ତେଜନା ସୃଷ୍ଟିହେଲେ ପୁଣି ଦୃଢ଼ ଜବାବ ଦିଆଯିବ। ଆତଙ୍କବାଦୀମାନେ ସ୍ୱପ୍ନରେ ମଧ୍ୟ ଭାବି ନଥିବେ ଯେ ଭାରତ ଏତେ ବଡ଼ ନିଷ୍ପତ୍ତି ନେଇପାରିବ, କିନ୍ତୁ ଯେତେବେଳେ ଦେଶ ଏକ ହୋଇଯାଏ, ରାଷ୍ଟ୍ର ପ୍ରଥମର ଭାବନା ଆସେ, ରାଷ୍ଟ୍ରର ସୁରକ୍ଷା ସର୍ବୋପରି ହୋଇଯାଏ, ସେତେବେଳେ ଏଭଳି ଦୃଢ଼ ନିଷ୍ପତ୍ତି ନିଆଯାଏ। ପ୍ରତିପକ୍ଷଙ୍କୁ ଏପରାକ ପରିଣାମ ଭୋଗ କରିବାକୁ ହିଁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାକିସ୍ତାନର ପରବର୍ତ୍ତୀ ଆଚରଣ ଉପରେ ଆମର ନଜର ରହିଛି। ସର୍ଜିକାଲ ଷ୍ଟ୍ରାଇକ ପରେ ଅପରେସନ 'ସିନ୍ଦୂର' ଭାରତର ନୀତି। ଯଦି ଆଉ ଆକ୍ରମଣ ହୁଏ, ତା'ହେଲେ ଜବାବ ଆହୁରି କୋରଦାର ହେବ। ଆମେ ଆମ ଇଚ୍ଛାରେ ଏହାର ଜବାବ ଦେବୁ। ଏହାଛଡ଼ା ଆତଙ୍କୀ ଓ ଶେଲ୍ଟରଦାତାଙ୍କୁ ଅଲଗା ଦେଖାଯିବ ନାହିଁ। ଏଥିରୁ ପ୍ରମାଣିତ ହେଲା ଏହା ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ। ପୁରା ବିଶ୍ୱ ପାକିସ୍ତାନର ବିକୃତ ରୂପ ଦେଖିଲା। ଏକବିଂଶ ଶତାବ୍ଦୀର ଯୁଦ୍ଧ ସମୟରେ ପୁରା ବିଶ୍ୱ ମେଡ ଇନ ଇଣ୍ଡିଆ ଅସ୍ତ୍ରର ଶକ୍ତି ଦେଖିଲା। ଆତଙ୍କବାଦ ବିରୋଧରେ ଏକାଠି ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନିଜ ସମ୍ବୋଧନରେ ସେ ପାକିସ୍ତାନ, ପାକିସ୍ତାନୀ ସେନା, ଆତଙ୍କବାଦ ସଂଗଠନ ଓ ଆତଙ୍କବାଦୀଙ୍କୁ କଡ଼ା ବାର୍ତ୍ତା ଦେବା ସହ ଭାରତୀୟ ସେନାର ପରାକ୍ରମ, ଶୌର୍ଯ୍ୟକୁ ପ୍ରଶଂସା କରିଛନ୍ତି। ମୋଦୀ ଦେଶବାସୀଙ୍କୁ ସୂଚନା ଦେବାକୁ ଯାଇ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପାକିସ୍ତାନ ସହ ଯଦି କୌଣସି ପ୍ରସଙ୍ଗରେ ଆଲୋଚନା ହୁଏ ତେବେ ଏହା କେବଳ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ସମ୍ପର୍କୀତ ହେବ। ଶେଷରେ ମୋଦୀ ଜୟ ହିନ୍ଦ୍ କହିବା ସହ ଭାରତୀୟ ସେନାର ପରାକ୍ରମକୁ ସାଲ୍ୟୁଟ୍ କରିଥିଲେ ଏବଂ ଦେଶର ଗୁଇନ୍ଦା ବ୍ୟବସ୍ଥା ଏବଂ ବୈଜ୍ଞାନିକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

## ସୀମାରେ ଫୁଟିବନି ଗୋଟିଏ ...

ବିଚାର କରିବେ ବୋଲି ଉଭୟ ଦେଶ ସହମତ ହୋଇଛନ୍ତି। ଶନିବାର ଭାରତର ଆକ୍ରମଣ ତୀବ୍ର ହେବା ପରେ ପାକିସ୍ତାନୀ ଡିଜିଏମ୍‌ଓ ଭାରତକୁ ଫୋନ କରି ଅସ୍ତ୍ରବିରତି ପାଇଁ କହିଥିଲେ। ଏହା ପରେ ଭାରତର ତିନି ସେନା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଏନଏସଏ ଅଜିତ ଡୋଭାଲ ପ୍ରମୁଖ ଆଲୋଚନା କରି ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହା ପରେ ସୋମବାର ମଧ୍ୟାହ୍ନ ୧୨ଟାରେ ଦୁଇ ଦେଶର ଡିଜିଏମଓ ସ୍ତରରେ ଆଲୋଚନା ହେବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ପରେ ତାହା ଅପରାହ୍ଣ ୫ଟାରେ ଆଲୋଚନା ହେବା ନେଇ ସ୍ଥିର ହୋଇଥିଲା।

ତଦନୁଯାୟୀ ଭାରତ-ପାକିସ୍ତାନ ଭିତରେ ଡିଜିଏମଓ ସ୍ତରୀୟ ବୈଠକ ହୋଇଥିଲା। ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ଏହାଥିଲା ପ୍ରଥମ ଡିଜିଏମଓସ୍ତରୀୟ ବୈଠକ। ଭାରତର ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏବଂ ପାକିସ୍ତାନର ମେଜର ଜେନେରାଲ କାସିଫ୍ ଅବଦୁଲ୍ଲାଙ୍କ ମଧ୍ୟରେ ଖୋଲା ଆଲୋଚନା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

## ସୁଧୁରିବନି ପାକିସ୍ତାନ ...

ସବୁ ବେଳେ ସଜାଗ ରହିଛି। ସମ୍ପ୍ରତି ସାମ୍ବା ସେକ୍ଟରର ସମସ୍ତ ଅଞ୍ଚଳକୁ ବ୍ଲାକଆଉଟ୍ ପ୍ରକ୍ରିୟା ଅନ୍ତର୍ଗତ ରଖାଯାଇଥିବା ବେଳେ ଏହି ସମୟରେ ଏଠାରେ ୧୦-୧୨ ଡ୍ରୋନ୍ ଆଟାକ୍ ହୋଇଥିବା କୁହାଯାଉଛି। ଏହି ଆକ୍ରମଣର ପ୍ରାୟ ୧୫/୨୦ ମିନିଟ୍ ପର୍ଯ୍ୟନ୍ତ ଆଉ କୌଣସି ଡ୍ରୋନ୍ ଦେଖିବାକୁ ମିଳିନଥିବା କୁହାଯାଇଛି। ତେବେ ଏନେଇ ସ୍ପଷ୍ଟ ସୂଚନା ଆସିନଥିଲେ ମଧ୍ୟ ହୋସିଆରପୁର ଅଞ୍ଚଳରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଭିଥିବା କୁହାଯାଇଛି। ହୋସିଆରପୁର ପ୍ରଶାସନ ନିଶ୍ଚିତ କରିଛି ଯେ ଦାସୁୟା ଅଞ୍ଚଳରେ ବିସ୍ଫୋରଣ ଶୁଣାଯାଇଛି। ତେବେ ଗତକାଲି ମାତ୍ର ଗୋଟିଏ ଦିନ ଚୁପ୍ ରହିବା ପରେ ପାକିସ୍ତାନ ପୁଣି ନିଜ ପ୍ରକୃତି ବାହାର କରିଛି।

## ଆଜି ଆଣ୍ଡାମାନ ଛୁଇଁବ ...

ମୌସୁମୀ ବାୟୁ ଆସନ୍ତା ୨୭ରେ କେରଳ ପହଞ୍ଚିପାରେ ବୋଲି ପୂର୍ବରୁ ଆଇଏମଡି ପୂର୍ବାନୁମାନ କରିଛି। ସାଧାରଣତଃ ମୌସୁମୀ ଜୁନରେ କେରଳରେ ପହଞ୍ଚି ଥାଏ। କିନ୍ତୁ ଚଳିତ ଥର ମୌସୁମୀ ଶୀଘ୍ର କେରଳ ପହଞ୍ଚିବ ବୋଲି ପୂର୍ବାଅନୁମାନ କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ରାଜ୍ୟରେ ଅସହ୍ୟ ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି। ବାହାରକୁ ବାହାରିବା କ୍ଷଣି ଦେହ ଝାଇଁଝାଇଁ ହୋଇଯାଉଥିବା ବେଳେ ୧୭ ତାରିଖ ଯାଏଁ ଅସହ୍ୟ ଗରମ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆଗାମୀ ୫ ଦିନ ଯାଏଁ ଉଷ୍ମ ଓ ଆର୍ଦ୍ର ସ୍ଥିତିକୁ ନେଇ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ। ଏହାସହ ଆଗକୁ ଅସମ୍ଭାଳ ତାତିର ସମ୍ଭାବନା ଥିବା ବେଳ ୨ ଦିନ ଭିତରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ସେହିପରି ତାପମାତ୍ରା ୪୪ ଡିଗ୍ରୀ ଟପିବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ପାଇଁ ଉପକୂଳ ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ୧୩ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ହୋଇଛି। ସପଟେ ୧୪, ୧୫ ଓ ୧୬ ତାରିଖରେ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ପ୍ରବଳ ଗରମ ସହ କାଁଭାଁ କାଳବୈଶାଖୀ ବର୍ଷା ବର୍ଷା ହୋଇଥିବା ବେଳେ ସମ୍ବଲପୁରରେ ସର୍ବାଧିକ ୪୩.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କୋରାପୁଟରେ ସର୍ବାଧିକ ୧୫.୨ ମିମି ବର୍ଷା ରେକର୍ଡ ହୋଇଛି।

## ୫୦ କୋଟିର ପ୍ୟାକେଜ ...

ପିଢ଼ି ପାଇଁ ଏକ ଜୀବନ ଶିକ୍ଷା। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ଯଦି ଆମେ ନିଜ ଭାଷା, ନିଜ ଚିନ୍ତାଧାରା ଓ ନିଜ ସଂସ୍କୃତି ପାଇଁ ସଚେତନ ଓ ସଂଘଠିତ ହେବୁ, ତେବେ କୌଣସି ଶକ୍ତି ଆମକୁ ପଛକୁ ଟାଣିପାରିବ ନାହିଁ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ନିଜ ବ୍ୟକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରସିଦ୍ଧ ସାନ୍ତାଳୀ ଭାଷା ଗବେଷକ ବୃନ୍ଦା ସୋରେନଙ୍କୁ ଗୁରୁ ଗୋମକେ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରିବା ସହିତ ଏକ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚନ କରାଯିବା ସହିତ ପଣ୍ଡିତ ମୁର୍ମୁଙ୍କ ବଂଶଜ ଚୁନିୟାନ ମୁର୍ମୁଙ୍କୁ ଓ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ତଥା ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶରାଙ୍କୁ ସମ୍ମାନିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜୀଲି ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ସମ୍ପାଦକ ଇଂ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଓଡ଼ିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ତାଲିମ କେନ୍ଦ୍ର ଉଦ୍‌ଘାଟିତ



**କଟକ,୧୨।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ତାଲିମ କେନ୍ଦ୍ର ଆଜି କଟକ ନରଣପୁର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଉଦଘାଟନ କରିଥିଲେ। ଆସନ୍ତା କାଲିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା କଟକ ଜିଲ୍ଲାର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଯେଉଁଥିରେ ପ୍ରତିଦିନ ଦୁଇଟି ପର୍ଯ୍ୟାୟରେ ୬ଶହରୁ ଉର୍ଦ୍ଧ୍ୱ ଆଶାୟୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ଶତକଡ଼ା ୮୦ କିମ୍ବା ତା'ଠାରୁ ଅଧିକ ନମ୍ବର ରଖିଥିବା ୨୧୦ଜଣ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ମାଗଣା ଆବାସିକ ବ୍ୟାଚ୍ ପାଇଁ ମନୋନୀତ କରାଯିବ। ବରିଷ୍ଠ ତଥା ଅଭିଜ୍ଞ ଶିକ୍ଷାବିତଙ୍କ ଦ୍ୱାରା ଶୈକ୍ଷିକ ପ୍ରଶିକ୍ଷଣ, ସଂରଚିତ ଶାରୀରିକ ସୁସ୍ଥତା ତାଲିମ ଏବଂ ସାକ୍ଷାତକାର ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯିବା ସହ ଓଡ଼ିଶା ନିର୍ଦ୍ଦେଶାଳୟର ଏନ୍‌ସିସି ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଏବଂ ସଶସ୍ତ୍ର ବାହିନୀର ତାଲିମପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରତ୍ୟକ୍ଷ ପରାମର୍ଶ ପାଇପାରିବେ।ଏହି ପଦକ୍ଷେପ ଗ୍ରାମୀଣ ଏବଂ ଅବହେଳିତ ଯୁବକ ଯୁବତୀଙ୍କ ପାଇଁ ନିଶ୍ଚିତ କର୍ମନିଯୁକ୍ତିର ସୁଯୋଗ ଆଣିଦେବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ କହିଛନ୍ତି।

## ଭିକାରୀ ବଳ ସ୍ମୃତି ସମ୍ମାନ ପାଇବେ ରଜନୀକାନ୍ତ ଓ ସଂଗୀତା

**କଟକ,୧୨।୫/ଏନ୍‌ଏନ୍‌ଏସ୍:** ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତିରେ ଜଣେ କଣ୍ଠଶିଳ୍ପୀ ଓ ଜଣେ ଗୀତିକାରଙ୍କୁ ମର୍ଯ୍ୟାଦାଜନକ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ବର୍ଷ ପାଇଁ ବିଶିଷ୍ଟ ଗୀତିକାର ରଜନୀକାନ୍ତ ନାୟକ ଓ କଣ୍ଠଶିଳ୍ପୀ ଡକ୍ଟର ସଂଗୀତା ଗୋସାଇଁଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ -୨୦୨୫ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଅଙ୍ଗବସ୍ତ୍ର, ଉପଢ଼ୌକନ ପ୍ରଦାନକରାଯାଇ ସମ୍ବର୍ଦ୍ଧିତ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦଘାଟିକା ଏବଂ ଓଡିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ୨୫ ତାରିଖ ସନ୍ଧ୍ୟା ୬ଟାରେ କଟକ ଶତାବ୍ଦୀ ଭବନଠାରେ ଭଜନ ସମ୍ରାଟଙ୍କ ୯୬ ତମ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଂପାଦକ ଡକ୍ଟର ସୁନାମଣି ରାଉତ ସୂଚନା ଦେଇଛନ୍ତି।

## ଓଡ଼ିଶାର ଦୁଇ ଆଇପିଏସ୍‌ଙ୍କୁ ଆଇଜି ପାହ୍ୟା

**ଭୁବନେଶ୍ୱର,୧୨।୫/ଏନ୍‌ଏନ୍‌ଏସ୍:** ସର୍ବଭାରତୀୟସ୍ତରରେ ୧୯୯୮ରୁ ୨୦୦୭ ବ୍ୟାଚ୍ ମଧ୍ୟରେ ୮୫ଜଣ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ଆଇଜି ରାଙ୍କ ପ୍ରଦାନ କରାଯାଇଛି। ଏହି ତାଲିକାରେ ଓଡ଼ିଶା କ୍ୟାଡରର ଦୁଇ ଜଣ ବରିଷ୍ଠ ଆଇପିଏସ୍ ସ୍ଥାନ ପାଇଛନ୍ତି। ସେମାନେ ହେଲେ ୧୯୯୮ ବ୍ୟାଚ୍‌ର ଆଇପିଏସ୍ ରାଜେଶ କୁମାର ଏବଂ ୨୦୦୬ ବ୍ୟାଚ୍‌ର ଆଇପିଏସ୍ ଅନୁପ କୁମାର ସାହୁ। ରାଜେଶ କୁମାର ଏବେ ସ୍ପେସିଆଲ ଆର୍ମଡ୍ ପୁଲିସ (ଏସଏପି)ର ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟରତ। ନିଜର କାର୍ଯ୍ୟ ଓ ଦକ୍ଷତା ବଳରେ ସେ ଏସ୍‌ଏପିକୁ ସୁଦୃଢ଼ କରିପାରିଛନ୍ତି। ସେହିପରି ଅନୁପ କୁମାର ସାହୁ ବର୍ତ୍ତମାନ୍ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଆଇଜିପି ଟ୍ରେନିଂ ଭାବରେ କାର୍ଯ୍ୟରତ। ତାଙ୍କର ବି କାର୍ଯ୍ୟ ଦକ୍ଷତା ଅଧିକ। ଏହି ଦୁଇ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ କିମ୍ବା ସେହି ସମକକ୍ଷ ପଦବୀ ପାଇଁ ଚୟନ କରାଯାଇଥିବାରୁ ଏମାନଙ୍କ ଅଭିଜ୍ଞତା ବଢ଼ିବା ସହ ଜାତୀୟ ଆଇନ ପ୍ରବର୍ତ୍ତନ ପ୍ରୟାସକୁ ଆହୁରି ମଜଭୁତ କରିବ ବୋଲି ଆଶା ପ୍ରକାଶ କରାଯାଉଛି। ପରେ ଓଡ଼ିଶା ଫେରିଲେ ପୁଲିସ ଢାଞ୍ଚାକୁ ଉନ୍ନତ କରି ଗଢ଼ିବାରେ ନିଶ୍ଚିତ ଭାବରେ ସାହାଯ୍ୟ କରିବେ ବୋଲି ଆଶା କରାଯାଉଛି।

## ଜଗନ୍ନାଥ ମନ୍ଦିରରେ ଚନ୍ଦନ ଯାତ୍ରା



**ବାରିପଦା,୧୨।୫/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଚିତ୍ରଡ଼ାସ୍ଥିତ ଧର୍ମ କ୍ଷେତ୍ରର ପ୍ରତିଷ୍ଠା ଦିବସ ସହ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ସମସ୍ତ ବିଗ୍ରହଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ପରେ ମୁଖ୍ୟ ପୂଜାରୀ ମଦନମୋହନ ପଣ୍ଡା ଷୋଳଶ ଉପଚାରରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପରେ ଅପରାହ୍ଣ ୪ଟାରେ ମହାପ୍ରଭୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଚିତ୍ରଡ଼ା ଜଗନ୍ନାଥ ମନ୍ଦିରରୁ ଏକ ବିମାନରେ ଚିତ୍ରଡ଼ା ରାଜାବନ୍ଧ ନିକଟକୁ ଭକ୍ତମାନେ ଆଣିଥିଲେ। ପ୍ରବଳ ଉତ୍ତାପ ଦାଉରୁ ରକ୍ଷା ପାଇବା ପାଇଁ ମୁଖ୍ୟତଃ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଶତାଧିକ ଭକ୍ତଙ୍କ ଗହଣରେ ମହାପ୍ରଭୁ ଜଳକ୍ରୀଡ଼ା କରିଥିଲେ। ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ପ୍ରଥମେ ଏକ ନୌକାରେ ବିଜେ କରାଇ ମନ୍ଦିର ପୂଜାରୀ ମଦନ ମୋହନ ପଣ୍ଡା ଓ ନାଉରୀ କୈଳାସ ଦଳେଇ ସ୍ଥାନୀୟ ରାଜାବନ୍ଧରେ ପରିଭ୍ରମଣ କରାଇଥିଲେ। ମହାପ୍ରଭୁଙ୍କ ଜଳକ୍ରୀଡ଼ା ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଭଜନ କୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ଯାତ୍ରାରେ ଦଇତାପତିଙ୍କ ସହିତ ମନ୍ଦିରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଏଲ୍‌ଆଇସି କଟକ ମଣ୍ଡଳର ଭୂମିପୂଜନ ଉତ୍ସବ

**କଟକ,୧୨।୫/ଏନ୍‌ଏନ୍‌ଏସ୍:** ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ କଟକ ସିଡିଏ ସେକ୍ଟର ୧ନଂ ଓ ସେକ୍ଟର ୧୩ନଂ ସ୍ଥିତ ନିଜସ୍ୱ ଜାଗାରେ ନୂତନ ଗୃହ ନିର୍ମାଣ (ସେକ୍ଟର-୧, ଇନଭେଷ୍ଟମେଣ୍ଟ ବିଲଡିଂ) ଓ (ସେକ୍ଟର୧୩ନଂ, ପଲିସି ହୋଲଡ଼ର ହାଉସିଂ ସ୍କିମ) ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଏଲଆଇସିର ସିଇଓ ଏବଂ ଏମଡି ସିଦ୍ଧାର୍ଥ ମହାନ୍ତିଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଏଲଆଇସିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ବିବି ଯାଦବ, ପୂର୍ବ ମଧ୍ୟକ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, ଅତିରିକ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ପିକେଜେ ଡୁଙ୍ଗଡୁଙ୍ଗ, ଏଲଆଇସି ପୂର୍ବ ମଧ୍ୟକ୍ଷେତ୍ରର ଆଞ୍ଚଳିକ ପ୍ରବନ୍ଧକ (ବିକ୍ରୟ) ମନୋଜ କୁମାର ପଣ୍ଡା, ଏଲଆଇସି କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ଏବଂ ଏଲଆଇସି ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ୟାମଳକାନ୍ତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ୍‌କୁ ସିସି କ୍ୟାମେରା ଦେଲା ରୋଟାରୀ କ୍ଲବ୍

**କଟକ,୧୨।୫/ଏନ୍‌ଏନ୍‌ଏସ୍:** କମିଶନରେଟ ପୁଲିସ୍ ୟୁପିଡି ସହ ଏକ ବଡ଼ ନାଗରିକ ପ୍ରୟାସ 'ଆଇସ୍ ଅଫ ଦ ସିଟି' ଶୀର୍ଷକ ଏକ ଉଦ୍ୟମ ଆରମ୍ଭ କରାଯାଇ ରୋଟାରୀ କ୍ଲବ ଅଫ କଟକ କାଣ୍ଟନମେଣ୍ଟ ପକ୍ଷରୁ ଏନପିଆର (ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ) ସିସିଟିଭି କ୍ୟାମେରା ପ୍ରଦାନ କରାଯାଇଥିଲା। ଅପରାଧ ରୋକିବା ଏବଂ କଟକ ନାଗରିକଙ୍କ ସୁରକ୍ଷା ବୃଦ୍ଧି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀୟାନ ଜିଲ୍ଲା ଗଭର୍ଣ୍ଣର ଜେ.ମହାପାତ୍ର, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିୟାନ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ରୋଟାରିୟାନ ବିଶ୍ୱଜିତ ସେନାପତି, ରୋଟାରୀୟାନ ତପସ ଦାସ, ଚାର୍ଟର ଅଧ୍ୟକ୍ଷ ରୋଟାରିୟାନ ସୁଭ୍ର ମହାନ୍ତି, ରୋଟାରିୟାନ ପ୍ରଭାତ ମିଶ୍ର,ରୋଟାରିୟାନ ସାଦ ହାସମି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଓ ଅଲଚିକି ଲିପିର ଶତବାର୍ଷିକୀ



**କେନ୍ଦୁଝର,୧୨।୫/ଏନ୍‌ଏନ୍‌ଏସ୍:** ପବିତ୍ର ବୈଶାଖ ପୂର୍ଣିମା ତିଥୀରେ ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଓ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅଲଚିକି ଲିପିର ଶତବାର୍ଷିକୀ କେନ୍ଦୁଝର ସହରର ଧୋବାଡ଼ିହା ଗ୍ରାମରେ ପାଳିତ ହୋଇଯାଇଛି। ସକାଳେ କେନ୍ଦୁଝର ସାନ୍ତାଳ ସାହିତ୍ୟ ଓ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଏବଂ ଧୋବଡ଼ିହା, ଶିରିପୁର, ଗୁମୁରା ରାଜବନ୍ଧ, ଜନାର୍ଦ୍ଦନପୁର ଗ୍ରାମବାସୀଙ୍କ ଉପସ୍ଥିତିରେ ଧୋବାଡ଼ିହା ଛକରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସାନ୍ତାଳୀ ରୀତିନୀତିରେ ପୂଜାର୍ଚ୍ଚନା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ଖେଲାରାମ ମାଝୀ, ଶେଖର ମାରାଣ୍ଡି, ଅର୍ଜୁନ ଚରଣ ହେମ୍ବ୍ରମ୍, ମୀନା ମାଝୀ ଓ ଶିବ ଚରଣ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝରର ସାନ୍ତାଳ ସଂଗଠନ ପକ୍ଷରୁ ପାରମ୍ପରିକ ପୋଷାକ ପରିଧାନ କରି ଶତାଧିକ ସାନ୍ତାଳୀ ଭାଇଭଉଣୀ ଆଦିବାସୀ ନୃତ୍ୟର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ଅପରାହ୍ଣରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଗୁମୁରା କ୍ଲବ୍‌ରେ କରାଯାଇଥିଲା। ଏଥିରେ ଅନେକ ସାନ୍ତାଳୀ ବୁଦ୍ଧିଜିବୀ ନିଜ ନିଜର ଅଭିବ୍ୟକ୍ତି ମାଧ୍ୟମରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଇଜ୍ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସୋର,୧୨।୫/ଏନ୍‌ଏନ୍‌ଏସ୍:** ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ଯଦୁନାଥ ବେହେରା (୮୫)। ଯଦୁନାଥ ମଧ୍ୟାହ୍ନରେ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ପୋଖରୀରେ ଖୋଜି ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅନନ୍ତପୁର ଫାଣ୍ଡି ପୁଲିସ ମେଡିକାଲ୍‌ରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ହଜ୍ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ,୧୨।୫/ଏନ୍‌ଏନ୍‌ଏସ୍:** ଭଦ୍ରକ ଅଖିଳ ଭାରତୀୟ ଦୁଃଖୀ ସମାଜ ଆନୁକୂଲ୍ୟରେ ହଜ୍ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ଇଂ. ରେଜାଏ ରସୁଲ ଅଧ୍ୟକ୍ଷତା କରିଥିଲେ। ଭଦ୍ରକ ଜାମା ମସଜିଦ୍‌ର ଏମାମ ହାଫିଜ୍ ଓ କାରୀ ମହମ୍ମଦ ସାଦିକ୍ ହୋସେନ୍‌ଙ୍କ ଉପସ୍ଥିତିରେ ହଜ୍ ତୀର୍ଥଯାତ୍ରୀଙ୍କୁ ନୂଆ ବସ୍ତ୍ର ଓ ଫୁଲମାଳା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ହଜ୍ ତୀର୍ଥ କରିବାକୁ ଭଦ୍ରକ ଜିଲ୍ଲାରୁ ୩୧ ଜଣଙ୍କ ସହିତ ଓଡ଼ିଶାରୁ ସର୍ବୋମୋଟ ୪୫୦ ଜଣ ଯିବେ। ଏହାସହ ୪୫ ଦିନ ଭିତରେ ନିଜ ନିଜ ସ୍ଥାନକୁ ଫେରିଆସିବେ ବୋଲି ଭଦ୍ରକ ହଜ୍ କମିଟିର ସାଧାରଣ ସମ୍ପାଦକ ଅସରଫ ଅଲ୍ଲୀ ଖାନ୍ ଓ ହଜ୍ କମିଟିର ଟ୍ରେନର୍ ହାଜି ଅବଦୁଲ ସୁବହୋ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦୁଃଖୀ ସମାଜର ସଭ୍ୟ ହାଜି ସବବୀର ଅଲି, ଇଂ. ହବିବୁଲ୍ଲା ଖାନ୍, ହାଜି ତବାରକ ଅଲି, ହାଜି ମତଲୁବ ଅଲି, ହାଜି ଅବୁ ହୋସେନ୍, ଜମିଲ୍ ଅଖତର ଖାନ୍, ମହମ୍ମଦ ଜକାଉଲ୍ଲା , ହାଜି ଅବଦୁଲ ମୁକିତ ଖାନ୍, ଶେଖ ଆସିଫ୍ ଅଲ୍ଲୀ, ଲିୱା ମାଷ୍ଟର୍, ଝମଝମ ଅଲି, ମିର୍ଜା ଏକ୍ରାମ ବେଗ, ଅଖତର ଅଲି, ହାଜି ଫକରେ ଆଲାମ, ଇବରାର ହୋସେନ୍, ମିର୍ଜା ଫରିଦ ବେଗ, ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର (ବାବୁ), ଶେଖ ହବିବୁଲ୍ଲା, ଜାୱେଦ ଅଖତର, ଶେଖ ଅବୁକାଲାମ, ବୁଲୁ ଭାଇ ଓ ଶେଖ ରାଜା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ମାତୃଦିବସରେ ମାତୃବନ୍ଦନା



**କଟକ,୧୨।୫/ଏନ୍‌ଏନ୍‌ଏସ୍:** ସାରସ୍ୱତ ଅନୁଷ୍ଠାନ,ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ବିଶ୍ୱ ମାତୃଦିବସ ଉପଲେକ୍ଷ ଆୟୋଜିତ କାର୍ଯ୍ୟକ୍ରମରେ ମାତୃପୂଜନ, କବିମାନଙ୍କର ମାତୃବନ୍ଦନା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା କବି ଅକ୍ଷୟ କୁମାର ବଳଙ୍କ ଉପନ୍ୟାସ ଅମରପ୍ରେମର ପାଠକାପର୍ଣ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡ.ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେବ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ.ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ମୁଖ୍ୟବକ୍ତା ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଏବଂ ସମ୍ମାନୀୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ଆଇନଜୀବୀ ପତିତପାବନ ମହାପାତ୍ର ଯୋଗେଦଇ ଉପନ୍ୟାସ ପୁସ୍ତକକୁ ପାଠକାପର୍ଣ କରିଥିଲେ। କବି ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ମହେନ୍ଦ୍ର ସାହୁ ଓ ମନୋରଞ୍ଜନ ପଣ୍ଡା କବିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ବ୍ଲୁଜମ୍ ଡ୍ୟାନ୍ସ ସ୍କୁଲ୍‌ର ବାର୍ଷିକ ଉତ୍ସବ

**କଟକ,୧୨।୫/ଏନ୍‌ଏନ୍‌ଏସ୍:** ବ୍ଲୁଜମ୍ ଡ୍ୟାନ୍ସ ସ୍କୁଲର ଦଶମ ବାର୍ଷିକ ଉତ୍ସବ ବାଖରାବାଦ ସ୍ଥିତ ଗାନ୍ଧୀବଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଡ. ଚୌଧୁରୀ ସତ୍ୟ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ଡିଏର ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସମାଜାସେବୀ ବିରଞ୍ଚି ନାରାୟଣ ନାୟକ, ତପନ କୁମାର ସାମଲ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶିକା ଅର୍ପିତା ଆରାଧନାଙ୍କୁ 'ନୃତ୍ୟ କଳାରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବଳଭଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ପରେ ରଙ୍ଗାରଙ୍ଗ କର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଆଜିର ଇତିହାସ

- ୧୬୪୮-ଦିଲ୍ଲୀର ଲାଲ୍‌କିଲ୍ଲାର ନିର୍ମାଣ ପୂରା ହୋଇଥିଲା।
- ୧୯୯୮-ରାଜସ୍ଥାନର ପୋଖରାନ ଠାରେ ଦୁଇଟି ପରୀକ୍ଷଣ କରାଯାଇଥିଲା।
- ୧୯୫୨-ସ୍ୱତନ୍ତ୍ର ଭାରତର ପ୍ରଥମ ସଂସଦର ସତ୍ର ଆରମ୍ଭ ହୋଇଥିଲା।
- ୧୯୬୨-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହୋଇଥିଲେ।
- ୧୯୭୮-ଦେଶର ପ୍ରଥମ ଧ୍ୱଜବାହକ ଜାହାଜ ଆଇଏନ୍‌ଏସ୍ ଦିଲ୍ଲୀ ସେବାମୁକ୍ତ ହୋଇଥିଲା।
- ୨୦୧୦-ସାମାଜିକ କାର୍ଯ୍ୟକର୍ତ୍ତା ଇଲା ଭଟ୍ଟଙ୍କୁ ନିୱାନୋ ଶାନ୍ତି ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଘରେ ଧାର୍ମିକ ପରିବେଶ ରହିବ। ଭାଇର ସ୍ୱାସ୍ଥ୍ୟ ଚିନ୍ତା ସମସ୍ୟାରେ ପକେଇବ। ଛୋଟ ପିଲାଙ୍କ ସହିତ ମଉଜମସ୍ତି କରିବେ। ଅଫିସ୍‌ରେ ସାବଧାନ ହୋଇ କାମ କରିବାକୁ ହେବ। ଶତ୍ରୁ ଆପଣଙ୍କୁ କ୍ଷତିରେ ପକେଇବେ।

**ବୃଷ** – ସନ୍ତାନର ଉନ୍ନତି ଦେଖି ମନ ପ୍ରସନ୍ନ ରହିବ। ପରିବାରର ପରିବେଶ ଶାନ୍ତ ରହିବ। ଦସ୍ତାବିଜ ଦେଖି ଆଗକୁ ବଢ଼ନ୍ତୁ। ବ୍ୟାପାରୀମାନଙ୍କୁ ଲାଭ ହେବ। ନୂଆ ସହଯୋଗୀ ମିଳିବେ। ସନ୍ଧ୍ୟା ସମୟ ଧାର୍ମିକ ସ୍ଥଳରେ ବିତେଇବେ।

**ମିଥୁନ** – କିଛି ସଦସ୍ୟଙ୍କ ପାଇଁ ବ୍ୟସ୍ତତା ଓ ଅନାବଶ୍ୟକ ଚିନ୍ତା ରହିବ। ଜୀବନସାଥି ସହିତ ବୁଲିବାକୁ ଯାଇପାରନ୍ତି। କାହାରି ସାହାଯ୍ୟ ନେବାକୁ ପସନ୍ଦ କରିବେ ନାହିଁ। ଧର୍ମ-କର୍ମରେ ଭାଗ ନେବେ। ବ୍ୟାପାରରେ ନୂଆ ଟେକ୍ନୋଲୋଜିକୁ ଆପଣାଇବେ।

**କର୍କଟ** – କାନୁନୀ ମାମଲାରେ ସଫଳତା ବିଳମ୍ବରେ ମିଳିବ। ସ୍ୱଜନଙ୍କ ସହଯୋଗ ପାଇବେ। ଅଟକିଥିବା କାମ ପୂରା କରିବେ। ସନ୍ତାନର ଉନ୍ନତି ସହିତ ଧନ ଲାଭ ହେବ। ବରିଷ୍ଠଙ୍କ ସହିତ ମତଭେଦ ହେବ।

**ସିଂହ** – ଆଜି ଧନ ପ୍ରାପ୍ତି ଯୋଗ ରହିଛି। ଭାଇ-ଭଉଣୀଙ୍କ ସହିତ ସମ୍ପର୍କ ମଧୁର ରହିବ। ପଦ-ପ୍ରତିଷ୍ଠା ବୃଦ୍ଧି ହେବ। ସକାରାତ୍ମକ ପରିବର୍ତ୍ତନ ଆସିବ। ବ୍ୟବସାୟରେ ଉନ୍ନତି ହେବ। ସବୁ ସମସ୍ୟା ଦୂର ହେବ।

**କନ୍ୟା** – ସବୁ ଇଚ୍ଛା ପୂରା ହେବ। ଅଧାଥିବା କାମ ପୂରା କରିବେ। ମାତାପିତାଙ୍କ ସହିତ ସମ୍ପର୍କ ଖୁବ୍ ଭଲ ରହିବ। ନିବେଶ ପାଇଁ ଦିନଟି ଉତ୍ତମ। ସନ୍ଧ୍ୟା ସମୟ ପରିଜନଙ୍କ ସହିତ ବିତେଇବେ।

**ତୁଳା** – ସ୍ୱଜନଙ୍କ ସହିତ ଦୁଃଖଦ ସାକ୍ଷାତ ହେବ। ପ୍ରଭାବଶାଳୀ ଲୋକଙ୍କ ସହିତ ପରିଚିତ ହେବେ। ନିକଟ ଭବିଷ୍ୟତରେ ଲାଭ ପାଇବେ। ରାଜନୀତି କ୍ଷେତ୍ରରେ ବିକାଶ ହେବ। ନୂଆ ଢ଼ାଞ୍ଚା ତିଆରି ହେବ। ପ୍ରତିରୋଧକ କ୍ଷମତା ମଜଭୁତ ହେବ।

**ବିଛା** – କାମକାର୍ଯ୍ୟରେ ବିଶେଷ ଯୋଗଦାନ ରହିବ। ବିଶେଷଜ୍ଞଙ୍କ ପରାମର୍ଶ ଉପଯୋଗୀ ହେବ। ମାତାଙ୍କ ସ୍ୱାସ୍ଥ୍ୟ ପ୍ରତି ସାବଧାନ ରହିବେ। ଯଶ ବୃଦ୍ଧି ହେବ। ଶତ୍ରୁଙ୍କ ନାଶ ହେବ। ଶୁଭ ସମାଚାର ପାଇ ମନ ପ୍ରସନ୍ନ ରହିବ।


**ଧନୁ** – ଅଚାନକ ଧନ ପ୍ରାପ୍ତି ଯୋଗ ରହିଛି। ପୈତୃକ ସମ୍ପତ୍ତିରୁ ଲାଭ ପାଇବେ। ଶ୍ୱଶୁର ଘର ସମ୍ପର୍କରେ ତିକ୍ତତା ଆସିପାରେ। ପାରିବାରିକ ସମସ୍ୟାର ସମାଧାନ କରିବେ। ଧାର୍ମିକ ସ୍ଥଳକୁ ଯାଇପାରନ୍ତି।

**ମକର** – ଛୋଟ ପିଲାଙ୍କ ସହିତ ସମୟ ବିତେଇବେ। ମାନସିକ ଶାନ୍ତି ମିଳିବ। ଫସିଥିବା ଅର୍ଥ ଫେରିପାଇବେ। କ୍ରୋଧ ଓ ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅନ୍ୟଥା ସମ୍ପର୍କରେ ଫାଟ ବଢ଼ିବ। ବ୍ୟାପାରରେ ଉନ୍ନତି ହେବ।

**କୁମ୍ଭ** – ଆର୍ଥିକ ସମସ୍ୟା ସମାପ୍ତ ହେବ। ଯୋଗ୍ୟ ଲୋକଙ୍କ ଠାରୁ ବିବାହ ପ୍ରସ୍ତାବ ଆସିବ। ଘରର ଲୋକମାନେ ପ୍ରସନ୍ନ ରହିବେ। ମାତାପିତାଙ୍କ ସହଯୋଗ ଦ୍ୱାରା ସମସ୍ୟାର ସମାଧାନ ହେବ। ବ୍ୟର୍ଥ ତର୍କରେ ପଡ଼ିବେ।

**ମୀନ** – ବ୍ୟାପାରିକ ମାମଲାରେ ବାଧାବିଘ୍ନ ଦୂର ହେବ। ମାନ-ସମ୍ମାନ ପ୍ରାପ୍ତି ହେବ। ଆପଣଙ୍କ କୀର୍ତ୍ତି ଚାରିଆଡ଼େ ବ୍ୟାପିବ। ମନୋରଞ୍ଜନ ପ୍ରତି ଧ୍ୟାନ ଦେବେ। ମହତ୍ତ୍ୱପୂର୍ଣ୍ଣ କାମ ବିଗିଡ଼ି ଯାଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍।**
**ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍। (୯/୨୭)**

ହେ କୌନ୍ତେୟ! ତୁମେ ଯାହା କରୁଅଛ, ଯାହା ଖାଉଅଛ, ଯାହା ହୋମ କରୁଛ, ଯାହା ଦେଉଛ, ଯେଉଁ ତପସ୍ୟା କରୁଛ, ସେ ସମସ୍ତ ମୋ ନିକଟରେ ସମର୍ପଣ କର। ଭଗବାନ ସ୍ପଷ୍ଟ ସୂଚାଇ ଦିଅନ୍ତି ଯେ ଆମେ ଯେଉଁସବୁ କର୍ମ କରନ୍ତି ତାହା ଈଶ୍ୱର ବୁଦ୍ଧି ଓ ଜ୍ଞାନରେ କରିବାକୁ ହେବ। କେବଳ ମୁହଁରେ ଈଶ୍ୱର ଈଶ୍ୱର କହିଲେ ହେବନି ବରଂ ଆମର ହୃଦୟରେ ସେହି ଭାବଟି ଅନବରତ ରହିବା ଚାହି। ଫଳ ତ୍ୟାଗ କରିବା ଏହି ଶ୍ଳୋକର ଅସଲ ଉଦ୍ଦେଶ୍ୟ। ଈଶ୍ୱରଙ୍କ ଠାରେ ସବୁ କିଛି ଅର୍ପଣ କରି କର୍ମ କଲେ ଫଳ ଦୋଷ ଲାଗିବନି କି ମୁଁ କରୁଛି ବୋଲି ଅହଂକାର ମନରେ ଜାତ ହେବନି। ଶ୍ରୀ ରାମକୃଷ୍ଣ କହନ୍ତି - ହେ ଜଗନ୍ମାତ! ମୁଁ ତୋର ଯନ୍ତ୍ର, ତୁମେ ମୋର ଯନ୍ତ୍ରୀ। ମୁଁ ଘର, ତୁମେ ଘରଣୀ। ମୁଁ ରଥ, ତୁମେ ରଥୀ। ତୁମେ ମୋତେ ଯେପରି ଚଲାଅ ମୁଁ ସେପରି ଚାଲେ। ତୁମେ ଯେପରି କୁହାଅ ମୁଁ ସେପରି କୁହେ। ମୋର ସମସ୍ତ କର୍ମ ହିଁ ତୁମର କର୍ମ। ମୁଁ ନୁହେଁ... ମୁଁ ନୁହେଁ କିନ୍ତୁ ତୁମେ... ତୁମେ।

# ଦୁନିଆର ପ୍ରଥମ ପରମାଣୁ ବିସ୍ଫୋରଣ



ପାକିସ୍ତାନ ତରଫରୁ ଲଗାତର ଆତଙ୍କବାଦର ଦଂଶନକୁ ସହ୍ୟ କରୁଛନ୍ତି ବିଶ୍ୱର ଅନେକ ଦେଶ ଯେଉଁ ସୂଚୀରେ ପ୍ରଥମ ସ୍ଥାନରେ ରହିଛି ଭାରତ। ଏବେ ଜିରୋ ଟଲେରାନ୍ସର ସନ୍ଦେଶ ଦେଇ ପାକିସ୍ତାନ ଉପରେ ସେ 'ଅପରେସନ୍ ସିନ୍ଦୂର' ନାମରେ ଅଭିଯାନ ଆରମ୍ଭ କରିବାକୁ ଯାଇ ଅନେକ ଆତଙ୍କବାଦୀ ଆଡ୍ଡାସ୍ଥଳୀକୁ ଧ୍ୱଂସ କରିଛି। ଏହା ସହିତ ଦୁଇ ଦେଶ ମଧ୍ୟରେ ଚାଲିଛି ଯୁଦ୍ଧ। ଦୁଇଟି ସାରା ଦେଶରେ ପରମାଣୁ ଶକ୍ତି ଥିବାରୁ ଏହି ଯୁଦ୍ଧକୁ ପୂରା ବିଶ୍ୱ ଠିକ୍ ଭାବରେ ଗ୍ରହଣ କରୁନାହିଁ। ତେବେ ପରମାଣୁ ଧମକ ଦେଉଥିବା ପାକିସ୍ତାନ ଥରେ ମାତ୍ର ଓପେନ୍‌ହାଇମର୍‌ଙ୍କ ଜୀବନୀରୁ ଶିକ୍ଷା ନେବା ଉଚିତ। ୧୯୪୫, ଜୁଲାଇ ମାସର ଏକ ସକାଳେ ନ୍ୟୁ ମେକ୍ସିକୋର ମରୁଭୂମିରେ ଏକ ଚମକପୂର୍ଣ୍ଣ ଆଲୋକ ଆକାଶରେ ଦେଖିବାକୁ ମିଳିଥିଲା ଯାହାର ନାମ ଥିଲା 'ଟ୍ରିନିଟ୍ ଟେଷ୍ଟ'। ଏହା ଥିଲା ବିଶ୍ୱର ପ୍ରଥମ ପରମାଣୁ ବିସ୍ଫୋରଣ। ଏହି ଐତିହାସିକ ମୁହୂର୍ତ୍ତ ପଛରେ ଥିଲେ ଜେ ରବର୍ଟ ଓପେନ୍‌ହାଇମର୍ ଯାହାଙ୍କୁ ପରମାଣୁ ବୋମାର ଜନକ ବୋଲି କୁହାଯାଏ। କିନ୍ତୁ ଏହି ବୈଜ୍ଞାନିକ କେବଳ ଯେ ବିଜ୍ଞାନ କ୍ଷେତ୍ରରେ ବିଜୟ ହାସଲ କରିଥିଲେ ତାହା ନୁହେଁ ଗଭୀର ପଶ୍ଚାତାପ, ନୈତିକତାର ପ୍ରଶ୍ନ ଓ ମାନବତା ପ୍ରତି ତାଙ୍କର ଦାୟିତ୍ୱର କାହାଣୀ ବର୍ଣ୍ଣନା କରୁଥିଲେ। ହିରୋଶିମା ଓ ନାଗାସାକି ଉପରେ ଯେତେବେଳେ ପରମାଣୁ ବୋମା ପଡ଼ିଥିଲା ସେ ସମୟରେ ସେ କହିଥିଲେ ଯେ 'ମୋ ହାତ ରକ୍ତରେ ଲାଲ୍ ହୋଇଯାଇଛି'। ଆଜି ଯେତେବେଳେ ଭାରତ ଓ ପାକିସ୍ତାନ ଭଳି ଦୁଇଟି ପରମାଣୁ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଦେଖାଦେଇଛି ଓପେନହାଇମର୍‌ଙ୍କ ଏହି ବାକ୍ୟଟିର ଗୁରୁତ୍ୱ ବୃଦ୍ଧିପାଇଛି କାରଣ ପାକିସ୍ତାନ ବାରମ୍ବାର ପରମାଣୁ ଆକ୍ରମଣର ଧମକ ଦେଉଛି। ୨୨ ଏପ୍ରିଲ, ୧୯୦୪ରେ ନ୍ୟୁୟର୍କରେ ଜନ୍ମଗ୍ରହଣ କରିଥିଲେ ଜୁଲିୟସ୍ ରବର୍ଟ ଓପେନ୍‌ହାଇମର୍। ସେ ଥିଲେ ଜଣେ ଅସାଧାରଣ ବୁଦ୍ଧିଜୀବୀ। ୧୯୪୨ରେ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚରମ ସୀମାରେ ଥିଲା ଆମେରିକା ମ୍ୟାନ୍‌ହଟନ୍ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ନାଜିମାନଙ୍କ ଦ୍ୱାରା ପରମାଣୁ ବୋମା ତିଆରି କରିବା ଏହି ପ୍ରୋଜେକ୍ଟର ଲକ୍ଷ୍ୟ ଥିଲା। ଏହାପରେ ଇତିହାସ ରଚିଥିଲା ଟ୍ରିନିଟି ଟେଷ୍ଟ।



# ମାଟିର ମହାକବି: ସଚ୍ଚି ରାଉତରାୟ

ଗାଁ ମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ବରେଣ୍ୟ କବି ଭାବରେ ତାଙ୍କର ପରିଚୟ ରହିଛି। 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନ ଥାଉ ତା'ର ନାଁଟି', ସଚ୍ଚିଦାନନ୍ଦ ରାଉତରାୟଙ୍କ ଏହି ଆବେଗପୂର୍ଣ୍ଣ କବିତାଟି ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିଛି। ଆଧୁନିକ ଓଡ଼ିଆ କବିତାର ଏହି ଜନ୍ମଦାତା ଏକଧାରାରେ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରଭାବଶାଳୀ ପ୍ରାବନ୍ଧିକ ଓ ସମାଲୋଚକ। କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇ ଯାଇଛନ୍ତି ଏକ ନୂତନ ପରିଚୟ। ଓଡ଼ିଆ ସାହିତ୍ୟର ପ୍ରଗତିବାଦୀ ଆନ୍ଦୋଳନର ସେ ଥିଲେ ଅନ୍ୟତମ ପ୍ରବକ୍ତା। ସ୍ୱାଧୀନତା ପରବର୍ତ୍ତୀ ବହୁ ଓଡ଼ିଆ କବିଙ୍କ ପାଇଁ ସେ ଥିଲେ କାବ୍ୟ-ଗୁରୁ। ତାଙ୍କୁ କେହି କେହି 'ମାଟିର ଦ୍ରୋଣ' ବୋଲି ମଧ୍ୟ କହୁଥିଲେ। କବି ସଚ୍ଚି ରାଉତରାୟ ଓଡ଼ିଆ ଏବଂ ଇଂରାଜୀରେ ଚାଳିଶରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ପଦ୍ମଶ୍ରୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଜ୍ଞାନପୀଠ ପୁରସ୍କାର, ସୋଭିଏତ ଦେଶ ନେହେରୁ ପୁରସ୍କାର, ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋ ଆଦି ସମ୍ମାନରେ ସମ୍ମାନିତ ହୋଇଥିଲେ ଏହି କବି। ଛାତ୍ର ଜୀବନରୁ ଭାରତର ସ୍ୱାଧୀନତା ଆନ୍ଦୋଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଚାଷୀ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ। ତାଙ୍କ ରଚିତ ରକ୍ତଶିଖା, ଉଠ ଜାଗ ଭୋକି ବନ୍ଦୀରେ ଏହି ଆନ୍ଦୋଳନର ପ୍ରତିଛବି ଦେଖିବାକୁ ମିଳେ। ତାଙ୍କର କେତୋଟି ପ୍ରସିଦ୍ଧ କବିତା ଗ୍ରନ୍ଥ, ଗଳ୍ପ ଗ୍ରନ୍ଥ ସହିତ 'ଚିତ୍ରଗ୍ରୀବ' ନାମକ ଏକମାତ୍ର ଉପନ୍ୟାସ ରହିଛି। ୧୯୧୬ର ଆଜିର ଦିନରେ ସେହି ଯୁଗସ୍ରଷ୍ଟା ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗ ଠାରେ ଜନ୍ମଗ୍ରହଣ କରିଥିଲେ ଓ ୨୦୦୪, ଅଗଷ୍ଟ ୨୧ରେ ଦୁନିଆରୁ ବିଦାୟ ନେଇ ସାହିତ୍ୟ ଜଗତ ପାଇଁ କରିଯାଇଛନ୍ତି ଏକ ଅପୂରଣୀୟ କ୍ଷତି।

# କଫି ପିଇବାର ସମୟ ଓ କ୍ଷତି

ପୋଷକ ତତ୍ତ୍ୱ ବା ନ୍ୟୁଟ୍ରିସନ୍ ଏପରି ପଦାର୍ଥ ଯାହା ଆମର ଖାଦ୍ୟପେୟରୁ ମିଳିଥାଏ। ଏହା ସହିତ ଏହି ତତ୍ତ୍ୱଗୁଡ଼ିକ ଶରୀରର ମୁଖ୍ୟ କାମଗୁଡ଼ିକୁ କରିବାରେ ସଫଳ ହୋଇଥାନ୍ତି। ତେଣୁ ଲୋକମାନେ ସୁସ୍ଥ ରହିବା ପାଇଁ ଅଲଗା ଅଲଗା ପୋଷକ ତତ୍ତ୍ୱ ଆବଶ୍ୟକ କରିଥାନ୍ତି। ତେବେ ଅନେକ ଲୋକଙ୍କର ଚା' କିମ୍ବା କଫି ପିଇବାର ଅଭ୍ୟାସ ଥାଏ। ଦିନରେ ସେମାନେ ଅନେକ ଥର କିମ୍ବା ଖାଇ ସାରିବା ପରେ କଫି ବା ଚା' ଆଦି ପିଇବାର ଦେଖିବାକୁ ମିଳେ। କିନ୍ତୁ କଫି ପିଇବାର ଅଭ୍ୟାସ ଖାଦ୍ୟର ପୋଷକ ତତ୍ତ୍ୱଗୁଡ଼ିକୁ ଶରୀରରେ ବିଶୋଷିତ ହେବାରେ ବାଧା ଉତ୍ପନ୍ନ କରାଇଥାଏ। କାରଣ କଫିରେ ଥାଏ ଏକହଜାର କେମିକାଲ୍ କମ୍ପାଉଣ୍ଡ୍ ଯେଉଁଥିରେ ସାମିଲ ଥାଆନ୍ତି କ୍ୟାଫିନ୍, ପଲିଫେନଲ୍ସ ଓ ଟ୍ୟାନିନ୍ସ ପରି କିଛି ରସାୟନ। ଏହି ରସାୟନଗୁଡ଼ିକ ଯୋଗୁ ଶରୀର ପୋଷକ ତତ୍ତ୍ୱଗୁଡ଼ିକୁ ଅବଶୋଷିତ କରିପାରେ ନାହିଁ। ତେବେ ଏହା ଭଲ ଖବର ଯେ ଅଧିକାଂଶ ଲୋକଙ୍କ ଭିତରେ ଏହି ପ୍ରଭାବ କମ୍ ମାତ୍ରାରେ ଦେଖାଯାଏ। ଏହା ମଧ୍ୟ ସତ ଯେ କଫି ପିଇବା ଦ୍ୱାରା ଶରୀର ସମ୍ପୂର୍ଣ୍ଣ ଭାବରେ ପୋଷକ ତତ୍ତ୍ୱଗୁଡ଼ିକୁ ଅବଶୋଷିତ କରିବା ବନ୍ଦ କରିଦିଏ। ଏହି ପ୍ରଭାବ ପଡ଼େ କଫିର ଷ୍ଟ୍ରେନ୍‌ଥ, ପୋଷକ ତତ୍ତ୍ୱର ମାତ୍ରା, କୌଣସି ବ୍ୟକ୍ତିର ବୟସ, ଶରୀରର ମେଟାବୋଲିଜ୍‌ମ, ସ୍ୱାସ୍ଥ୍ୟସ୍ଥିତି ଓ ଜେନେଟିକ୍ସକୁ ନେଇ। କଫିରେ କ୍ୟାଲ୍‌ସିୟମ୍, ଆୟରନ୍ ଓ ଭିଟାମିନ୍ସ ଆଦି ସାମିଲ ଥାଏ। ଯଦି ଆମ ଶରୀରରେ ପୋଷକ ତତ୍ତ୍ୱଗୁଡ଼ିକର ସ୍ତର ପର୍ଯ୍ୟାପ୍ତ ମାତ୍ରାରେ ଥାଏ ତେବେ ଠିକ୍ ଅଛି କିନ୍ତୁ ଶରୀରରେ ଯଦି ପୋଷକ ତତ୍ତ୍ୱର ଅଭାବ ରହିଥିବ ତେବେ କଫି ପିଇବା ଯୋଗୁ ପୋଷକ ତତ୍ତ୍ୱର ସ୍ତର ହ୍ରାସ ପାଇବ।



# ସହକାରୀ ମାଙ୍କଡ଼

ଅନେକ ସମୟରେ ଏପରି ଘଟଣା ସବୁ ଦେଖିବାକୁ ମିଳେ ଯେଉଁଥିରେ ବିନା କୌଣସି ସମସ୍ୟାରେ ମଣିଷ ଓ ପଶୁ ଏକା ସହିତ କାମ କରୁଥାନ୍ତି। ଏପରି କିଛି ହୋଇଥିଲା ଜେମ୍ସ ଓ ଜ୍ୟାକ୍‌ଙ୍କ ସହିତ। ଜେମ୍ସ ୱାଇଡ୍ ନାମକ ଜଣେ ବ୍ୟକ୍ତି ଜ୍ୟାକ୍ ନାମକ ଏକ ମାଙ୍କଡ଼ ବଜାରରେ ଏକ ବଳଦ ଗାଡ଼ି ଚଲାଇବାର ଦେଖିଥିଲେ। ଆଫ୍ରିକୀ ରେଳ ଷ୍ଟେସନ୍‌ରେ ସିଗ୍‌ନାଲ୍‌ମ୍ୟାନ ଭାବରେ କାମ କରୁଥିବା ଜେମ୍ସ, ଜ୍ୟାକ୍‌ଙ୍କ କଳାକାରୀକୁ ଦେଖିବା ପରେ ସେ ତାକୁ ନିଜର ସହକାରୀ ଭାବରେ କାମ କରେଇବାକୁ ଚାହିଁଥିଲେ। ଜେମ୍ସ ଏକ ରେଳ ଦୁର୍ଘଟଣାରେ ନିଜର ଗୋଡ଼ ହରେଇ ସାରିଥିଲେ ଓ ସେ କାଠର ଗୋଡ଼ ଲଗାଇଥିଲେ। ତାଙ୍କୁ ଏକ କାଠଚକ ଲାଗିଥିବା ଗାଡ଼ି ଦିଆଯାଇଥିଲା ନିଜର କାମ ସବୁ କରିବା ପାଇଁ। କିନ୍ତୁ ଏସବୁ ପରେ ବି ତାଙ୍କୁ ଜଣେ ସହାଯ୍ୟକାରୀର ଆବଶ୍ୟକ ଥିଲା। ସେ କେବେ ମଧ୍ୟ ଚିନ୍ତା କରି ନଥିଲେ ଯେ ତାଙ୍କୁ ଏପରି ଜଣେ ସାହାଯ୍ୟକାରୀ ମାଙ୍କଡ଼ ମିଳିବ ଯିଏ ଏକ ଭରସାଯୋଗ୍ୟ ସାଥି ହୋଇପାରିବ। ଜ୍ୟାକ୍ ମାଙ୍କଡ଼କୁ ଖୁବ୍ ଶୀଘ୍ର ଟ୍ରେନ୍ ସିଗ୍‌ନାଲ୍ ମ୍ୟାନେଜ କରିବା ଶିଖାଇଥିଲେ। ମାଙ୍କଡ଼ଟି ନଅ ବର୍ଷ ପର୍ଯ୍ୟନ୍ତ ଏହି କାମ କରିଥିଲା। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ସମୟ ମଧ୍ୟରେ ସେ ଗୋଟିଏ ବି ଭୁଲ୍ କରିନଥିଲା। ଜେମ୍ସଙ୍କ ସହିତ ସେ ତାଙ୍କର କାର୍ଟ ଚଲେଇବା ବ୍ୟତୀତ ଟ୍ରେନ୍ ସିଗ୍‌ନାଲ ବଦଳେଇବା ଓ କଣ୍ଡକ୍ଟରକୁ ଚାବି ଦେବା ମଧ୍ୟ ଶିଖି ଯାଇଥିଲା। ଖବର ଅନୁସାରେ ଏ ଦୁଇ ଜଣ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ରେ ପୋର୍ଟ ଏଲିଜାବେଥ୍ ମେନ୍ ଲାଇନ୍ ରେଳରୋଡ୍‌ରେ ୧୮୦୦ ଦଶକର ଶେଷ ଆଡ଼କୁ ମିଶି କାମ କରୁଥିଲେ। ଜ୍ୟାକ୍ ଆଙ୍ଗୁଳି ସାହାଯ୍ୟରେ ସ୍ୱିଚ୍‌କୁ ଧରି ଲିଭର୍ ଟାଣି ସିଗ୍‌ନାଲ ବଦଳେଇବାର ଦେଖିଥିଲେ। ଏପରିକି ଟ୍ରେନ୍‌ର ସିଟି ଶୁଣିବା ମାତ୍ରେ ଜ୍ୟାକ୍ ଚାବି ନେଇ କଣ୍ଡକ୍ଟର ପାଖରେ ପହଞ୍ଚି ଯାଉଥିଲା। ସେ ସମୟରେ ଏ ଦୁଇ ଜଣ ବେଶ୍ ପ୍ରସିଦ୍ଧ ହୋଇଯାଇଥିଲେ।



# କମେଡି ଅଭିନେତା ରିତେଶ




**ଆଜିକାଲି କ୍ରାଇମ୍-ଥ୍ରୀଲର୍ ଫିଲ୍ମ 'ରେଡ୍-୨' ବଡ଼ ପରଦାରେ ସଫଳତାର ସହିତ ଚାଲିଛି। ଏଥିରେ ଅଜୟ ଦେବଗନଙ୍କ ସହିତ ନଜର ଆସୁଛନ୍ତି ରିତେଶ ଦେଶମୁଖ। ରିତେଶ ଫିଲ୍ମରେ ଭିଲେନ୍ ଭୂମିକାରେ ନଜର ଆସୁଛନ୍ତି। ମନୋସର ଧନ୍‌କଡ଼ ଓରଫ ଦାଦାଭାଇଙ୍କ ଚରିତ୍ରରେ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରୁଛନ୍ତି ରିତେଶ। 'ରେଡ୍-୨'ରେ ଗମ୍ଭୀର ଚରିତ୍ରରେ ନଜର ଆସୁଥିବା ରିତେଶଙ୍କୁ ପୁଣି ଥରେ କମେଡି ଅବତାରରେ ଦେଖିବାକୁ ମିଳିବ। 'ରେଡ୍-୨' ପରେ ଛତ୍ରପତି ଶିବାଜୀ ମହାରାଜଙ୍କ ଉପରେ ଆଧାରିତ ଫିଲ୍ମ 'ରାଜା ଶିବାଜୀ'ରେ ନଜର ଆସିବେ ରିତେଶ। ହିନ୍ଦୀ ଓ ମରାଠୀ ଭାଷାରେ ରିଲିଜ ହେବାକୁ ଥିବା ଏହି ଫିଲ୍ମରେ ଅଭିନୟ ସହିତ ନିର୍ଦ୍ଦେଶନାର ଦାୟିତ୍ୱ ସମ୍ଭାଳିଛନ୍ତି ରିତେଶ। ଏହା ସହିତ ତାଙ୍କ ପାଖରେ ପାଇପ୍‌ଲାଇନ୍‌ରେ ରହିଛି ତିନୋଟି ବଡ଼ କମେଡି ଫିଲ୍ମ ହାଉସଫୁଲ୍-୫, ଧମାଲ୍-୪ ଓ ମସ୍ତି-୪ର ସିକ୍ୱେଲ।**

**ହାଉସ୍‌ଫୁଲ୍-୫** - କମେଡି-ଫ୍ରାଞ୍ଚାଇଜ 'ହାଉସ୍‌ଫୁଲ୍'ର ଚାରୋଟି ଶାନ୍‌ଦାର ଓ ସଫଳତାର ଚାରିଟି ପାର୍ଟ ପରେ ପଞ୍ଚମ ପାର୍ଟରେ ମଧ୍ୟ ଫିଲ୍ମଟି ଧମାଲ୍ ମଚେଇବା ଅପେକ୍ଷାରେ ଅଛି। ଏହାର ଟିଜର ଆସିସାରିଛି। ୬ ଜୁନ୍‌ରେ ରିଲିଜ ହେବାକୁ ଥିବା ଏହି ଫିଲ୍ମରେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ଜ୍ୟାକି ଶ୍ରଫ୍, ସଞ୍ଜୟ ଦତ୍ତ, ନାନା ପାଟେକର, ସୋନମ ବାଜୱା ଓ ଚିତ୍ରାଙ୍ଗଦା ସିଂହ ନଜର ଆସିବେ।

**ଧମାଲ୍-୪**-କମେଡି ଫିଲ୍ମ 'ଧମାଲ୍-୪' ମଧ୍ୟ ପାଇପ୍‌ଲାଇନ୍‌ରେ ରହିଛି। ଗତ ପାର୍ଟରେ ରିତେଶ ନଜର ଆସିଥିଲେ। ଫିଲ୍ମର ସୁଟିଂ ଏବେ ଜାରି ରହିଛି ଯେଉଁଥିରେ ଅଜୟ ଦେବଗନ, ଜାଭେଦ ଜାଫ୍‌ରୀ, ଅର୍‌ଶାଦ ୱାର୍‌ସୀ ଓ ସଂଜୀଦା ଶେଖଙ୍କ ପରି କଳାକାରମାନେ ନଜର ଆସିବେ। ଏହାର ରିଲିଜ ତାରିଖ ବିଷୟରେ ଘୋଷଣା କରାଯାଇ ନାହିଁ।

**ମସ୍ତି-୪**-ରିତେଶ 'ମସ୍ତି-୪'ର ମଧ୍ୟ ଅଂଶବିଶେଷ। ଏହାର ଦୁଇଟି ପାର୍ଟ 'ମସ୍ତି' ଓ 'ଗ୍ରାଣ୍ଡ୍ ମସ୍ତି' ନାମରେ ରିଲିଜ ହୋଇ ସଫଳତାର ସହିତ ଚାଲିଥିଲା। କିନ୍ତୁ ତୃତୀୟ ପାର୍ଟ 'ଗ୍ରେଟ୍ ଗ୍ରାଣ୍ଡ୍ ମସ୍ତି' ଫ୍ଲପ୍ ସାବ୍ୟସ୍ତ ହେବା ପରେ ବି ନିର୍ମାତାମାନେ ଏହାର ଚତୁର୍ଥ ପାର୍ଟର ନିର୍ମାଣ କରୁଛନ୍ତି।




# ଦୁନିଆର ଲମ୍ବା ଶବ୍ଦ




ଦୁନିଆରେ ଥିବା ଭାଷାଗୁଡ଼ିକର ଶବ୍ଦର କୌଣସି ସଠିକ୍ ସଂଖ୍ୟା ନାହିଁ। କିନ୍ତୁ ଜାଣିଛନ୍ତି କି ଦୁନିଆର ଲମ୍ବା ଶବ୍ଦ ବିଷୟରେ। ଦୁନିଆରେ ଏହିପରି ଅନେକ ଶବ୍ଦ ରହିଛି ଯେଉଁଗୁଡ଼ିକୁ ଆମେ ଉଚ୍ଚାରଣ କରିବା ବେଳେ ସହଜ ଅନୁଭବ କରିନଥାନ୍ତି। ଏହିପରି କେତେକ ଶବ୍ଦ ରହିଛି ଇଂରାଜୀ ଭାଷାରେ ଯେଉଁଗୁଡ଼ିକର ଉଚ୍ଚାରଣରେ ଲୋକମାନଙ୍କର ଅବସ୍ଥା ଖରାପ ହୋଇଯାଏ। ଏହି ଶବ୍ଦଗୁଡ଼ିକ ମଧ୍ୟରୁ ଅନ୍ୟତମ ଏକ ଶବ୍ଦ ଅଛି ଯାହାକୁ ଦେଖିବା ତ ଦୂରର କଥା କହିବା ପାଇଁ ମଧ୍ୟ ସ୍ୱର ଅଟକିଯାଏ। ଏହି ଶବ୍ଦରେ ୧୦୦ କିମ୍ବା ୨୦୦ ଅକ୍ଷର ନାହିଁ ଅଛି ଏକ ହଜାରରୁ ଅଧିକ ଅକ୍ଷର। ଏହା ହେଉଛି ସବୁଠାରୁ ବଡ଼ ପ୍ରୋଟିନ୍‌ର ରାସାୟନିକ ନାମ ଯାହାକୁ ସଂକ୍ଷେପରେ କୁହାଯାଏ ଟିଟିନ୍। ଏହି ଶବ୍ଦକୁ କେବଳ ଉଚ୍ଚାରଣ କରିବା ପାଇଁ କେତେ ଘଣ୍ଟାର ସମୟ ଲାଗେ। ତେଣୁ ସାଧାରଣ କଥାବାର୍ତ୍ତା କରିବା ବେଳେ ଏହି ଶବ୍ଦର ବ୍ୟବହାର କରାଯାଏ ନାହିଁ। ଟିଟିନ୍ ହେଉଛି ଦୁନିଆର ସବୁଠାରୁ ଲମ୍ବା ପ୍ରୋଟିନ୍। ଏହି କାରଣରୁ ଏହାର ନାମ ମଧ୍ୟ ଅଧିକ ଲମ୍ବା। ତେବେ କେମିକାଲ୍ସର ନାମଗୁଡ଼ିକୁ ଶବ୍ଦକୋଷରେ ସାମିଲ କରିବାରେ ସମସ୍ୟା ହୁଏ ଓ ଏହି ଶବ୍ଦର କୌଣସି ସୀମା ନାହିଁ। ଅନ୍ୟ ଏକ ଲମ୍ବା ଶବ୍ଦ ରହିଛି ଯାହା ଫୁସ୍‌ଫୁସ୍‌ର ରୋଗର ନାମ ଯାହାକୁ ନିମୋନିଆ କୁହାଯାଏ। ଜ୍ୱାଳାମୁଖୀର ବହୁତ ଛୋଟ (ଅଲ୍ଟ୍ରାମାଇକ୍ରୋସ୍କୋପିକ୍) ସିଲିକନ୍ କଣଗୁଡ଼ିକ ଶରୀର ଭିତରକୁ ଗଲେ ଏହି ରୋଗ ହୋଇଥାଏ। ଥାଇଲାଣ୍ଡରେ ଏକ ମାଛି ଅଛି ଯାହାର ନାମରେ ରହିଛି ୪୨ଟି ଅକ୍ଷର। ଗ୍ରୀକ୍ ଭାଷାରେ ମଧ୍ୟ ଏକ ଶବ୍ଦ ରହିଛି ଯେଉଁଥିରେ ଅଛି ୧୭୧ଟି ଅକ୍ଷର। ଇଂରାଜୀରେ ଅନୁବାଦ କରିବା ପରେ ଏହା ଅଧିକ ଲମ୍ବା ହୋଇଯାଏ ଯେଉଁଥିରେ ୧୮୩ଟି ଅକ୍ଷର ଥାଏ।

# ଓଡ଼ିଶାରେ ଆରଏସ୍ଏସ୍ ସରସଂଘଚାଳକ ମୋହନ ଭାଗବତ

## ଚାରି ଦିନିଆ ଗସ୍ତ, ୧୬ରେ ଫେରିବେ



**ଭୁବନେଶ୍ୱର,୧୨।୫/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍)ର ସରସଂଘଚାଳକ ମୋହନ ଭାଗବତ ପୁଣି ଥରେ ଓଡ଼ିଶା ଗସ୍ତ କରିଛନ୍ତି। ଏଥର ସେ ଚାରି ଦିନ ରହିବେ। ୧୬ ଅପରାହ୍ଣରେ ସେ ନୂଆଦିଲ୍ଲୀ ଫେରିଯିବେ। ହେଲେ ତାଙ୍କ ଗସ୍ତକୁ ନଜରରେ ରଖି ଟ୍ୱିନ୍ ସିଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୋମବାର ସନ୍ଧ୍ୟା ୬ଟାରେ ଭାଗବତ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସିଧା ସଡ଼କପଥରେ ଯାଇ କଟକ ଗତିରାଉତ ପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ସେ ଏହି ଶିଶୁ ବିଦ୍ୟାମନ୍ଦିରରେ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଭିନ୍ନ ଭିନ୍ନ ଅଧିବେଶନରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଦୋକାନ ଘରେ ଗ୍ୟାସ୍ ଟାଙ୍କି ବିସ୍ଫୋରଣ



**ବାଲେଶ୍ୱର,୧୨।୫/ଏନ୍ଏନ୍ଏସ୍:** ବାଲେଶ୍ୱରରେ ଲଗାତର ଭାବେ ଗ୍ୟାସ୍ ଟାଙ୍କି ବିସ୍ଫୋରଣ ହୋଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଘଟଣା ଅନୁସାରେ ବାଲେଶ୍ୱର ଜିଲ୍ଲା ମେରାଇନ ଥାନା ଅଧୀନ ନାଉପାଳଗଡ଼ିରେ ଏକ ଦୋକାନ ଘରେ କିଛି ଗ୍ୟାସ ଟାଙ୍କି ଗଚ୍ଛିତ ଥିଲା। କୌଣସି କାରଣରୁ ଗଚ୍ଛିତ ଟାଙ୍କିଗୁଡ଼ିକର ବିସ୍ଫୋରଣ ହୋଇଥିଲା। ପାଖାପାଖି ୮/୧୦ଟି ଟାଙ୍କି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ଆଖପାଖ ଅଞ୍ଚଳକୁ ମଧ୍ୟ ଶୁଣାଯାଇଥିଲା। ଖବର ପାଇ ମେରାଇନ୍ ଥାନା ପୁଲିସ ଏବଂ ବାଲେଶ୍ୱରରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ। ଏ ନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ବେଆଇନ ଫାର୍ମହାଉସ୍‌ରେ ଚଢ଼ଉ

# ଟ୍ରାକ୍ଟର, କମ୍ପ୍ରେସର୍ ମେସିନ୍ ଓ ବିସ୍ଫୋରକ ଜବତ, ୪ ଗିରଫ

**ଖଣ୍ଡପଡ଼ା,୧୨।୫/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ତହସିଲ ଅଧୀନ ସିଂଘାପଡା ପଞ୍ଚାୟତର ବେଡାଙ୍ଗୀ ଫାର୍ମହାଉସ୍‌ରୁ ଟ୍ରାକ୍ଟର, କଂପ୍ରେସର ମେସିନ୍ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ ମାଫିଆମାନେ କମ୍ପ୍ରେସର୍ ମେସିନ୍ ବ୍ୟବହାର କରି ଡିନାମାଇଟ୍ ସାହାଯ୍ୟରେ ବିସ୍ଫୋରଣ କରି ବେଆଇନ ଭାବେ ବର୍ଷ ବର୍ଷ ଧରି ଲଘୁ ଖଣିଜ ସମ୍ପଦ ଲୁଟ୍ କରି ଆସୁଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଆଧାରରେ ଖଣ୍ଡପଡା ଏସଡିପିଓ ସଦଳବଳେ ଖଣି ବିଭାଗ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଗୋଟିଏ ନୀଳ ରଙ୍ଗର ଟ୍ରାକ୍ଟର, ଗୋଟିଏ କମ୍ପ୍ରେସର୍ ମେସିନ୍, ୨୩୮ଟି ଆଲୁମିନିୟମ ଡେଟୋନେଟର ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି। ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଭାପୁର ବ୍ଲକ ଅଧୀନ ବଳଦିଆନୂଆଗାଁର ପୀତବାସ ବେହେରା(୫୪), ନିକଟସ୍ଥ ପଥରପୁଞ୍ଜି ଗ୍ରାମର ଉପେନ୍ଦ୍ର କୁମାର ସ୍ୱାଇଁ(୪୯), ବାଘୁଆପଲ୍ଲୀ ଗ୍ରାମର ସୁଦାମ ମଲ୍ଲିକ(୫୦)ଙ୍କ ସମେତ ସୁଦୂର କେନ୍ଦୁଝର ଜିଲ୍ଲାର ତୁରୁମୁଙ୍ଗା ଥାନା ଅଧୀନ ମଙ୍ଗଳପୁର ଗ୍ରାମର ବେଲାରସେନ ପାତ୍ର ଓରଫ ବାଦଲ(୪୧)ଙ୍କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଖଣ୍ଡପଡା ଏସଡିପିଓ ମଦନମୋହନ ପ୍ରଧାନଙ୍କଠାରୁ ପ୍ରକାଶ। ପୁଲିସର ଏହି ଚଢ଼ଉ ଅଭିଯାନ ପରେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଲଘୁ ଖଣିଜ ସମ୍ପଦ ଲୁଟ୍ କରୁଥିବା ମାଫିଆମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହି ସ୍ଥାନରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ପଥରଖଣି ଚଳାଇଥିବା ମାଷ୍ଟରମାଇଣ୍ଡ ମାଫିଆକୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

# ନଗଡ଼ା ସ୍ଥିତି ପରଖିଲେ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର,ଯାଜପୁର,୧୨।୫/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଯାଜପୁର ଜିଲ୍ଲା ଗସ୍ତରେ ଆସି ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଗସ୍ତକରି ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଧୁଧୁ ଖରାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଗିରୀଶ ଏସ୍ଏନ୍, ବିଭାଗୀୟ ନିର୍ଦ୍ଦେଶକ ବିନିତ ଭରଦ୍ୱାଜ ଓ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସହିତ ଘରକୁ ଘର ବୁଲି ନଗଡ଼ାବାସୀଙ୍କ ଭଲମନ୍ଦ ବୁଝିଛନ୍ତି।

ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଉପସ୍ଥିତ ରହି ନଗଡ଼ା ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଶାସନ ସଚିବ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାଧାରଣ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଉପର ନଗଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ସେ ଗ୍ରାଉଣ୍ଡ ଜିରୋ ସ୍ଥିତି ସମୀକ୍ଷା କରିଥିଲେ। ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘର ବାବଦକୁ କିଛି ହିତାଧିକାରୀ ୬୦ ପ୍ରତିଶତ କାର୍ଯ୍ୟ ଦେଖି ମୁଖ୍ୟ ଶାସନ ସଚିବ ଉଦ୍‌ବେଗ ପ୍ରକାଶ କରିଥିଲେ। ଯଥାଶୀଘ୍ର ସମ୍ପୂର୍ଣ୍ଣ ଘର ପାଇଁ ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ ଓ ବିଡିଓ ପ୍ରଦୀପ୍ତ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନ ଯାଇ ନିଜ ଘରେ ସନ୍ତାନ ପ୍ରସବ କରି ପ୍ରତିଷେଧକ ଟିକା ନେଇନଥିବା ଶିକର ପ୍ରଧାନଙ୍କ ପତ୍ନୀ ସୁବାଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମମତା ଯୋଜନାରେ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବଳରାମ ମିଶ୍ର ଓ ମୁଖ୍ୟଯନ୍ତ୍ରୀ ଇଂ ରତ୍ନାକର ସାହୁଙ୍କ ଉପସ୍ଥିତିରେ ଯୋଗାଣ ପାନୀୟଜଳର ମାନ ଏବଂ ଏଥିରେ ଥିବା ଫ୍ଲୋରାଇଡ୍‌ର ମାତ୍ରା ସମ୍ପର୍କରେ ଅବଗତ ହୋଇଥିଲେ। କଟିକିଆ ପ୍ରଧାନଙ୍କ ଘରକୁ ଯାଇ ଶସ୍ୟ ସଂରକ୍ଷଣ ପଦ୍ଧତି ଓ ଜୁଆଙ୍ଗ ଚଳଣି ଦେଖିଥିଲେ।

### ତାଡିକୁ କଲେନି ଖାତିର୍

ଗ୍ରାମବାସୀଙ୍କ ସ୍ନାନଶୌଚ ପାଇଁ ପୋଖରୀ ଖୋଳାଇବା ଦାବି ଆଧାରରେ ଗାଁ ଉପର ମୁଣ୍ଡ ଝର ଜାଗାରେ ବାସ୍ତବ ସ୍ଥିତି ଅନୁଧ୍ୟାନକରି ପଦକ୍ଷେପ ନେବା ପାଇଁ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାଂଶ ମହିଳା ସୁଭଦ୍ରା ଟଙ୍କାରେ ଛେଳି ଓ କୁକୁଡ଼ା ପାଳନ କରୁଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନ ଆଧାରରେ ଚାଷଜମି ପଟ୍ଟା ପ୍ରଦାନ ପାଇଁ ଜିଲ୍ଲାପାଳ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଡିଏଫ୍ଓ ଅନିଲ ରାୟ ଓ ଏସିଏଫ୍ ସନ୍ତୋଷ କୁମାର ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ନିତ୍ୟାନନ୍ଦ ବାରିକ ଓ ବିଇଓ ନାରାୟଣ ଦାସଙ୍କୁ ନେଇ ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ପରିଦର୍ଶନରେ ସ୍କୁଲ ପରିଚାଳନା ସମିତି ସଭାପତି କୃପା ପ୍ରଧାନ ଓ ଚୁକୁଲି ପ୍ରଧାନ ଜୁଆଙ୍ଗ ଭାଷାରେ ପାଠପଢ଼ା, ସ୍କୁଲ ପାଚେରି ଓ ଝରଣା ପାଣି ସଂରକ୍ଷଣ ଦାବି କରିଥିଲେ। କେତେକ ପିଲା ସ୍କୁଲରେ ନିୟମିତ ଅନୁପସ୍ଥିତ ରହୁଥିବା ଜାଣି ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ଦେଓଗାଁରେ ୩ ବର୍ଷ ଧରି ଅବ୍ୟବହୃତ ଥିବା ୨ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ୍ ବୁଲି ତୁରନ୍ତ କାର୍ଯ୍ୟକ୍ଷମ ଦିଗରେ ଡିଡବ୍ଲ୍ୟୁଓ ଶରତ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ କମଳ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟ ଶାସନ ସଚିବ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଏହାର ଉନ୍ନତୀକରଣ ପାଇଁ ସିଡିଏମ୍ଓ ଡା. ପ୍ରକାଶ ଚନ୍ଦ୍ର ବଳ, ଅଧୀକ୍ଷକ ଡା. ଜୟଦେବ ନନ୍ଦ ଓ ଡିପିଏମ୍ ବିଶ୍ୱରଞ୍ଜନ ରଥଙ୍କୁ ପରାମର୍ଶ ଦେଇଥିଲେ। ଡିଏସ୍‌ଡବ୍ଲ୍ୟୁ ପାର୍ବତୀ ସାହୁ, ଡିଏସ୍ଏସ୍ଓ ରବୀନ୍ଦ୍ରନାଥ ବେହେରା, ସହକାରୀ ନିର୍ଦ୍ଦେଶକ(ଉଦ୍ୟାନ) ରାଧେଶ୍ୟାମ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଅବିନାଶ ବାରିକ ଓ ଡିଏମ୍ଏଫ୍ ଟିମ୍ ଲିଡର୍ ଡ. ସତ୍ୟ ସ୍ୱରୂପ ପଣ୍ଡା, ଆଶୀର୍ବାଦ ନାୟକ, ଓମ୍ଆଡସି ଶିକ୍ଷା ଅଧିକାରୀ ଦୀପକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଜିପିଙ୍କ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

## ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ି ଉଦ୍‌ଘାଟିତ





**ପୁରୀ,୧୨।୫/ଏନ୍ଏନ୍ଏସ୍:** ଆଗାମୀ ସ୍ନାନଯାତ୍ର ଏବଂ ରଥଯାତ୍ରା ସୁରକ୍ଷିତ, ଶୃଙ୍ଖଳିତ ଭାବେ କରିବା ନେଇ ପୁଲିସ ଡିଜି (ଡିଜିପି) ୱାଇଭି ଖୁରାନିୟା ପୁରୀଠାରେ ଆଜି ସମୀକ୍ଷା କରିଛନ୍ତି। ବୈଠକରେ ଦେଶରେ ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ସହ ରଥଯାତ୍ରା ସମୟରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରାଜ୍ୟ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି ବୈଠକରର ଯୋଗଦାନ କରିଥିଲେ। ଶୃଙ୍ଖଳିତ ରଥଯାତ୍ରା କରିବା ନେଇ ପୁଲିସ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଥିବା ଡିଜିପି ବୈଠକ ପରେ ସୂଚନା ଦେଇଥିଲେ। ଏଥର ରଥଯାତ୍ରାରେ କଡ଼ା ସୁରକ୍ଷା ନେଇ କୋଷ୍ଟଗାର୍ଡ, ଭାରତୀୟ ନୌସେନାର ସହଯୋଗ ନିଆଯିବ ସହ ସହରରେ ସିସିଟିଭି ଓ ଏଆଇ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ପୁରୀ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ୍ ରହିଥିବା ଡିଜିପି ୱାଇଭି ଖୁରାନିୟା ମତ ରଖିଥିଲେ। ଶୃଙ୍ଖଳିତ ରଥଯାତ୍ରା ନେଇ ବ୍ୟାପକ ପୁଲିସ ଫୋର୍ସ ମୁତୟନ ସହ ସହରରେ ସିସି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନର ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନା ର ମଧ୍ୟ ସହଯୋଗ ଲୋଡ଼ାଯିବ। ସେହିପରି ସୁରକ୍ଷା ଦୃଷ୍ଟି କୋଣରୁ ସ୍ୱତନ୍ତ୍ର ଏଆଇ ଟେକ୍‌ନୋଲୋଜି ବ୍ୟବହାର କରାଯିବା ସହ ଆର୍‌ପିଏଫ୍ ଓ ଅନ୍ୟାନ୍ୟ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯିବ। ଏ ନେଇ ଆଜି ପୁରୀ ଏସ୍‌ପି କାର୍ଯ୍ୟାଳୟଠାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଡିଜିପି ୱାଇଭି ଖୁରାନିୟା ସୂଚନା ଦେଇଥିଲେ। ଭୁବନେଶ୍ୱରରୁ ପୁରୀ ଆସୁଥିବା ଯାନବାହନର ଚଳାଚଳର ସୁବ୍ୟବସ୍ଥା ସହ ବଡ଼ ଦାଣ୍ଡରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ସମେତ ଶୃଙ୍ଖଳିତ ରଥ ଟଣା କରାଇବା ନେଇ ସବିଶେଷ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ଭାବେ ଚଳିତ ବର୍ଷ ସୁରକ୍ଷାକୁ ଆଖି ଆଗରେ ରଖି କୋଷ୍ଟାଲ ସିକ୍ୟୁରିଟିକୁ ବ୍ୟାପକ କରାଯଇଥିବା ଡିଜିପି ମତ ରଖିଥିଲେ। ଆଜି ବୈଠକ ପୂର୍ବରୁ ଡିଜିପି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିବାବେଳେ ଶ୍ରୀମନ୍ଦିର ଓ ପୁରୀର ସୁରକ୍ଷା ନେଇ ଏକ ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ୍ ରକ୍ଷକ ଗାଡ଼ି କେନ୍ଦ୍ର ସୁରକ୍ଷା ବଳର ବଜ୍ରଯାନ ଉଦ୍‌ଘାଟନ କରିଥିବା ଜଣାପଡ଼ିଛି। ଏଥିରେ ବିଭିନ୍ନ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ରହିଛି। ବଜ୍ର ଯାନ ଦ୍ୱାରା ଶ୍ରୀମନ୍ଦିରକୁ ୨୪ ଘଣ୍ଟିଆ ସୁରକ୍ଷା ଦେବେ ସ୍ୱତନ୍ତ୍ର କାମାଣ୍ଡୋ। ବୈଠକରେ ରାଜ୍ୟ ପୁଲିସ ବରିଷ୍ଠ ଆଇପିଏସ୍ ପଦାଧିକାରୀମାନେ ଯୋଗଦାନ କରିଥିବାବେଳେ ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆତଙ୍କୀ ହମ୍‌ଲା ଉପରେ କଡ଼ା ନଜର ରହିବ ବୋଲି ସୂଚନା ମିଳିଛି।

ସୂଚନା ଥାଉ କି ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ପୁରୀ ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଥିଲା। ସୁରକ୍ଷାରେ ସ୍ୱତନ୍ତ୍ର ବାହିନୀଙ୍କ ମୁତୟନ କରାଯାଇଥିଲା। ୧୫୦ରୁ ଅଧିକ ପୁଲିସ କର୍ମଚାରୀ ଶ୍ରୀମନ୍ଦିରକୁ ଜଗି ରହିଥିଲେ। ସାରା ରାତି ପୁଲିସ ପକ୍ଷରୁ ଚେକିଂ ଏବଂ ବ୍ଲକିଂ କରାଯାଉଛି। ଏପରିକି ପୁରୀ ସହରର ବିଭିନ୍ନ ହୋଟେଲରେ ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ହୋଟେଲରେ ରହୁଥିବା ଲୋକଙ୍କ ପରିଚୟପତ୍ର ମଧ୍ୟ ପୁଲିସ ଯାଞ୍ଚ କରୁଥିବା ସୂଚନା ମିଳିଛି।

## କିଟ୍‌ରେ ଅନ୍ତର୍ଜାତୀୟ ସେବିକା ଦିବସ

# 'ନର୍ସମାନେ ଦୟା, ଯତ୍ନଶୀଳ ଓ ସେବା ମନୋବୃତ୍ତି ଆପଣାନ୍ତୁ'




**ଭୁବନେଶ୍ୱର,୧୨।୫/ଏନ୍ଏନ୍ଏସ୍:** କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସ ସାଇନ୍‌ସେସ୍ (କିନ୍‌ସ) ପକ୍ଷରୁ ଆଜି ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିନ୍‌ସର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କାର୍ଯ୍ୟରତ ନର୍ସମାନଙ୍କୁ ସମ୍ବୋଧିତ କରି କିଟ୍, କିସ୍ ଓ କିମ୍ସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ନର୍ସମାନେ ହେଉଛନ୍ତି ସେବାର ପ୍ରତୀକ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ରୋଗୀ ସୁସ୍ଥ ହେବାରେ ଡାକ୍ତରଙ୍କଠାରୁ ନର୍ସମାନଙ୍କର ଅଧିକ ଭୂମିକା ରହିଛି। ସେମାନଙ୍କ ସେବା ଓ ଯତ୍ନର ସ୍ପର୍ଶରେ ଜଣେ ରୋଗୀ ସୁସ୍ଥ ହୋଇପାରେ। ତେଣୁ ନର୍ସମାନେ ସର୍ବଦା ରୋଗୀଙ୍କ ପ୍ରତି ଦୟା ଓ ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ସହ ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ନର୍ସମାନେ ସେବା ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ସାମନ୍ତ ପରାମର୍ଶ ଦେଇଥିଲେ।

ନର୍ସିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ ଛାତ୍ରଛାତ୍ରୀଙ୍କ ସେବା ଓ ଉତ୍ସର୍ଗୀକୃତ ମନୋଭାବକୁ ପ୍ରତିପାଦିତ କରୁଛି। କିମ୍ସ୍‌ରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ସେବା କରିବାର ବ୍ୟାପକ ସୁଯୋଗ ରହିଥିବାରୁ କିମ୍ସ୍ ଛାତ୍ରଛାତ୍ରୀମାନେ ଏହାର ସଦୁପଯୋଗ କରି ନର୍ସିଂ ପେଶାରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଚଳିତବର୍ଷ ଅନ୍ତର୍ଜାତୀୟ ସେବିକା ଦିବସର ବିଷୟବସ୍ତୁ 'ଆୱାର ନର୍ସେସ୍ ଆୱାର୍ ଫିଉଚର୍-କେୟାରିଂ ଫର୍ ନର୍ସେସ୍ ଷ୍ଟ୍ରେନ୍‌ଦେନ୍‌ସ ଇକୋନମିଜ୍' ଉପରେ ଗୁରୁତ୍ୱଦେଇ କହିଲେ ଯେ ନର୍ସମାନେ ଠିକ୍ ସେବା ଯୋଗାଇ ଦେଲେ ଏହା ଉଭୟ ରୋଗୀ ଓ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅନୁଷ୍ଠାନର ଅର୍ଥନୀତି ସୁଦୃଢ଼ କରିପାରିବ। ତେଣୁ ନର୍ସମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସର୍ବଦା ଠିକ୍ ରହିବା ଉଚିତ ବୋଲି ସେ କହିଥିଲେ। ନର୍ସମାନେ ହେଉଛନ୍ତି ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ସେତୁବନ୍ଧ ବୋଲି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି କହିଥିଲେ। ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ଅନୁଷ୍ଠାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରେ ନର୍ସଙ୍କ ସଂଖ୍ୟା ଅଧିକ। ନର୍ସଙ୍କ ବିନା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଅସମ୍ଭବ ବୋଲି ସେ ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କିମ୍ସ୍ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଆର ସି ଦାସ, କିମ୍ସ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ମାନସ ରଞ୍ଜନ ବେହେରା, ସ୍କୁଲ୍ ଅଫ୍ ନର୍ସିଂ, ଆଲାଏଡ୍ ସାଇନ୍‌ସେସ୍, ଫାର୍ମାସୀ ଓ ଫିଜିଓଥେରାପି ସ୍କୁଲ୍‌ର ନିର୍ଦ୍ଦେଶକ ବ୍ରିଗେଡ଼ିୟର ଡା. ଅମ୍ବିକା ପ୍ରସାଦ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କିନ୍‌ସ ଅଧ୍ୟକ୍ଷା ପ୍ରଫେସର ଡ. ନିୟତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିମ୍ସ ନର୍ସିଂ ଅଧୀକ୍ଷକ ଗୀତାଞ୍ଜଳି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିନ୍‌ସର ବାର୍ଷିକ ସ୍ମରଣିକା 'କାରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ସାନ୍ତାଳୀ ଭାଷାକୁ ମୃତ୍ୟୁ ସଞ୍ଜୀବନୀ ପ୍ରଦାନ କରିଛନ୍ତି ପଣ୍ଡିତ ରଘୁନାଥ



**ଭୁବନେଶ୍ୱର,୧୨।୫/ଏନ୍ଏନ୍ଏସ୍:** ଶହେ ବର୍ଷ ତଳେ ବିଲୁପ୍ତପ୍ରାୟ ସାନ୍ତାଳୀ ଭାଷା ଆଜି ବିଶ୍ୱ ଦରବାରରେ ଗୌରବର ସହ ଦଣ୍ଡାୟମାନ। ଏହି ଭାଷାକୁ ମୃତ୍ୟୁ ସଞ୍ଜିବନୀ ପ୍ରଦାନ କରିଛନ୍ତି ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ। ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ଜନ୍ମିତ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଆଜି ୧୨୦ତମ ଜୟନ୍ତୀ। ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଗ୍ରାମରେ ପିତା ନନ୍ଦଲାଲ ମୁର୍ମୁ ଓ ମାତା ସଲମା ମୁର୍ମୁଙ୍କ କୋଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ। ସେ ଗମ୍ଭାରିଆ ୟୁପି ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିବାବେଳେ ଓଡ଼ିଆ ଭାଷା ବୁଝିବାରେ ଅସହାୟତା ଯୋଗୁଁ ତାଙ୍କ ମନରେ ସାନ୍ତାଳୀ ଭାଷାରେ ଶିକ୍ଷାର ଆବଶ୍ୟକତା ନେଇ ଭାବନା ଉଦ୍ରେକ ହୋଇଥିଲା। ୧୯୨୪-୨୫ରେ ବାରିପଦା ହାଇସ୍କୁଲରେ ପଢ଼ିବା ସମୟରେ ସେ ସାନ୍ତାଳୀ ଭାଷା ପାଇଁ ସ୍ୱତନ୍ତ୍ର ଲିପି 'ଅଲ୍‌ଚିକି' ଉଦ୍ଭାବନ କରିଥିଲେ। ଆଜି ସାନ୍ତାଳୀ ଭାଷା ପୁନର୍ଜୀବନ ପାଇଛି ଓ ସାନ୍ତାଳୀ ଶିକ୍ଷା ଏକ ବିପ୍ଳବର ରୂପ ନେଇଛି। ଆଜି 'ଅଲ୍‌ଚିକି' ଲିପି ୧୦୦ ବର୍ଷରେ ପଦାର୍ପଣ କରିଥିବାବେଳେ ଭାରତର ବହୁବର୍ଣ୍ଣ ଭାଷା-ସାହିତ୍ୟ ଜଗତରେ ଏହାର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଆଜି ଓଡ଼ିଶା ବିଧାନସଭାଠାରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଏସ୍‌ପି, ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଉପସଚିବ ଆଶିଷ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



**ପ୍ରତିକ୍ରିୟା....**

**• ବିରାଟଙ୍କ ସନ୍ନ୍ୟାସରେ ପତ୍ନୀ ଅନୁଷ୍କାଙ୍କ ଭାବୁକ ପୋଷ୍ଟ**



ବିରାଟ କୋହଲିଙ୍କ ସନ୍ନ୍ୟାସରେ ପତ୍ନୀ ଅଭିନେତ୍ରୀ ଅନୁଷ୍କା ଶର୍ମା ଏକ ଭାବୁକ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି- ସେମାନେ ରେକର୍ଡ ଓ ମାଇଲ୍‌ଷ୍ଟୋନ୍ ସମ୍ପର୍କରେ କହିବେ। ମାତ୍ର ମୋର ସେହି ଅଶ୍ରୁ ମନେ ରହିବ, ଯାହା ତୁମେ କେବେ ବି ଦେଖାଇ ନାହଁ, ସେହି ସଂଘର୍ଷ ଯାହାକୁ କେହି ଦେଖିନାହାନ୍ତି ଏବଂ ସେହି ଅତୁଟ ପ୍ରେମ ଯାହା ଟେଷ୍ଟ କ୍ରିକେଟ୍‌କୁ ଦେଇଛ। ପ୍ରତ୍ୟେକ ଟେଷ୍ଟ ସିରିଜ୍ ପରେ ତୁମେ ବିବେକଶୀଳ ଏବଂ ବିମ୍ରତାର ସହ ଫେରିଛି। ଏ ସବୁ ଜରିଆରେ ତୁମକୁ ବିକଶିତ ହେବା ଦେଖିବା ମୋ ପାଇଁ ଏକ ବିଶେଷାଧିକାର।' ଅନୁଷ୍କା ଆହୁରି ଲେଖିଛନ୍ତି, ମୁଁ ସର୍ବଦା କଳ୍ପନା କରୁଥିଲି ତୁମେ ଟେଷ୍ଟ କ୍ରିକେଟ୍‌ରୁ ଭିନ୍ନ ଭାବେ ସନ୍ନ୍ୟାସ ନେବ। କିନ୍ତୁ ତୁମେ ସର୍ବାଦା ତୁମ ହୃଦୟ କଥା ଶୁଣିଥାଅ।

**• ବିଶ୍ୱାସ ହେଉନାହିଁ : ରବି ଶାସ୍ତ୍ରୀ**

ଟିମ୍ ଇଣ୍ଡିଆ ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କହିଛନ୍ତି- ବିଶ୍ୱାସ ହେଉନାହିଁ। ଆପଣ ମଡର୍ଣ୍ଣ ଡେ ଲିଜେଣ୍ଡ, ଟେଷ୍ଟ କ୍ରିକେଟ୍‌ରେ ଆପଣଙ୍କ ନେତୃତ୍ୱ ଏହି ଫର୍ମାଟ୍‌ର ଦିଗ ବଦଳାଇ ଦେଇଛି। ସୁଖଦ ଅନୁଭବ ସହିତ ଧନ୍ୟବାଦ, ମୁଁ ଏହାକୁ ସର୍ବଦା ସ୍ମରଣ ରଖିବି। ଶାସ୍ତ୍ରୀ ଆହୁରି କହିଛନ୍ତି, କୋହଲି ଟେଷ୍ଟ କ୍ରିକେଟ୍‌କୁ ଆକ୍ରମଣତାର ସହ ଜୀଇଁଛନ୍ତି ଏବଂ ଏହି ଫର୍ମାଟ୍‌ରେ ଭାରତର ପରିଚୟକୁ ନୂଆ ଉଚ୍ଚତା ଦେଇଛନ୍ତି।

**• ଭବିଷ୍ୟତ ପାଇଁ ଶୁଭକାମନା: ହରଭଜନ ସିଂହ**

ପୂର୍ବତନ ଅଫ୍ ସ୍ପିନର୍ ହରଭଜନ ସିଂହ କହିଛନ୍ତି, ବିରାଟ ଆମ ସହିତ ଖେଳିଛନ୍ତି। ମିଳି ମିଶି ଆହ୍ୱାନର ସମ୍ମୁଖୀନ ହୋଇଛୁ। ଧଳା ଜର୍ସିରେ ଆପଣଙ୍କ ବ୍ୟାଟିଂ ସ୍ୱତନ୍ତ୍ର- କେବଳ ସଂଖ୍ୟାରେ ନୁହେଁ ବରଂ ଇଟେନ୍‌ସନ୍, ତୀବ୍ରତା ଏବଂ ପ୍ରେରଣାରେ ମଧ୍ୟ। ଭବିଷ୍ୟତ ପାଇଁ ଶୁଭକାମନା।

**• ମିସ୍ କରିବି : ଗୌତମ ଗମ୍ଭୀର**

ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଟେଷ୍ଟ କ୍ରିକେଟ୍‌ରୁ କୋହଲିଙ୍କ ସନ୍ନ୍ୟାସ ଉପରେ ପୋଷ୍ଟ କରି ଲେଖିଛନ୍ତି- ସିଂହ ଭଳି ପାସନ୍ ଥିବା କୋହଲିଙ୍କୁ ମିସ୍ କରିବି।

**• ବିସିସିଆଇ**

କୋହଲିଙ୍କ ସନ୍ନ୍ୟାସ ଘୋଷଣାର ପ୍ରତିକ୍ରିୟାରେ ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ତାଙ୍କୁ ଥ୍ୟାଙ୍କ୍ ୟୁ କହିଛି। ବୋର୍ଡ ସୋସିଆଲ୍ ମିଡିଆ ପୋଷ୍ଟରେ ଲେଖିଛି- 'ଟେଷ୍ଟ କ୍ରିକେଟ୍‌ରେ ଏକ ଯୁଗର ସମାପ୍ତ ହୋଇଛି, କିନ୍ତୁ ଐତିହ୍ୟ ଜାରିରହିବ। ଟିମ୍‌କୁ ପାଇଁ ସେ ଯେଉଁ ଯୋଗଦାନ କରିଛନ୍ତି, ତାହା ସର୍ବଦା ସ୍ମରଣ ରଖାଯିବ।'

**• ଏବି ଡିଭିଲିୟର୍ସ:** ସାଉଥ୍ ଆଫ୍ରିକାର ପୂର୍ବତନ କ୍ୟାପ୍ଟେନ୍ ଏବି ଡିଭିଲିୟର୍ସ କୋହଲିଙ୍କୁ ପ୍ରକୃତ ଲିଜେଣ୍ଡ କହିଛନ୍ତି। ଏବି କହିଛନ୍ତି, କୋହଲିଙ୍କ କୌଶଳ ସର୍ବଦାର ପ୍ରେରଣା ଦେଇଥାଏ। ସେ ଶ୍ରଦ୍ଧାରେ କୋହଲିଙ୍କୁ ବିସ୍‌କୋଟି କହିଛନ୍ତି। ଏହି ଇଟାଲୀୟ ଶବ୍ଦର ଅର୍ଥ ବିସ୍କୁଟ।

**• କ୍ରିକେଟ୍ କୋହଲିଙ୍କ ନିକଟରେ ଋଣୀ: ହର୍ଷା ଭୋଗ୍‌ଲେ**

ପ୍ରସିଦ୍ଧ କମେଣ୍ଟେଟର୍ ହର୍ଷା ଭୋଗ୍‌ଲେ ଲେଖିଛନ୍ତି- ମୁଁ ଚାହୁଁଥିଲି ବିରାଟ ଦର୍ଶକରେ ପୂର୍ଣ୍ଣ ଷ୍ଟାଡିୟମ୍‌ରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କହନ୍ତୁ। ଟେଷ୍ଟ କ୍ରିକେଟର୍ ଚମତ୍କାର ଏବଂ ପ୍ରେରଣାଦାୟୀ, ଏହା ସେ ଟି-୨୦ କ୍ରିକେଟ୍ ସହ ଜଡ଼ିତ ଯୁବପିଢ଼ିଙ୍କୁ ଜଣାଇ ଦେଇଛନ୍ତି। ଏଇଥି ପାଇଁ ହିଁ ଖେଳ ତାଙ୍କ ନିକଟରେ ଋଣୀ।

# ଅଷ୍ଟ୍ରେଲୀୟ ଖେଳାଳିଙ୍କ ସମର୍ଥନରେ ସିଏ

**ମେଲବର୍ଣ୍ଣ,୧୨।୫/ଏଜେନ୍ସି:** ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ମଧ୍ୟରେ ଚଳିତ ସିଜନ୍‌ର ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)କୁ ସପ୍ତାହେ ସ୍ଥଗିତ ରଖାଯାଇଛି। ତେବେ ଦୁଇଦେଶ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ପରେ ଏକ ସପ୍ତାହ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହେବାକୁ ଥିବାବେଳେ ଖେଳାଳିଙ୍କୁ ଫେରିବା ପାଇଁ କୁହାଯାଇଛି। ତେବେ ସମସ୍ୟା ହେଉଛି, କେତେକ ଟିମ୍‌ର ଅଷ୍ଟ୍ରେଲୀୟ ଖେଳାଳି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। କୋଚିଂ ଷ୍ଟାଫ୍‌ର ସଦସ୍ୟ ଥିବା ରିକି ପଣ୍ଟିଂ ଓ ବ୍ରାଡ୍ ହାଡିନ୍‌ଙ୍କ ପରି କେତେକ ପୂର୍ବତନ ଖେଳାଳି ଭାରତରେ ଅଟକି ରହିଛନ୍ତି। ତେବେ ଅନ୍ୟତମ କୋଚ୍ ଜଷ୍ଟିନ୍ ଲାଙ୍ଗର୍ ଓ ମାଇକ୍ ହସି ସୀମାରେ ଉତ୍ତେଜନା କାରଣରୁ ଅଷ୍ଟ୍ରେଲିଆ ଫେରିଯାଇଛନ୍ତି। ଏହା ମଧ୍ୟରେ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ଏକ ବଡ଼ ଘୋଷଣା କରିଛି। ଆଇପିଏଲ୍ ସ୍ଥଗିତ ହେବାପରେ ସ୍ୱଦେଶ ଫେରିଥିବା ଖେଳାଳି ଯଦି ବାକି ମ୍ୟାଚ୍ ପାଇଁ ଭାରତ ଯିବାକୁ ଚାହାନ୍ତି, ସେମାନଙ୍କୁ ସିଏର ସମର୍ଥ ମିଳିବ। ମାତ୍ର ଭୟଭୀତ ଅଷ୍ଟ୍ରେଲୀୟ ଖେଳାଳି ସୁରକ୍ଷା କାରଣରୁ ପୁନଃ ଯିବାକୁ ଚାହିଁବେ ନାହିଁ ସେମାନଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ ବାଧ କରିବ ନାହିଁ ବୋଲି ମିଡିଆ ରିପୋର୍ଟରେ କୁହାଯାଇଛି। କ୍ରିକେଟ୍ ଅଷ୍ଟ୍ରେଲିଆ ସୂତ୍ରକୁ ଉଦ୍ଧାର କରି ସିଡ୍‌ନୀ ମର୍ଣ୍ଣିଂର ଏକ ରିପୋର୍ଟରେ କୁହାଯାଇଛି, ଏହି ପରିପ୍ରେକ୍ଷୀରେ ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ ନେଇ ଖେଳାଳିଙ୍କ ନିଷ୍ପତ୍ତିକୁ ସିଏ ସମର୍ଥନ କରିବ।



**। ଏକ ବିରାଟ ଯୁଗର ଅବସାନ ।**

# ଟେଷ୍ଟ କ୍ରିକେଟ୍‌ରୁ କୋହଲିଙ୍କ ସନ୍ନ୍ୟାସ

**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ଭାରତର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଫଳରେ କ୍ରିକେଟ୍‌ର ଏହି ଲମ୍ବା ଫର୍ମାଟ୍‌ରେ ତାଙ୍କ ଭବିଷ୍ୟତକୁ ନେଇ ଜାରି କଳ୍ପନା ଜଳ୍ପନାରେ ଅବସାନ ଘଟିଛି। ଏବେ ସେ କେବଳ ଦିନିକିଆ ଅନ୍ତର୍ଜାତୀୟରେ ଖେଳ ଜାରି ରଖିବେ। କୋହଲିଙ୍କ ସନ୍ନ୍ୟାସ ସହିତ ଟେଷ୍ଟ ଫର୍ମାଟ୍‌କୁ ଭାରତୀୟ ମହାନ୍ ଖେଳାଳିଙ୍କ ଅଲବିଦା କହିବା ଜାରି ରହିଛି। ରବିଚନ୍ଦ୍ରନ୍ ଅଶ୍ୱିନ (ଡିସେମ୍ବର) ଏବଂ ରୋହିତ ଶର୍ମା (ଗତ ସପ୍ତାହ) ମଧ୍ୟ ଏହି ଫର୍ମାଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି।

୩୬ ବର୍ଷୀୟ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରେ ଶେଷଥର ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ବର୍ଡର-ଗାଭାସ୍କର ଟ୍ରଫି (ବିଜିଟି)ରେ ଖେଳିଥିଲେ। ବିଜିଟିର ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତକୁ ୧-୩ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସିରିଜ୍‌ର ପ୍ରଥମ ମ୍ୟାଚ୍ ଅର୍ଥାତ୍ ପର୍ଥ ଟେଷ୍ଟରେ କୋହଲି ଶତକ ହାସଲ କରିଥିଲେ ମଧ୍ୟ ଏହାପରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା।

କୋହଲି ସନ୍ନ୍ୟାସ ନିଷ୍ପତ୍ତି ଏପରି ସମୟରେ ନେଇଛନ୍ତି, ଯେତେବେଳେ କି ଚୟନକର୍ତ୍ତା କିଛିଦିନ ମଧ୍ୟରେ ଇଂଲଣ୍ଡରେ ଆସନ୍ତା ମାସରେ ହେବାକୁ ଥିବା ୫ ଟେଷ୍ଟ ମ୍ୟାଚ୍‌ର ସିରିଜ୍ ପାଇଁ ଟିମ୍ ଚୟନ କରଥାନ୍ତେ। ସୂଚନାଯୋଗ୍ୟ କୋହଲି ଗତ ବର୍ଷ ଟି-୨୦ ଅନ୍ତର୍ଜାତୟରୁ ସନ୍ନ୍ୟାସ ନେଇଥିଲେ। ବିରାଟ କୋହଲି ୨୦୧୧ ଜୁନ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ସେତେବେଳେ ସେ ପ୍ରଥମ ଇନିଂସ୍‌ରେ ୪ ଏବଂ ଦ୍ୱିତୀୟ ଇନିଂସ୍‌ରେ ୧୫ ରନ୍ କରିଥିଲେ। ସେହିପରି ସିଡ୍‌ନୀରେ କୋହଲି କ୍ୟାରିୟର୍‌ର ଅନ୍ତିମ ଟେଷ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଅନ୍ତିମ ଟେଷ୍ଟର ପ୍ରଥମ ଇନିଂସ୍‌ରେ ସେ ୧୭ ଏବଂ ଦ୍ୱିତୀୟ ଇନିଂସ୍‌ରେ ୬ ରନ୍ କରିଥିଲେ। ୧୪ ବର୍ଷର ଟେଷ୍ଟ କ୍ୟାରିୟର୍‌ରେ କିଙ୍ଗ୍ କୋହଲି କିଙ୍ଗ୍ କୋହଲି ମୋଟ ୧୨୩ ମ୍ୟାଚ୍ ଖେଳିଥିବା ବେଳେ ଏହି ଅବସରରେ ୪୬.୮୫ ହାରାହାରିରେ ମୋଟ ୯୨୩୦ ରନ୍ କରିଛନ୍ତି। ଏହା ମଧ୍ୟରେ ୩୦ ଶତକ ଏବଂ ୩୧ ଅର୍ଦ୍ଧଶତକ ସାମିଲ। ଏହା ମଧ୍ୟରୁ ସର୍ବାଧିକ ୧୪ ଶତକ କୋହଲି ଭାରତରେ ହିଁ ହାସଲ କରିଛନ୍ତି। ବିଦେଶ ମାଟିରେ କୋହଲି ଅଷ୍ଟ୍ରେଲିଆରେ ସର୍ବାଧିକ ୯ ଏବଂ ନ୍ୟୁଜିଲାଣ୍ଡରେ ଗୋଟିଏ ଟେଷ୍ଟ ଶତକ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଅପରାଜିତ ୨୫୪ ରନ୍ କୋହଲିଙ୍କ ସର୍ବାଧିକ ସ୍କୋର୍। ୨୦୧୯ରେ ସାଉଥ୍ ଆଫ୍ରିକା ବିପକ୍ଷ ପୁଣେ ଟେଷ୍ଟରେ ସେ ୩୩୬ ବଲ୍‌ରୁ ୭୫.୫୯ ଷ୍ଟ୍ରାଇକ୍ ରେଟ୍‌ରେ ଏହି ସ୍କୋର୍ କରିଥିଲେ। ତାଙ୍କର ଏହି ଦ୍ୱିଶତକୀୟ ଇନିଂସ୍‌ରେ ୩୩ ଚୌକା ଓ ଦୁଇଟି ଛକା ସାମିଲ ଥିଲା।

ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ସନ୍ନ୍ୟାସ ଘୋଷଣା କରି କୋହଲି ଲେଖିଛନ୍ତି- ଟେଷ୍ଟ କ୍ରିକେଟ୍‌ରେ ପ୍ରଥମ ଥର ୧୪ ବର୍ଷ ତଳେ ବ୍ୟାଗି ବ୍ଲୁ ଜର୍ସି ପିନ୍ଧିଥିଲି। ସତ୍ୟ କହିବାକୁ ଗଲେ, ଏହି ଫର୍ମାଟ୍ ମୋତେ ଏ ପ୍ରକାର ଯାତ୍ରାରେ ନେଇଯିବ ମୁଁ କେବେ ବି ଭାବିନଥିଲି। ଏହା ମୋର ପରୀକ୍ଷା ନେଇଛି, ମୋତେ ପରିଚୟ ଦେଇଛି ଏବଂ ମୋତେ ଏପରି ଶିକ୍ଷା ଦେଇଛି, ଯାହା ମୁଁ ସାରା ଜୀବନ ମୋ ପାଖରେ ସାଇତି ରଖିବି। ଧଳା ଜର୍ସିରେ ଖେଳିବା ମୋ ପାଇଁ ବହୁତ ସ୍ୱତନ୍ତ୍ର ଏବଂ ବ୍ୟକ୍ତିଗତ ଅନୁଭବ। ପ୍ରରିଶ୍ରମ, ଲମ୍ବା ଦିନ, ଛୋଟ ଛୋଟ କ୍ଷଣ ଯାହାକି କେହି ଦେଖିନଥାନ୍ତି, ମାତ୍ର ଏହା ସର୍ବଦା ଆପଣଙ୍କ ସହିତ ରହିଥାଏ। ଏହି ଫର୍ମାଟ୍‌ରୁ ଦୂରେଇଯିବା ସହଜ ନୁହେଁ, ମାତ୍ର ଏହା ସତ୍ୟ। ମୁଁ ଏହାକୁ ମୋର ସବୁକିଛି ଦେଇଛି ଏବଂ ବଦଳରେ ଏହା ମୋତେ ମୋର ଆଶାଠାରୁ ଅଧିକ ଦେଇଛି। ମୋତେ ଏହି ଯାତ୍ରାରେ ଆଗକୁ ବଢ଼ିବାରେ ସହଯୋଗ ଓ ସମର୍ଥନ କରିଥିବା ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି। ମୁଁ ସର୍ବଦା ମୋ ଟେଷ୍ଟ କ୍ୟାରିୟର୍‌କୁ ହସୁଥିବା ଦେଖୁଥିବି।' ଶେଷରେ ପୋଷ୍ଟରେ ସେ ନିଜ ଜର୍ସି ନମ୍ବର '୨୬୯' ସହିତ 'ସାଇନିଂ ଅଫ୍' ଲେଖିଛନ୍ତି।




ଡାହାଣହାତୀ ବ୍ୟାଟର୍ ୭ ଦ୍ୱିଶତକ ସହ ଏହି ଫର୍ମାଟ୍‌ର ମହାନ୍ ଖେଳାଳି ରୂପେ ନିଜର ପରିଚୟ ସୃଷ୍ଟି କରିଛନ୍ତି, ଯାହା କୌଣସି ଭାରତୀୟ ଖେଳାଳିଙ୍କ ପାଇଁ ସର୍ବାଧିକ। ଏହି ମାମଲାରେ ସେ ମହାନ୍ ବ୍ୟାଟର୍ ସୁନୀଲ୍ ଗାଭାସ୍କର (୪), ସଚିନ୍ ତେନ୍ଦୁଲକର (୬), ବୀରେନ୍ଦ୍ର ସେହ୍ୱାଗ୍ (୬) ଏବଂ ରାହୁଲ ଦ୍ରାବିଡ୍ (୫)ଙ୍କଠାରୁ ବହୁ ଆଗରେ ରହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଟି-୨୦ ଲିଗ୍ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିବା ବେଳେ କୋହଲିଙ୍କ ଯାଦୁ ପ୍ରଶଂସକଙ୍କୁ ଟେଷ୍ଟ କ୍ରିକେଟ୍‌ରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ତୁଲାଇଥିଲା। ଏହି କଥା ସାର୍ ଭିଭ୍ ରିଚାର୍ଡ୍‌ସ ମଧ୍ୟ ସ୍ୱୀକାର କରିଛନ୍ତି, ଯାହାଙ୍କ ସହିତ ସର୍ବଦା କୋହଲିଙ୍କ ତୁଳନା କରାଯାଉଥିଲା।

ଟେଷ୍ଟ ଇତିହାସରେ କୋହଲି ଭାରତର ସବୁଠୁ ସଫଳ କ୍ୟାପ୍ଟେନ୍ ଭାବେ ପରିଗଣିତ। ୨୦୧୫ରେ ପ୍ରଥମେ ସାଉଥ୍ ଆଫ୍ରିକା ବିପକ୍ଷ ଘରୋଇ ସିରିଜ୍‌ରେ ଟିମ୍‌ର ନେତୃତ୍ୱ ନେଇଥିଲେ। ୪ ମ୍ୟାଚ୍‌ର ଏହି ଟେଷ୍ଟ ସିରିଜ୍ ଭାରତ ୩-୦ରେ ଜିତିଥିଲା। ତାଙ୍କ ନେତୃତ୍ୱରେ ଟିମ୍ ସମସ୍ତ ୧୧ ଘରୋଇ ସିରିଜ୍‌ରେ ବିଜୟୀ ହୋଇଛି। ଭାରତ ତାଙ୍କ ନେତୃତ୍ୱରେ ୬୮ ଟେଷ୍ଟ ମ୍ୟାଚ୍ ଖେଳିଥିବା ବେଳେ ୪୦ରେ ଟିମ୍‌କୁ ବିଜୟ ମିଳିଛି। କୋହଲି ନେତୃତ୍ୱରେ ସମ୍ଭାଳିବା ବେଳେ ଭାରତୀୟ ଟିମ୍ ସପ୍ତମ ସ୍ଥାନରେ ଥିଲା। ମାତ୍ର ନିଜର ଏବଂ ସାଥୀ ଖେଳାଳିଙ୍କ ପରିଶ୍ରମ ଫଳରେ କୋହଲି ଟିମ୍‌କୁ ବିଶ୍ୱ ନଂ.୧ ସ୍ଥାନରେ ପହଞ୍ଚାଇଥିଲେ।

# ମେ' ୧୭ରୁ ପୁଣି ଆଇପିଏଲ୍

**ଜୁନ୍ ୩ରେ ଫାଇନାଲ୍**

**୬ ଭେନ୍ୟୁରେ ଖେଳାଯିବ ବାକି ମ୍ୟାଚ୍**



**ମୁମ୍ବାଇ,୧୨।୫/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୧୮ଶ ସିଜନ୍ ମେ' ୧୭ ତାରିଖରୁ ପୁଣିଥରେ ଆରମ୍ଭ ହେବ। ଲିଗ୍ ଷ୍ଟେଜ୍ ବାକି ୧୩ ମ୍ୟାଚ୍ ୬ଟି ଭେନ୍ୟୁରେ ଖେଳାଯିବ। ମେ' ୨୯ରୁ ପ୍ଲେଅଫ୍ ଷ୍ଟେଜ୍ ଖେଳାଯିବ। ଜୁନ୍ ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଆୟୋଜିତ ହେବ। ସୋମବାର ରାତିରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍‌ରେ ଏହି ସୂଚନା ଦେଇଛି। ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି) ମଧ୍ୟରେ ମେ' ୧୭ ତାରିଖରେ ପ୍ରଥମ ମ୍ୟାଚ୍ ଖେଳାଯିବ। ଏହାପରେ ଜୟପୁର, ଦିଲ୍ଲୀ, ଲକ୍ଷ୍ନୌ, ମୁମ୍ବାଇ ଏବଂ ଅହମ୍ମଦାବାଦରେ ବାକି ମ୍ୟାଚ୍ ଖେଳାଯିବ। ମେ' ୨୭ ତାରିଖରେ ଲିଗ୍ ଷ୍ଟେଜ୍‌ର ସମାପ୍ତି ଘଟିବ। ମେ' ୨୯ରେ କ୍ୱାଲିଫାର୍-୧, ୩୦ରେ ଏଲିମିନେଟର୍ ଏବଂ ଜୁନ୍ ୧ ତାରିଖରେ କ୍ୱାଲିଫାୟର୍-୨ ମ୍ୟାଚ୍ ଖେଳାଯିବ। ମେ' ୧୮ ଏବଂ ୨୫ ତାରିଖ ରବିବାର ଦୁଇଟି ଡବଲ୍ ହେଡର୍ ମ୍ୟାଚ୍ ହେବ। ଅର୍ଥାତ୍ ୧୧ ଦିନରେ ଲିଗ୍ ଷ୍ଟେଜ୍‌ର ୧୩ ମ୍ୟାଚ୍ ଆୟୋଜିତ ହେବ। ପ୍ଲେଅଫ୍ ମ୍ୟାଚ୍‌ର ଭେନ୍ୟୁ ଏବେ ଘୋଷଣା କରାଯାଇ ନାହିଁ। ପୂର୍ବରୁ ହାଇଦ୍ରାବାଦ ଓ କୋଲ୍‌କାତାରେ ପ୍ଲେଅଫ୍ ମ୍ୟାଚ୍ ଖେଳାଯିବାର ଥିଲା।

ପଞ୍ଜାବ କିଙ୍ଗ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମେ' ୮ ତାରିଖରେ ଧର୍ମଶାଳାରେ ଅନୁଷ୍ଠିତ ମ୍ୟାଚ୍ ପାକିସ୍ତାନ ପକ୍ଷରୁ ଆକ୍ରମଣ ପରେ ଅଧାରୁ ରୋକିବାକୁ ପଡ଼ିଥିଲା। ଏହାପରେ ଟୁର୍ଣ୍ଣାମେଣ୍ଟକୁ ଏକ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ଘୋଷଣା କରାଯାଇଥିଲା। ଏହି ମ୍ୟାଚ୍ ଏବେ ମେ' ୨୪ ତାରିଖରେ ଜୟପୁରରେ ଖେଳାଯିବ। ଲିଗ୍ ଷ୍ଟେଜ୍‌ରେ ପ୍ରତ୍ୟେକ ଟିମ୍‌କୁ ୧୪ଟି ମ୍ୟାଚ୍ ଖେଳିବାକୁ ଥିବାବେଳେ ମୁମ୍ବାଇ, କୋଲ୍‌କାତା, ରାଜସ୍ଥାନ ଓ ଚେନ୍ନାଇର ଦୁଇଟି ଲେଖାଏଁ ମ୍ୟାଚ୍ ବାକି ରହିଛି। ସେହିପରି ଅନ୍ୟ ଟିମ୍‌ଗୁଡ଼ିକର ୩-୩ ଲିଗ୍ ମ୍ୟାଚ୍ ଖେଳାଯିବାକୁ ଅଛି।

# ଆଫଗାନିସ୍ତାନରେ ଚେସ୍ ଖେଳିବା ଉପରେ ରୋକ୍

**କାବୁଲ,୧୨।୫/ଏଜେନ୍ସି:** କ୍ଷମତାସୀନ ତାଲିବାନ ଧାର୍ମିକ କାରଣର ଦ୍ୱାହିଦେଇ ଆଫଗାନିସ୍ତାନରେ ଚେସ୍ ଖେଳିବା ଉପରେ ରୋକ୍ ଲଗାଇଛି। ଖାମା ପ୍ରେସ୍ ରିପୋର୍ଟ ଅନୁସାରେ ତାଲିବାନର ସଦାଚାର ସମ୍ବର୍ଦ୍ଧନ ଓ ଦୁରାଚାର ନିବାରଣ ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ପ୍ରତିବନ୍ଧକ କାରଣରୁ ଏହି ନିର୍ଣ୍ଣୟ ନିଆଯାଇଛି। ଏହି ନିଷ୍ପତ୍ତି ଲରେ ଦେଶରେ ଚେସ୍ ସହିତ ଜଡ଼ିତ ଗତିବିଧି ଉପରେ ଅନିଶ୍ଚିତ କାଳ ପାଇଁ ରୋକ୍ ଲାଗିଛି। ତାଲିବାନ ନେତୃତ୍ୱାଧୀନ ଖେଳ ମନ୍ତ୍ରଣାଳୟର ଅଧିକାରୀ ମେ ୧୧ ତାରିଖରେ ଚେସ ଗତିବିଧିକୁ ନିଲମ୍ବିତ କରିବା ସହିତ ଧାର୍ମିକ ଚିନ୍ତା ସମ୍ପର୍କରେ ଉପଯୁକ୍ତ ପ୍ରତିକ୍ରିୟା ମିଳିବା ପର୍ଯ୍ୟନ୍ତ ଦେଶରେ ଖେଳ ଉପରେ ପ୍ରତିବନ୍ଧକ ଜାରି ରହିବ ବୋଲି କହିଛନ୍ତି। ଚେସ୍ ଆଫଗାନିସ୍ତାନରେ ଏକ ବୌଦ୍ଧିକ ଖେଳ ଭାବେ ଜଣାଶୁଣା ଥିବା ବେଳେ ଗତ ବର୍ଷଗୁଡ଼ିକରେ ଏହାର ପୁନରୁତ୍‌ଥାନ ହୋଇଥିଲା। ଫଳରେ ଜାତୀୟ ମହାସଂଘ ତାଲିବାନ ନେତୃତ୍ୱାଧୀନ ଖେଳ ମନ୍ତ୍ରଣାଳୟ ଅଧୀନରେ କାମ କରୁଥିଲା। ତେବେ ଧାର୍ମିକ ଆଇନର ଦ୍ୱାହିଦେଇ ତାଲିବାନର ଏହି ମନୋଭାବ ଆଫଗାନିସ୍ତାନରେ ସାଂସ୍କୃତିକ ଏବଂ ମନୋରଞ୍ଜନ ଗତିବିଧିକୁ ପ୍ରତିବନ୍ଧିତ କରିବାରେ ତା'ର ବ୍ୟାପକ ରଣନୀତିକୁ ପ୍ରଦର୍ଶିତ କରୁଛି।

**ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍**

# ୟୁରୋପ ଚରଣ ପାଇଁ ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ,୧୨।୫/ଏଜେନ୍ସି:** ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ର ୟୁରୋପ ଚରଣ ନିମନ୍ତେ ହକି ଇଣ୍ଡିଆ ସୋମବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ମିଡ୍‌ଫିଲ୍ଡର୍ ସଲିମା ଟେଟେଙ୍କୁ ଦଳର କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି। ଭାରତ ଜୁନ୍ ୧୪ରୁ ୨୯ ତାରିଖ ମଧ୍ୟରେ ଲଣ୍ଡନ, ଆଣ୍ଟୱେର୍ପ ଏବଂ ବର୍ଲିନ୍‌ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ବେଲ୍‌ଜିୟମ୍ ଏବଂ ଚୀନ୍ ବିପକ୍ଷରେ ୨-୨ ମ୍ୟାଚ୍ ଖେଳିବ। ଟିମ୍ ଜୁନ୍ ୧୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଅନୁଭବୀ ଫରୱାର୍ଡ ନବୀନ କୌର୍ ଭାଇସ୍ କ୍ୟାପ୍ଟେନ୍ ଥିବାବେଳେ ଟିମ୍‌ରେ ଗୋଲ୍‌କିପର୍ ଭାବେ ସବିତା ପୁନିଆ ଓ ବିଚ୍ଛୁ ଦେବୀ ଖାରିବାମ୍‌ଙ୍କୁ ସାମିଲ କରାଯାଇଛି। ଅନୁଭବୀ ସୁଶୀଳା ଚାନୁ ପୁଖରାମବମ୍, ଜ୍ୟୋତି, ସୁମନ ଦେବୀ ଥୌଦମ, ଜ୍ୟୋତି ସିଂହ, ଇଶିକା ଚୌଧରୀ ଏବଂ ଜ୍ୟୋତି ଛତ୍ରୀ ଡିଫେଣ୍ଡର୍‌ର ହେବେ। ମିଡ୍‌ଫିଲ୍ଡ ଦାୟିତ୍ୱ ବୈଷ୍ଣବୀ ଭିଟ୍ଠଲ୍ ଫାଲ୍‌କେ, ସୁଜାତା କୁଜୁର, ମନୀଷା ଚୌହାନ୍, ନେହା, ସଲିମା, ଲାଲରେମ୍‌ସିୟାମୀ, ଶର୍ମିଳା ଦେବୀ, ସୁନୀତା ଟପ୍ପୋ ଏବଂ ମହିମା ଟେଟେଙ୍କ ଉପରେ ରହିବ। ସେହିପରି ନବନୀତ, ଦୀପିକା ସୋରେଙ୍ଗ୍, ବଲ୍‌ଜିତ୍ କୌର୍, ରୁତୁଜା ଦାଦାସୋ ପିସ୍‌ଲ, ବ୍ୟୁଟି ଡୁଙ୍ଗ୍‌ଡୁଙ୍ଗ୍ ଏବଂ ସାକ୍ଷୀ ରାଣା ଟିମ୍‌ର ଫରୱାର୍ଡ ଖେଳାଳି ହେବେ। ଷ୍ଟାଣ୍ଡବାଇ ସୂଚୀରେ ଗୋଲ୍‌କିପର୍ ବଂସରୀ ସୋଲାଙ୍କି ଏବଂ ଡିଫେଣ୍ଡର୍ ଅଜମିନା କୁଜୁରଙ୍କୁ ସ୍ଥାନ ମିଳିଛି।




ସଲିମା ଟେଟେଙ୍କୁ ନେତୃତ୍ୱ

ଟିମ୍ ଚୟନ ଉପରେ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂହ କହିଛନ୍ତି, ଅନୁଭବୀ ଏବଂ ଯୁବ ପ୍ରତିଭାଙ୍କ ସମିଶ୍ରଣରେ ଆମେ ଏକ ସନ୍ତୁଳିତ ଦଳ ଘୋଷଣା କରିଛୁ। ୟୁରୋପୀୟ ଚରଣ ପ୍ରୋ ଲିଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଚରଣ ହୋଇଥିବା ବେଳେ ଆମେ ବିଶ୍ୱର କେତେକ ସର୍ବଶ୍ରେଷ୍ଠ ଟିମ୍ ବିପକ୍ଷରେ ଚ୍ୟାଲେଞ୍ଜିଙ୍ଗ୍ ମ୍ୟାଚ୍ ଆଶା କରୁଛୁ।

**ଆନେକ୍ସ କପ୍ ଟି୨୦ କ୍ରିକେଟ୍**

# ଝାଡ଼ଖଣ୍ଡକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିଅନ୍

**ଜଗତସିଂହପୁର,୧୨।୫/ଏଜେନ୍ସି:** ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ କଲେଜ ପଡ଼ିଆରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଅଷ୍ଟାଦଶ ଆନେକ୍ସ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଝାଡ଼ଖଣ୍ଡର ସ୍ପୋର୍ଟିଂ ୟୁନିୟନ୍ କ୍ଲବ୍‌କୁ ହରାଇ କଟକର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ଚାମ୍ପିଅନ୍ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍ପୋର୍ଟିଂ ୟୁନିୟନ୍ କ୍ଲବ୍ ନିର୍ଦ୍ଧାରିତ ଓଭର୍‌ରେ ୮ ୱିକେଟ୍ ହରାଇ ୧୬୪ ରନ୍ କରିଥିଲା। ଟିମ୍ ପକ୍ଷରୁ ମଣିକାନ୍ତ ମିଶ୍ର ସର୍ବାଧିକ ୭୧ ରନ୍ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଟି (୧୮), ଅନୁଜ (୧୮), ରୋନି କୁମାର ଯାଦବ (୧୬), ସୂରଜ ଯାଦବ (୧୩) ଉପଯୋଗୀ ଯୋଗଦାନ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ରାମଚନ୍ଦ୍ର ବେହେରା ଓ ବିପ୍ଳବ ସାମନ୍ତରା ୩-୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବିପ୍ଳବ ସାମନ୍ତରାୟ (୬୧) ଓ ଆଦିତ୍ୟ ରାଉତ (୫୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ରାଇଜିଂ ଷ୍ଟୁଡେଣ୍ଟ ୧୭.୪ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୧୭୦ ରନ୍ କରି ବିଜୟୀ ହୋଇଥିଲା। ଟିମ୍ ପକ୍ଷରୁ ରାମଚନ୍ଦ୍ର ବେହେରା ୩୯ ରନ୍‌ର ଯୋଗଦାନ କରିଥିଲେ।




ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲାପାଳ ଜେ ସୋନାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଆନ୍ତର୍ଜାତୀୟ ଗଲ୍ଫ ଖେଳାଳି ଲକି ସ୍ୱାଇଁ, ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ସଦର ଥାନା ଆଇଆଇସି ପ୍ରଭାସ ସାହୁ, ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ନାଉଗାଁ ଜିଲ୍ଲା ପରିଷଦ ସଦସ୍ୟା ଅମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଜେତା ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍‌କୁ ୧ ଲକ୍ଷ ଟଙ୍କା ଓ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନରଅପ୍ ସ୍ପୋର୍ଟିଂ ୟୁନିୟନ୍ କ୍ରିକେଟ୍ କ୍ଲବ୍‌କୁ ନଗଦ ୭୦ ହଜାର ଟଙ୍କା ସହିତ ଟ୍ରଫି ଦେଇଥିଲେ। ବିପ୍ଳବ ସାମନ୍ତରାୟ ମ୍ୟାନ୍ ଅଫ୍ ଦ ଫାଇନାଲ୍ ଏବଂ ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ୍ ଦ ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଏହା ବ୍ୟତୀତ ଆଦିତ୍ୟ ରାଉତ ଶ୍ରେଷ୍ଠ ବ୍ୟାଟର୍, ରାମଚନ୍ଦ୍ର ବେହେରା ଶ୍ରେଷ୍ଠ ବୋଲର୍, କୁମାର ଅଙ୍କିତ ଶ୍ରେଷ୍ଠ ଫିଲ୍ଡର ଏବଂ ବିକ୍ରମ ସାମଲ ଶ୍ରେଷ୍ଠ ୱିକେଟ୍ ଭାବେ ପୁରସ୍କୃତ ହୋଇଥିଲେ। ଫାଇନାଲ୍ ମ୍ୟାଚ୍‌କୁ ଆଶୁତୋଷ ପାଣି ଓ ଦିଲୀପ କୁମାର ସାମଲ, ମିଲନ ଓଝା ଓ ବାପି ବିଶୋଇ ପରିଚାଳନା କରିଥିଲେ।

# ଚମାରୀ ଅଟାପାଟ୍ଟୁଙ୍କୁ ଜୋରିମାନା

**ଦୁବାଇ,୧୨।୫/ଏଜେନ୍ସି:** ଶ୍ରୀଲଙ୍କା ମହିଳା ଟିମ୍‌ର କ୍ୟାପ୍ଟେନ୍ ଚମାରୀ ଅଟାପାଟ୍ଟୁଙ୍କୁ ଆଇସିସି ଆଚାର ସଂହିତାର ଉଲ୍ଲଂଘନ କାରଣରୁ ମ୍ୟାଚ୍ ଫି'ର ୧୦% ଜୋରିମାନା କରାଯାଇଛି। ଏହା ସହିତ ତାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି। ଏହା ୨୪ ମାସରେ ତାଙ୍କର ପ୍ରଥମ ଅପରାଧ। ଅଟାପାଟ୍ଟୁ ମହିଳା ତ୍ରିକୋଣୀୟ ସିରିଜ୍ ଅବସରରେ ସାଉଥ୍ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଆଇସିସିର ଲେଭଲ୍-୧ ଆଚାର ସଂହିତା ଉଲ୍ଲଂଘନ କରିଥିଲେ। ସିରିଜ୍‌ର ୬ଷ୍ଠ ମ୍ୟାଚ୍‌ର ୩୨ତମ ଓଭର୍‌ରେ ତାଙ୍କ ବଲ୍‌ରେ ସାଉଥ୍ ଆଫ୍ରିକାର ଏନେରୀ ଡର୍କସେନ୍ ଏକ ଚୌକା ମାରିଥିଲେ। ଏଥିରେ ରାଗିଯାଇ ଚମାରୀ ନିଜ ଚଷମାକୁ ପଡ଼ିଆରେ ଫୋପାଡ଼ି ଭାଙ୍ଗି ଦେଇଥିଲେ। ଆଇସିସି ମ୍ୟାଚ୍ ରେଫରି ମିଶେଲ୍ ଫେରେରା କରିଥିବା ଦଣ୍ଡାଦେଶକୁ ଚମାରୀ ସ୍ୱୀକାର କରିନେଇଥିବାରୁ ମାମଲାର ଔପଚାରିକ ଶୁଣାଣିର ଆବଶ୍ୟକତା ପଡ଼ିନାହିଁ। ଫିଲ୍ଡ ଅମ୍ପାୟାର୍ ଅନ୍ନା ହାରିସ୍ ଓ ଇନ୍ଦ୍ରେନୁ ଡି ସିଲ୍‌ଭା ତୃତୀୟ ଅମ୍ପାୟାର୍ ଲିଣ୍ଡନ୍ ହାନିବଲ୍ ଓ ଚତୁର୍ଥ ଅମ୍ପାୟାର୍ ନିମାଲି ପରେରା ଶ୍ରୀଲଙ୍କା କ୍ୟାପ୍ଟେନ୍‌ଙ୍କ ବିରୋଧରେ ଏହି ଅଭିଯୋଗ କରିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra